॥ ଶ୍ରୀହରିଃ ॥

1173

ଭକ୍ତ ଚନ୍ଦ୍ରିକା

(ଭକ୍ତ ଚରିତମାଳାର ପଞ୍ଚମ ଖଣ୍ଡ)

भक्त चन्द्रिका (ओड़िआ)



ଗୀତାପ୍ରେସ, ଗୋରଖପୁର

1173

॥ ଶ୍ରୀହରିଃ ॥

ଭକ୍ତ ଚନ୍ଦ୍ରିକା

(ଭକ୍ତ ଚରିତମାଳାର ପଞ୍ଚମ ଖଣ୍ଡ)

भक्त चन्द्रिका (ओड़िआ)

ତ୍ୱମେବ	ମାତା ଚ	ପିତା	ତ୍ୱମେବ
ତ୍ୱମେବ	ବନ୍ଧୁଶ୍ଚ	ସଖା	ତ୍ୱମେବ ।
ତ୍ୱମେବ	ବିଦ୍ୟା	ଦ୍ରବିଣଂ	ତ୍ୱମେବ
ତ୍ୱମେବ	ସର୍ବଂ	ମମ	ଦେବଦେବ ॥

ଲେଖକ : ହନୁମାନପ୍ରସାଦ ପୋଦ୍ଦାର
ଭାଷାନ୍ତର : ସ୍ୱାମୀ ଶିବାନନ୍ଦ ଗୁରୁସେବାନନ୍ଦ ସରସ୍ୱତୀ
ଓଡ଼ିଆ ସମ୍ପାଦନା : ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ ସରସ୍ୱତୀ

ଗୀତାପ୍ରେସ, ଗୋରଖପୁର

Books are also available at—

1. Gita Press, Gorakhpur Ki Pustak-Dukan,
   Bharatiya Towers, Badam Badi, Cuttack
   ✆ (0671) 2335481, Mob. 8847856627
2. Cuttack, Railway Station, Platform No.1
3. Bhubaneswar, Railway Station, Platform No.1
4. Howrah, Railway Station, Platform No.5&18 Both.
5. Gobind Bhavan, 151, Mahatma Gandhi Road,
   Kolkata ✆ (033) 40605293, 22680251; 22686894

Tenth Reprint 2020 1,000

Total 32,000

❖ **Price : ₹ 12**

(Twelve Rupees only)

Printed & Published by :

Gita Press, Gorakhpur—273005 (INDIA)

(a unit of Gobind Bhavan-Karyalaya, Kolkata)

Phone : (0551) 2334721, 2331250, 2331251

web : **gitapress.org** e-mail : **booksales@gitapress.org**

Visit gitapressbookshop.in for online purchase of Gitapress publications

॥ ଶ୍ରୀହରିଃ ॥

ନିବେଦନ

ଏହି ପୁସ୍ତକଟି ହେଉଛି ଭକ୍ତଚରିତମାଳାର ପଞ୍ଚମ ପୁଷ୍ପ। ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା କେତୋଟି କଥା '*ସନ୍ତଲୀଳାମୃତ*' ପୁସ୍ତକରୁ ଏବଂ ଆଉ କେତୋଟି କଥା '*ଭକ୍ତେର ଜୟ*' ପୁସ୍ତକରୁ ନିଆଯାଇଛି। '*ଭକ୍ତେର ଜୟ*' ପୁସ୍ତକର ଲେଖକ ଗୋସ୍ୱାମୀପାଦ ଶ୍ରୀ ଅତୁଲକୃଷ୍ଣଜୀ ଅନୁବାଦଗୁଡ଼ିକ ଛାପିବାକୁ ଅନୁମତି ଦେଇଥିବାରୁ ଆମେ ତାଙ୍କ ନିକଟରେ କୃତଜ୍ଞ। ସବୁ କଥାଗୁଡ଼ିକ ଅତ୍ୟନ୍ତ ରୋଚକ ଓ ଭକ୍ତି-ଉତ୍ପାଦକ। ଆମର ଆଶା, ପାଠକମାନେ ଏଗୁଡ଼ିକ ପାଠ କରି ବିଶେଷ ଉପକୃତ ହେବେ।

ହନୁମାନପ୍ରସାଦ ପୋଦ୍ଦାର

ସୂଚୀପତ୍ର

କ୍ର.ନଂ.	ବିଷୟ	ପୃଷ୍ଠା
୧.	ସାଧ୍ୱୀ ସଖୁବାଈ	5
୨.	ଭକ୍ତ ଶ୍ରୀ ଦୀନବନ୍ଧୁ ଦାସ ଓ ତାଙ୍କର ପରିବାର	18
୩.	ଭକ୍ତବର ଶ୍ରୀ ବିଟ୍‌ଠଲ୍ ଦାସ	35
୪.	ଭକ୍ତ ପୁରନ୍ଦର ଦାସ	43
୫.	ମହାଭାଗବତ ଶ୍ରୀ ଜ୍ୟୋତି ପନ୍ତ	48
୬.	ଭକ୍ତ ନାରାୟଣ ଦାସ	57
୭.	ଭକ୍ତ ବନ୍ଧୁ ମହାନ୍ତି	69

✹✹✹

॥ ଶ୍ରୀହରିଃ ॥

ଭକ୍ତ-ଚନ୍ଦ୍ରିକା

ସାଧ୍ୱୀ ସଖୂବାଈ

ଯେଉଁମାନେ ନିଜକୁ ପ୍ରିୟତମ ପରମାତ୍ମାଙ୍କ ଚରଣରେ ଅର୍ପଣ କରିଦେଇଛନ୍ତି, ସେମାନଙ୍କର ମହିମା ଅପାର । ଏପରି ଲୋକମାନେ ହିଁ ଯଥାର୍ଥ ସନ୍ଥ ଏବଂ ଏପରି ଶାନ୍ତ, ଜିତେନ୍ଦ୍ରିୟ, ଭଗବତ୍-ପରାୟଣ ଲୋକଙ୍କୁ ସୁଖ ପ୍ରଦାନ କରିବାପାଇଁ ହିଁ ଶାନ୍ତ, ଶୁଦ୍ଧ, ସଚ୍ଚିଦାନନ୍ଦଘନ ଭଗବାନଙ୍କୁ ଅନେକ ଅବତାର ଗ୍ରହଣ କରି ବିବିଧ ଲୀଳା କରିବାକୁ ପଡ଼େ । ଏପରି କୌଣସି କାର୍ଯ୍ୟ ନାହିଁ, ଯାହା କି ଭଗବାନ ତାଙ୍କର ପ୍ରିୟ ଭକ୍ତମାନଙ୍କ ପାଇଁ ନ କରନ୍ତି । ଭକ୍ତମାନଙ୍କୁ ବିପତ୍ତିରୁ ମୁକ୍ତ କରିବାପାଇଁ, ଭକ୍ତମାନଙ୍କର ଅଦ୍ଭୁତ ଭାବକୁ ପୂର୍ଣ୍ଣ କରିବାପାଇଁ ଭଗବାନ ଅତ୍ୟନ୍ତ ନୀଚକାର୍ଯ୍ୟ କରିବାକୁ ମଧ୍ୟ କୌଣସି ସଙ୍କୋଚ କରନ୍ତି ନାହିଁ। ସନ୍ଥ ସଖୂବାଈଙ୍କ ପ୍ରେମଭକ୍ତିରେ ବଶ ହୋଇ ଭଗବାନ ଯାହା କିଛି କରିଛନ୍ତି, ତାହା ପଢ଼ିଲେ ହୃଦୟ ଭଗବଦ୍‌ପ୍ରେମରେ ବିଭୋର ହୋଇଯାଏ ।

ମହାରାଷ୍ଟ୍ରର କୃଷ୍ଣାନଦୀ ତୀରରେ କର୍‌ହାଡ଼ ନାମକ ଗୋଟିଏ ଗ୍ରାମ ଅଛି । ସେଠାରେ ଜଣେ ବ୍ରାହ୍ମଣ ରହୁଥିଲେ । ତାଙ୍କ ଘରେ ମୋଟ ଚାରିପ୍ରାଣୀ କୁଟୁମ୍ବ। ବ୍ରାହ୍ମଣ, ତାଙ୍କ ସ୍ତ୍ରୀ, ପୁଅ ଓ ବୋହୂ। ବ୍ରାହ୍ମଣଙ୍କର ବୋହୂଙ୍କ ନାମ ସଖୂବାଈ । ସଖୂ ଯେତିକି ଭକ୍ତିପରାୟଣା, ସୁଶୀଳା, ନମ୍ର, ଆଜ୍ଞାକାରିଣୀ ଓ ସରଳହୃଦୟା ଥିଲେ, ତାଙ୍କ ଶାଶୁ ସେତିକି ଦୁଷ୍ଟା, ଅଭିମାନୀ, କୁଟିଳା ଓ କଠୋରହୃଦୟା ଥିଲେ । ତାଙ୍କରି ପରି ତାଙ୍କର ସ୍ୱାମୀ ଓ ପୁଅ ମଧ୍ୟ ବଡ଼ ଦୁଷ୍ଟସ୍ୱଭାବର ଲୋକ ଥିଲେ। ତିନିଜଣଯାକ ସତେ ଯେପରି ଗୋଟିଏ ମାଳାର ତିନୋଟି କଣ୍ଢି । ରାତି ପାହାନ୍ତିଆରୁ ଉଠିବାବେଳୁ ରାତିରେ ସମସ୍ତେ

ଶୋଇବାଯାଏ ସଖୂଙ୍କୁ ଘରର ସବୁ କାମ ଯନ୍ତ୍ର ପରି ଅବିରାମ କରିବାକୁ ପଡୁଥିଲା । ଅତ୍ୟଧିକ ପରିଶ୍ରମହେତୁ ସଖୂଙ୍କ ଶରୀର ଅସୁସ୍ଥ ହୋଇଯାଇଥିଲା । ତଥାପି ସେ କାମରେ କଦାପି ଆଳସ୍ୟ ଦେଖାଉ ନ ଥିଲେ; କଷ୍ଟ ଅନୁଭବ କରୁ ନ ଥିଲେ । ସେ ଏହାକୁ ନିଜର କର୍ତ୍ତବ୍ୟ ବୋଲି ଧରିନେଇଥିଲେ । ମନେ ମନେ ଭଗବାନଙ୍କର ତ୍ରିଭୁବନମୋହନ ସ୍ୱରୂପକୁ ଅଖଣ୍ଡ ଧ୍ୟାନ କରି କରି ଓ କେଶବ, ବିଟ୍‌ଠଲ, ରାମ, କୃଷ୍ଣ, ଗୋବିନ୍ଦ ଆଦି ନାମ ପ୍ରେମପୂର୍ବକ ସ୍ମରଣ କରି କରି ସେ ଘରର ସବୁ କାମ ଅତ୍ୟନ୍ତ ସୁଗ୍ରୁରୂପେ କରୁଥିଲେ । କିନ୍ତୁ ଶାଶୁ ତ କଠୋରସ୍ୱଭାବର ଲୋକ ଥିଲେ । ତେଣୁ ସଖୂଙ୍କୁ ଦିନକେ ଦଶକୋଡ଼ିଏ ଥର ଗାଳି ନ ଦେଇ, ତାଙ୍କୁ ଦୁଇଗ୍ରରି ଲାତ ନ ମାରି, ପୁଣ୍ଡେ ମୁଥ ନ ଦେଲେ ଓ ତାଙ୍କ ମାଆବାପାଙ୍କୁ ନାନା ପ୍ରକାର ଅଭଦ୍ରଭାଷାରେ ଗାଳି ନ ଦେଲେ, ଶାଶୁଙ୍କୁ ସନ୍ତୋଷ ଲାଗୁ ନ ଥିଲା । ବିନା ଦୋଷରେ ଦିଆଯାଉଥିବା ଏସବୁ ଗାଳି ଓ ମାଡ଼ ସଖୂଙ୍କ ହୃଦୟରେ ବେଳେବେଳେ ଶୂଳ ପରି ଫୋଡ଼ିହୋଇଯାଉଥିଲା; ତଥାପି ସେ ନିଜର ସୁଶୀଳସ୍ୱଭାବହେତୁ ପରକ୍ଷଣରେ ତାହା ଭୁଲିଯାଉଥିଲେ । ଶାଶୁଙ୍କ ଆଗରେ ସେ ଦିନେ ହେଲେ ମୁହଁ ଖୋଲୁ ନ ଥିଲେ । ପତିଙ୍କ ଆଗରେ ଦୁଇ ବୁନ୍ଦା ଲୁହ ଗଡ଼ାଇ ହୃଦୟକୁ ଶୀତଳ କରିବା ବି ତାଙ୍କ ଭାଗ୍ୟରେ ନ ଥିଲା; କାରଣ ସେ ମଧ୍ୟ ତାଙ୍କ ମାଆଙ୍କ ପରି ସଖୂଙ୍କ ଉପରେ ସବୁବେଳେ ଖଡ଼୍‌ଗହସ୍ତ ହୋଇ ରହୁଥିଲେ । ପୁଣି ନିର୍ଦ୍ଦୟହୃଦୟା ପିଶାଚିନୀ ଶାଶୁବୁଢ଼ୀ ସଖୂଙ୍କୁ ପେଟପୂରା ଗଣ୍ଡେ ଖାଇବାକୁ ମଧ୍ୟ ଦେଉ ନ ଥିଲା । ଘରେ ଅନେକ ପଦାର୍ଥ ତିଆରି ହେଉଥିଲା ଏବଂ ସଖୂଙ୍କୁ ହିଁ ସେସବୁ ତିଆରି କରିବାକୁ ପଡୁଥିଲା । ତାଙ୍କର ଶାଶୁ, ଶ୍ୱଶୁର ଓ ସ୍ୱାମୀ ସେସବୁ ଖାଇ ନିଜ ନିଜର ପାପୀ ପେଟକୁ ପୂର୍ଣ୍ଣ କରୁଥିଲେ । କିନ୍ତୁ ସଖୂଙ୍କୁ ସେଥିରୁ କିଛି ମିଳୁ ନ ଥିଲା । ତାଙ୍କୁ ମିଳୁଥିଲା ଚବିଶ ଘଣ୍ଟାରେ ଥରଟିଏ କେବଳ ଦି'ଖଣ୍ଡ ବାସି ରୁଟି । ତା' ସତ୍ତ୍ୱେ, ସଖୂ ନିଜର ଦାରୁଣ ଦୁଃଖକୁ ଭଗବାନଙ୍କର ଆଶୀର୍ବାଦ ମନେ କରି, ସବୁ ଦୁଃଖକୁ ସୁଖରେ ପରିଣତ କରିଦେଇ ସଦା ପ୍ରସନ୍ନ ରହୁଥିଲେ । ସଖୂଙ୍କ ଦଶା ଦେଖି ଗାଆଁ ଲୋକଙ୍କୁ ଦୁଃଖ ଲାଗୁଥିଲା । ତଥାପି ସେମାନେ ମଧ୍ୟ ଅକାରଣରେ ଅଣ୍ଟା ଭିଡ଼ି ରହିଥିବା ବ୍ରାହ୍ମଣବ୍ରାହ୍ମଣୀଙ୍କ ଡରରେ କିଛି କହିପାରୁ

ନ ଥିଲେ । ସଖୂ ମନେ ମନେ ଏସବୁକୁ ଭଗବତ୍‌କୃପା ମନେ କରି ଭାବୁଥିଲେ, "ମୋତେ ଏ ଘରକୁ ପଠାଇ ଭଗବାନ ବଡ଼ ଭଲ କରିଛନ୍ତି । ଯଦି ମୋ ପ୍ରତି ସ୍ନେହ ଅନୁରାଗ ଥିବା ଶାଶୁଶ୍ୱଶୁର ଓ ସ୍ୱାମୀ ମିଳିଥାନ୍ତେ, ମୁଁ ମୋହପରବଶ ହୋଇ ମାୟାଜାଲରେ ବାନ୍ଧି ହୋଇଯାଇଥାନ୍ତି ।" ଏପରି ବିଚାରି ସେ ଆନନ୍ଦବିଭୋର ହୋଇଯାଉଥିଲେ ଏବଂ ଭଗବାନଙ୍କଠାରେ ତାଙ୍କର କୃତଜ୍ଞତା ପ୍ରକଟ କରୁଥିଲେ ।

ଦିନେ ସୁଯୋଗ ପାଇ ଜଣେ ପଡ଼ୋଶୀ ତାଙ୍କୁ ପଚାରିଥିଲା, "ଭଉଣି ! କଣ ତୁମ ବାପଘରେ କେହି ନାହାନ୍ତି ? ତୁମେ ଏତେ ଦୁଃଖ ଭୋଗୁଛ, ତଥାପି ସେମାନେ କେବେହେଲେ ତୁମ ଭଲମନ୍ଦ ଖବର ବୁଝୁ ନାହାନ୍ତି !!"

ସଖୂ ମୁରୁକି ହସିଦେଇ କହିଥିଲେ, "ମୋର ବାପ ଘର ପଣ୍ଢରପୁର । ସେ ଜାଗା ଏଠାରୁ ବହୁତ ଦୂର । ମୋର ମା'-ବାପା ହେଉଛନ୍ତି ଶ୍ରୀ ରୁକ୍ମିଣୀ-କୃଷ୍ଣ । ତାଙ୍କର ଅଗଣିତ ସନ୍ତାନ ଅଛନ୍ତି । ଭାବୁଛି, ସେମାନେ ଏଇଥିପାଇଁ ମତେ ଭୁଲିଯାଇଛନ୍ତି । କିନ୍ତୁ ଦିନେ ନା ଦିନେ ସେମାନେ ମତେ ନିଶ୍ଚୟ ଘରକୁ ଡକାଇ ମୋର ଦୁଃଖ ଦୂର କରିବେ ।"

ପଣ୍ଢରପୁର ହେଉଛି ମହାରାଷ୍ଟ୍ରର ପ୍ରସିଦ୍ଧ ତୀର୍ଥସ୍ଥାନ । ସେଠାରେ ଆଷାଢ଼ ଶୁକ୍ଳ ଏକାଦଶୀରେ ଗୋଟିଏ ବଡ଼ ମେଳା ହୁଏ । ଭଗବାନ ପଣ୍ଢରୀନାଥ ଶ୍ରୀ ବିଟ୍‌ଠଲଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଲୋକ ଦୂର ଗାଁମାନଙ୍କରୁ ଭଗବାନଙ୍କ ନାମ କୀର୍ତ୍ତନ କରି କରି ସେଠାକୁ ଆସନ୍ତି । ପଣ୍ଢରପୁରଯାତ୍ରା ପାଖେଇ ଆସିବାରୁ ଭକ୍ତମାନଙ୍କ ଯାତ୍ରା ଆରମ୍ଭ ହୋଇଗଲା । ଚାରିଆଡ଼ୁ ଦଳକୁ ଦଳ ଶ୍ରଦ୍ଧାଳୁ ସ୍ତ୍ରୀ-ପୁରୁଷ ହାତରେ ଛୋଟ ଛୋଟ ପତାକା ଧରି ଭଗବାନଙ୍କର ନାମ କୀର୍ତ୍ତନ କରି କରି ପଣ୍ଢରପୁର ଚାଲିଲେ । ମୃଦଙ୍ଗ କରତାଳର ମଧୁର ନାଦରେ ଆକାଶ କମ୍ପି ଉଠିଲା ଓ ପାଦରେ ଘୁଙ୍ଗୁର ବାନ୍ଧି ପ୍ରେମପ୍ରମତ୍ତ ଭକ୍ତମାନେ ନାଚୁଥାନ୍ତି । ଶ୍ରୀହରିଙ୍କ ଗୁଣଗାନ ଓ ଚରିତ କୀର୍ତ୍ତନରେ ଲୋକମାନେ ଆନନ୍ଦସାଗରରେ ବୁଡ଼ୁଥାନ୍ତି । ଦେଖିଲେ ମନେ ହେଉଥାଏ, ସତେ ଯେପରି ସାକ୍ଷାତ ନାଦବ୍ରହ୍ମ ହିଁ ମୂର୍ତ୍ତିମାନ ହୋଇ ପ୍ରକଟ ହୋଇଛନ୍ତି ।

ଦିନେ ଏହିପରି ଭକ୍ତମାନଙ୍କର କେତେକ ଦଳ କର୍‌ହାଡ଼ ଗ୍ରାମଦେଇ

ଯାଉଥିଲେ। ସେତିକିବେଳେ ସଖୂବାଈ ପାଣି ଆଣିବାକୁ କୃଷ୍ଣାନଦୀ କୂଳକୁ ଯାଇଥିଲେ। ଭଗବତ୍‌ପ୍ରେମୀ ଭକ୍ତଙ୍କର ସଂକୀର୍ତ୍ତନଦଳ ଦେଖି ସଖୂଙ୍କ ହୃଦୟରେ ପ୍ରେମଭକ୍ତି ଜାଗିଉଠିଲା। ପଣ୍ଢରପୁର ଯିବାକୁ ତାଙ୍କର ପ୍ରବଳ ଇଚ୍ଛା ହେଲା। ସେ ଭାବିଲେ, 'ଘରଲୋକଙ୍କ ଠାରୁ ଅନୁମତି ପାଇବା ମୋ ପାଇଁ ଅସମ୍ଭବ; ପଚ୍ଚାରିଲାମାତ୍ରେ ମାଡ଼ଗାଳି ଆରମ୍ଭ ହୋଇଯିବ। ତଥାପି ପଣ୍ଢରପୁର ଯିବାଟା ନିଶ୍ଚିତ। ଏଣୁ ଏଠାରେ ହିଁ ଏହି ସନ୍ଥମଣ୍ଡଳୀ ସାଥିରେ ମିଶିଯିବି।' ଏହା ଭାବି ସେ ସେମାନଙ୍କ ସଙ୍ଗରେ ଚାଲିଲେ। ଜଣେ ପଡ଼ୋଶୀ ଯାଇ ତାଙ୍କ ଦୁଷ୍ଟା ଶାଶୁଙ୍କୁ ଏହି ଖବର ଦେଇଦେଲା। ଏକଥା ଶୁଣିବାମାତ୍ରେ ସେ ବିଷଧର ସର୍ପ ପରି ରାଗିଗଲେ। ପୁଅକୁ ଶିଖାଇ ସେହିକ୍ଷଣି କୃଷ୍ଣାନଦୀ କୂଳକୁ ପଠାଇଦେଲେ। କ୍ରୋଧରେ ନିଆଁବାଣ ହୋଇ ସେ ନଦୀକୂଳକୁ ଧାଇଁଆସିଲେ ଓ ସଖୂଙ୍କ ଚୁଟି ଧରି ତାଙ୍କୁ ଘୋଷାରି ଘୋଷାରି ପିଟି ପିଟି ଘରକୁ ଟାଣିନେଇଗଲେ। ରାସ୍ତା ତମାମ ଗାଳି ଦେବାକୁ ଲାଗିଲେ। ଶାଶୁ, ଶ୍ୱଶୁର ଓ ସ୍ୱାମୀ ତିନି ନିର୍ଦ୍ଦୟହୃଦୟ ଏକାଠି ମିଶି ଭାବିଲେ, 'ଏ ତ ବିଲକୁଲ ଖରାପ ହୋଇଗଲାଣି; ଏହାକୁ ସାଧାରଣ ମାରପିଟରେ ସଜାଡ଼ି ହେବ ନାହିଁ। ଏ ସିଧା ରାସ୍ତାରେ ଯିବାଲୋକ ନୁହେଁ।' ମାରପିଟ ହିଁ ସେମାନଙ୍କର ବୁଦ୍ଧିରେ ସିଧାରାସ୍ତା। ପରିଶେଷରେ ସେମାନେ ନିଷ୍ପତ୍ତି କଲେ ଯେ, 'ଏବେ ପଣ୍ଢରପୁରରେ ଦୁଇ ସପ୍ତାହଯାଏ ଯାତ୍ରା ଲାଗିରହିବ। ଏଣୁ ଯାତ୍ରା ସରିବାଯାଏ ଏହାକୁ ଖମ୍ବରେ ବାନ୍ଧିରଖିବା ଉଚିତ। ଖାଇବାପାଇଁ ରୁଟି ବିଲ୍‌କୁଲ ନ ଦେବା ଉଚିତ। ଏପରି କଲେ ହିଁ ଏ ସିଧା ହୋଇଯିବ।' ନିଷ୍ପତ୍ତି ଅନୁସାରେ ସେମାନେ କାର୍ଯ୍ୟ ବି ତୁରନ୍ତ ଆରମ୍ଭ କରିଦେଲେ। ସମସ୍ତେ ମିଶି ସଖୂଙ୍କୁ ବଡ଼ ନିର୍ଦ୍ଦୟଭାବରେ ବାନ୍ଧିଦେଲେ। ସଖୂଙ୍କ ଦେହ ତ ଶୁଖି କଣ୍ଟା ହୋଇଯାଇଥିଲା, ଏତେ ଜୋରରେ ବାନ୍ଧିଦେଲେ ଯେ, ସଖୂଙ୍କର ଶୁଖିଲା ଦେହରେ ବି ଦାଗ ବସିଗଲା।

ସଖୂଙ୍କୁ ସିନା ବାନ୍ଧିଦେଲେ; ତାଙ୍କ ମନକୁ କେହି ବାନ୍ଧି ପାରିଲେ ନାହିଁ। ସେ ତ ସମସ୍ତ ବନ୍ଧନ ତୁଟାଇଦେଇ ଆଗରୁ ହିଁ ଭଗବାନଙ୍କ ଚରଣରେ ପହଞ୍ଚିସାରିଥିଲେ। ପୂର୍ବେ ଦ୍ୱାପର ଯୁଗରେ, ବ୍ରଜଭୂମିର ଜଣେ ବିଦ୍ୟାଭିମାନୀ ଯାଜ୍ଞିକ ବ୍ରାହ୍ମଣ ମଧ୍ୟ ନିଜ ସ୍ୱାଧୀ ପତ୍ନୀଙ୍କୁ ଏହିପରି ଶ୍ରୀକୃଷ୍ଣଦର୍ଶନପାଇଁ

ଯିବାକୁ ମନା କରି କୋଠରୀରେ ବନ୍ଦ କରିଦେଇଥିଲେ। କିନ୍ତୁ ସ୍ତ୍ରୀଙ୍କର ମନ ଭଗବାନଙ୍କ ଠାରେ ଲାଗିସାରିଥିଲା। ତେଣୁ ସେ ନିଜ ଶରୀରକୁ ସେଇଠି ଛାଡ଼ିଦେଇ ଶ୍ରୀହରିଙ୍କ ନିକଟକୁ ଗ୍ଭଲିଯାଇଥିଲେ। ଆଜି ସଖୁ ମଧ୍ୟ ବନ୍ଧା ହୋଇ କିଛି ବି ଦୁଃଖ ଅନୁଭବ ନ କରି ଭଗବାନଙ୍କୁ କହୁଛନ୍ତି, "ଭଗବାନ୍ ! କୃପା କରନ୍ତୁ, ମୁଁ ନିଜକୁ ତୁମ ଚରଣରେ ବାନ୍ଧି ଦେବାକୁ ଗ୍ଭହୁଁଥିଲି, ମଝିରେ, ଏ ନୂଆ ବନ୍ଧନ କିପରି ଆସିଗଲା ? କ'ଣ ଏହି ନେତ୍ରରେ ତୁମର ପଣ୍ଢରପୁରିଆ ରୂପର ଦର୍ଶନ ହେବ ନାହିଁ ? ପ୍ରଭୁ ! ମୋର ମରିବାକୁ ଭୟ ନାହିଁ, କି ମୋର କିଛି କଷ୍ଟ ବି ନାହିଁ। ଥରେମାତ୍ର ଏ ନେତ୍ରରେ ତୁମର ଚରଣ ଦର୍ଶନ କରି କୃତାର୍ଥ ହେବାକୁ ଗ୍ଭହୁଁଥିଲି। ଏତିକି ହେବା ପରେ ପ୍ରାଣ ଗ୍ଭଲିଗଲେ, ଏ ଅଭାଗୀର ଇଚ୍ଛା ପୂର୍ଣ୍ଣ ହୋଇଯିବ। ହେ ମୋର ଜୀବନଧନ ! ହେ ଜଗଜ୍ଜୀବନ ! ତୁମକୁ କିଛି ବି ଅଜଣା ନୁହେଁ। ମୋର ତ ମା'-ବାପା, ଭାଇ-ଭଉଣୀ, ଇଷ୍ଟ-ମିତ୍ର ସବୁକିଛି କେବଳ ତୁମେ ହିଁ ଅଟ। ମୁଁ ଭଲ ହୁଏ ବା ମନ୍ଦ ହୁଏ, ଯାହା କିଛି ହେଲେ ବି ମୁଁ ତୁମର ହିଁ ଅଟେ। କ'ଣ ମୋର ଏତିକି ମାଗୁଣି ଶୁଣିବ ନାହିଁ ଦୟାମୟ !" ଏପରି କହି ସେ ଗାଇ ଉଠିଲେ—

ପୁଣ୍ଡରିକ ନାଥା ! ପାଣ୍ଡୁରଙ୍ଗା, ବିଟ୍‌ଠଳ ବିଟ୍‌ଠଳ ଶ୍ରୀକୃଷ୍ଣା।
ପୁଣ୍ଡଳିକବରଦା ପାଣ୍ଡୁରଙ୍ଗା ହରି, ବିଟ୍‌ଠଳ ବିଟ୍‌ଠଳ ଶ୍ରୀକୃଷ୍ଣା॥ (ଘୋଷା)
ଅକ୍ଷର ଅଦ୍ୱୟ ଅନାଥରକ୍ଷକ, ଅପ୍ରମେୟ ହରି ଶ୍ରୀକୃଷ୍ଣା।
ଅନାଦି ପୁରୁଷ ଅପାରମହିମା ଅଣୋରଣୀୟା ଶ୍ରୀକୃଷ୍ଣା॥ ୧ ॥
ଅତୁଳ ଅମିତ ଅକଳଙ୍କଚରିତ ହରି, ବିଟ୍‌ଠଳ ବିଟ୍‌ଠଳ ଶ୍ରୀକୃଷ୍ଣା।
ଅନନ୍ତ ଅଦ୍‌ଭୁତ ଅଗାଧଲୀଳା ପଣ୍ଢରିନାଥା ଶ୍ରୀକୃଷ୍ଣା॥ ୨ ॥
ଦେବକିନନ୍ଦନ ଦେବଦେବ ବସୁଦେବତନୟ ହରି ଶ୍ରୀକୃଷ୍ଣା।
ଦେବୀ ରୁକ୍ମିଣୀସେବିତ ଶୁଭକର ଦେବଦେବ ହରି ଶ୍ରୀକୃଷ୍ଣା॥ ୩ ॥
ଗୋବର୍ଦ୍ଧନ ଗିରିଧାରୀ ଗୋବିନ୍ଦ ମୁରଲୀମନୋହର ଶ୍ରୀକୃଷ୍ଣା।
ଗୋପୀଜନମନମୋହନ ଶ୍ରୀହରି ଗୋକୁଳନନ୍ଦନ ଶ୍ରୀକୃଷ୍ଣା॥ ୪ ॥
ପାଣ୍ଡବପକ୍ଷ ପାଣ୍ଡବପ୍ରାଣ ପାଣ୍ଡବରକ୍ଷକ ଶ୍ରୀକୃଷ୍ଣା।
ପାର୍ଥସାରଥି ପାବନମୂର୍ତ୍ତି ପଣ୍ଢରିନାଥା ଶ୍ରୀକୃଷ୍ଣା॥ ୫ ॥

ଅନାଥନାଥା ପାଣ୍ଡରିନାଥା ରୁକ୍ମିଣୀନାଥା ଶ୍ରୀନାଥା ।
ବୈକୁଣ୍ଠନାଥା ଯଦୁକୁଳନାଥା ଗୋପୀନାଥା ଶ୍ରୀକୃଷ୍ଣା ॥ ୬ ॥
ପୁଣ୍ଡରୀକାକ୍ଷ ପୋଚଜନ୍ମଧର ପରମପବିତ୍ର ଶ୍ରୀକୃଷ୍ଣା ।
ପୁଣ୍ଡଳିକବରଦା ପାଣ୍ଡୁରଙ୍ଗା ହରି, ପଣ୍ଢରିନାଥା ଶ୍ରୀକୃଷ୍ଣା ॥ ୭ ॥

ଭକ୍ତ ଅନ୍ତରର ପ୍ରକୃତ ଡାକ କେବେ ବ୍ୟର୍ଥ ହୁଏ ନାହିଁ। ଭଗବାନ ସବୁ ଶୁଣନ୍ତି, କିନ୍ତୁ ନକଲି ଡାକର ଉତ୍ତର ଦିଅନ୍ତି ନାହିଁ। ପ୍ରକୃତ ଡାକ ଯେତେ ମନ୍ଥର ହେଲେ ହେଁ, ତାହା ତ୍ରିଭୁବନ ଭେଦ କରି ଭଗବାନଙ୍କ କର୍ଣ୍ଣକୁହରରେ ତୁରନ୍ତ ପ୍ରବେଶ କରିଯାଏ ଓ ତାଙ୍କ ହୃଦୟକୁ ସେହିକ୍ଷଣି ଦ୍ରବୀଭୂତ କରିଦିଏ।

ସଖୁଙ୍କ ଆର୍ତ୍ତଡାକରେ ଭଗବାନଙ୍କର ଆସନ ଦୋହଲିଲା। ପଣ୍ଢରୀନାଥଙ୍କ ମୁଖମଣ୍ଡଳରେ ଉଦ୍‌ବିଗ୍ନତା ଦେଖାଦେଲା। ଜଗଜ୍ଜନନୀ ରୁକ୍ମିଣୀ ଭଗବାନଙ୍କ ମନୋବେଦନାର କାରଣ ଜାଣନ୍ତି। ସଦାପ୍ରସନ୍ନରୂପ ଶ୍ରୀହରିଙ୍କ ମୁଖରେ ଉଦ୍‌ବିଗ୍ନତା ଦେଖାଦେବା ତ କୌଣସି ବି ଅବସ୍ଥାରେ ସମ୍ଭବ ନୁହେଁ। କିନ୍ତୁ ଯେତେବେଳେ କୌଣସି ଭକ୍ତ ଦୁଃଖରେ ପଡ଼ନ୍ତି, ସେତେବେଳେ ତାଙ୍କ ବିଷଣ୍ଣତାର ପ୍ରତିବିମ୍ବ ପ୍ରଭୁଙ୍କ ମୁଖମଣ୍ଡଳରେ ତୁରନ୍ତ ଦେଖାଯାଏ। ତେଣୁ ଦେବୀ ପଚାରିଲେ, 'ଭଗବାନ୍ ! ଆଜି କେଉଁ ଭକ୍ତର ଡାକରା ? କେଉଁ ଭକ୍ତକୁ ଆଜି ଦୁଷ୍ଟମାନେ କଷ୍ଟ ଦେଇଛନ୍ତି ?' ଭଗବାନ କହିଲେ, "ପ୍ରିୟେ ! କଥା ହେବାକୁ ସମୟ ନାହିଁ। ସଖୁବାଈ ବୋଲି ମୋର ଜଣେ ଭକ୍ତ ଅଛନ୍ତି; ସେ ଆମର ଦର୍ଶନପାଇଁ ପଣ୍ଢରପୁର ଆସୁଥିଲେ; ତାଙ୍କ ଦୁଷ୍ଟ ଶାଶୁ ଓ ସ୍ୱାମୀ ତାଙ୍କୁ ବାନ୍ଧି ରଖିଛନ୍ତି; ମୋତେ ତୁରନ୍ତ ସେଠାକୁ ଯିବାକୁ ହେବ।" ଭଗବାନଙ୍କର ପୁଣି କେଉଁଠିକି ଯିବା ଆସିବା କ'ଣ ! ଏହା ତ ଭକ୍ତଙ୍କ ସହିତ ତାଙ୍କର ଗୋଟିଏ ଖେଳମାତ୍ର।

ହରି ବ୍ୟାପକ ସର୍ବତ୍ର ସମାନା । ପ୍ରେମ ତେଁ ପ୍ରଗଟ ହୋହିଁ ମୈଁ ଜାନା ॥
(ଶ୍ରୀହରି ବ୍ୟାପକ ସର୍ବତ୍ର ସମାନ, ପ୍ରେମରେ ପ୍ରକଟ ହୁଅନ୍ତି ସେ ଜାଣ)।

ଯେଉଁଠି ପ୍ରେମ ଭାବ ଥାଏ, ସେଇଠି ପ୍ରଭୁ ପ୍ରକଟ ହୋଇଯାନ୍ତି। ତେଣୁ ଜଣେ ସୁନ୍ଦରୀ ସ୍ତ୍ରୀର ରୂପ ଧରି ଭଗବାନ ସେହିକ୍ଷଣି ଯାଇ ସଖୁଙ୍କ ପାଖରେ ପହଞ୍ଚିଗଲେ ଏବଂ ବଡ଼ ମଧୁର ସ୍ୱରରେ କହିଲେ, 'ଆଲୋ

ସଖୂ! ମୁଁ ପଣ୍ଢରପୁର ଯାଉଛି, କଣ ତୁ ସେଠାକୁ ଯିବୁ ନାହିଁ?' ସଖୂ ମନଦୁଃଖରେ କହିଲେ, 'ଯିବାକୁ ତ ଚାହୁଁଛି, କିନ୍ତୁ ଯିବି କିପରି ? ମୁଁ ତ ଏଠାରେ ବନ୍ଧା ହୋଇ ରହିଛି ? ମୁଁ ତ ପାପିନୀ, ମୋ ଭାଗ୍ୟରେ ପଣ୍ଢରପୁର ଯାତ୍ରା କାହିଁ?' ସ୍ତ୍ରୀରୂପୀ ଭଗବାନ କହିଲେ, 'ମୁଁ ତ ତୋର ସବୁଦିନର ସହଚରୀ। ତୁ କାହିଁକି ଦୁଃଖ କରୁଛୁ। ତୋ ବଦଳରେ ମୁଁ ଏଠାରେ ବନ୍ଧା ହୋଇ ରହିବି, ତୁ ଚିନ୍ତା କର ନା।' ସଖୂବାଈ କିଛି କହି ପାରିଲେ ନାହିଁ । ଭଗବାନ ତାଙ୍କର ବନ୍ଧନ ଖୋଲିଦେଲେ ଏବଂ ମୁହୂର୍ତ୍ତକ ମଧ୍ୟରେ ନେଇ ପଣ୍ଢରପୁରରେ ପହଞ୍ଚାଇଦେଲେ। ଆହା ! ଆଜି ସଖୂଙ୍କର କି ସୌଭାଗ୍ୟ ! ସ୍ୱୟଂ ନାରାୟଣ ନିଜହାତରେ ତାଙ୍କୁ ବନ୍ଧନରୁ ମୁକ୍ତ କରିଛନ୍ତି। ଆଜି ସଖୂଙ୍କର କେବଳ ଏହି ବନ୍ଧନ ଖୋଲିଲା ନାହିଁ, ତାଙ୍କର ସମସ୍ତ ବନ୍ଧନ ସବୁଦିନପାଇଁ ଖୋଲିଗଲା। ସେ ମୁକ୍ତ ହୋଇଗଲେ। ଧନ୍ୟ ଭଗବାନ୍ !

ପ୍ରେମ ପାଶରେ ବନ୍ଧା ଭଗବାନ ସଖୂଙ୍କ ରୂପ ଧରି ସଖୂଙ୍କ ବଦଳରେ ନିଜେ ବନ୍ଧା ହୋଇ ରହିଲେ। ଯାହାଙ୍କର ନାମ ସ୍ମରଣମାତ୍ରେ ମାୟାର ଦୃଢ଼ ବନ୍ଧନ ଛିଣ୍ଡିଯାଏ, ଆଜି ସେହି ସଚ୍ଚିଦାନନ୍ଦଘନ ପ୍ରଭୁ ଭକ୍ତପାଇଁ ସ୍ୱୟଂ ବନ୍ଧନ ସ୍ୱୀକାର କରିଛନ୍ତି। ଦିନେ ସେ ଯଶୋଦା ମାଆଙ୍କ ଦ୍ୱାରା ଢେଙ୍କିରେ ବନ୍ଧା ହୋଇଥିଲେ, ପ୍ରେମମୟୀ ଗୋପିକାମାନେ କେତେଥର ଯେ ତାଙ୍କୁ ବାନ୍ଧିଥିଲେ, ତାହାର ହିସାବ ନାହିଁ; କିନ୍ତୁ ଆଜିର ଏହି ବନ୍ଧନ ସବୁଠାରୁ ଭିନ୍ନ ଧରଣର। ସେଠାରେ ତ ସେ ବାଳକ ଥିଲେ, ସମସ୍ତଙ୍କୁ ହଇରାଣ କରୁଥିଲେ; ତେଣୁ ତାଙ୍କୁ ବାନ୍ଧିହେବାକୁ ପଡ଼ିଥିଲା। ଏଠାରେ ତାଙ୍କୁ ନିଜ ଭକ୍ତ ସଖୂବାଈଙ୍କ ପାଇଁ ସଖୂବାଈ ହୋଇ ବନ୍ଧା ହେବାକୁ ପଡ଼ିଛି। ଭକ୍ତର ପ୍ରେମାଧୀନ ହୋଇ ତାଙ୍କୁ ସବୁକିଛି କରିବାକୁ ପଡୁଛି।

ସଖୂବାଈ ହୋଇ ପ୍ରଭୁ ବନ୍ଧା ହୋଇ ରହିଛନ୍ତି। ସଖୂବାଈଙ୍କ ନିର୍ଦ୍ଦୟୀ ଶାଶୁ-ଶ୍ୱଶୁର ଓ ନିଷ୍ଠୁର ସ୍ୱାମୀ ବାରମ୍ବାର ଆସି ମନଇଚ୍ଛା ଗାଳି ଦେଉଥାନ୍ତି। ଭଗବାନ ସୁଶୀଳା ବୋହୂଟିଏ ପରି ସବୁ କିଛି ସହିଯାଉଥାନ୍ତି। ଏହିପରି ବନ୍ଧା ହେବାର ପୂରା ପନ୍ଦର ଦିନ ବିତିଗଲା। ଶାଶୁ-ଶ୍ୱଶୁରଙ୍କ ମନ ଏତେ କରି ମଧ୍ୟ ସନ୍ତୁଷ୍ଟ ହେଲା ନାହିଁ। କିନ୍ତୁ ସଖୂଙ୍କ ସ୍ୱାମୀ ଭାବିବାକୁ ଲାଗିଲେ,

ପୂରା ଦୁଇ ସପ୍ତାହ କାଳ ସେଇଟାକୁ ଅନ୍ନଜଳ ଦିଆଗଲା ନାହିଁ; ଯଦି ଏପରି ବନ୍ଧା ହୋଇଥିବା ଅବସ୍ଥାରେ ମରିଯାଏ, ତେବେ ତ ମୁସ୍କିଲ ହେବ ! ଆମ ଗୁଣ ତ ଗାଆଁ ସାରା ଲୋକେ ଜାଣିସାରିଛନ୍ତି। ଏପରି କିଏ ଅଛି ଯେ, ମୋର ଓ ମୋ ବାପାମାଆଙ୍କର ଅମଣିଷପଣିଆ ବିଷୟରେ ଶୁଣି ନାହିଁ? ଏ ଯଦି ମରିଯିବ, ତେବେ ଦ୍ୱିତୀୟ ବିବାହ କରିବା ମୋ ପକ୍ଷରେ ଅସମ୍ଭବ ହେବ। ହଜାରେ ଟଙ୍କା ଦେଲେ ମଧ୍ୟ କେହି ମତେ ଝିଅ ଦେବାକୁ ରାଜି ହେବେ ନାହିଁ। ଏସବୁ ସ୍ୱାର୍ଥ ବିଗ୍ରହ ସହିତ ବନ୍ଧା ହୋଇଥିବା ସଖୂଙ୍କ ପାଖକୁ ଯିବାକୁ କେତେଥର ତାଙ୍କ ମନରେ କିଛି ଆକର୍ଷଣ ମଧ୍ୟ ଆସିଲାଣି। ସଖୂରୂପୀ ଭଗବାନଙ୍କର ଦୁଃଖିତ ମୁଖମଣ୍ଡଳକୁ ଚାହିଁ ତାଙ୍କ ହୃଦୟରେ ଦୟା ଜାତ ହେଲାଣି ଏବଂ ତାଙ୍କୁ ତାଙ୍କ କ୍ରୁର କାର୍ଯ୍ୟକଳାପ ନେଇ ଅନୁତାପ କରିବାକୁ ମଧ୍ୟ ପଡ଼ିଲାଣି। ଶେଷରେ ସେ ଆଉ ଚୁପ୍ ହୋଇ ରହିପାରିଲେ ନାହିଁ। ଆସି ବନ୍ଧାଦଉଡ଼ିଟି କାଟିଦେଲେ ଏବଂ ମିଠାକଥା କହି ସାନ୍ତ୍ୱନା ଦେବାକୁ ଲାଗିଲେ। କହିଲେ, 'ପ୍ରିୟେ ! ମୁଁ ବଡ଼ ନିଷ୍ଠୁର। ମୋର ମା-ବାପା ମଧ୍ୟ ତୁମକୁ ବହୁତ କଷ୍ଟ ଦେଉଛନ୍ତି। ତୁମେ ତ ସତୀ ! ମୋତେ କ୍ଷମା କର। ଆସ, ଗାଧୋଇ ପାଧୋଇ ଦି'ଟା ଖାଇପକାଅ।'

ଭବବନ୍ଧନହାରୀ ଅନନ୍ତ ଆନନ୍ଦର ସାଗର ଭଗବାନ ଠିକ୍ ପତିବ୍ରତା ପତ୍ନୀ ପରି ଶାନ୍ତ ଓ ବିନମ୍ରଭାବରେ ସତେ ଯେପରି ସନ୍ତୁଷ୍ଟ ହୋଇ ମୁଣ୍ଡ ନୁଆଇଁ ଠିଆହୋଇ ରହିଲେ। ଭଗବାନ ଭାବିଲେ, ଯଦି ମୁଁ ଏବେ ଅନ୍ତର୍ଦ୍ଧାନ ହୋଇଯିବି, ତେବେ ଏ ଦୁଷ୍ଟ ସଖୂ ଫେରି ଆସିବା ପରେ ତାଙ୍କୁ ପୁଣି ଥରେ କଷ୍ଟ ଦେବ। ତେଣୁ ସେ ଫେରିବାଯାଏ ମୁଁ ଏଠାରେ ରହିବା ଉଚିତ। ଠିକ୍ ଅଛି ପ୍ରଭୁ, ଏଇଠି ରହନ୍ତୁ; ଆପଣ ଯେତେବେଳେ ସଖୂଙ୍କ ବଦଳରେ ନିଜେ ବନ୍ଧନ ସ୍ୱୀକାର କରିଛନ୍ତି, ବର୍ତ୍ତମାନ ଆପଣଙ୍କୁ ସଖୂଙ୍କ ସ୍ୱାମୀର ପତ୍ନୀ ହେବାରେ ସଂକୋଚ କ'ଣ ?

ପତିଙ୍କ ଆଜ୍ଞାନୁସାରେ ସଖୂରୂପୀ ଭଗବାନ ସ୍ନାନ କରି ରୋଷେଇ କଲେ ଏବଂ ନିଜେ ନିଜହାତରେ ତିନିଜଣଯାକଙ୍କୁ ଖାଦ୍ୟ ପରଷିଲେ। ଖାଦ୍ୟର ସ୍ୱାଦ କିଛି ଅଲଗା ପ୍ରକାର ହିଁ ଥିଲା। ମାଆ, ପୁଅ ଓ ବାପ ଖୁବ୍ ପ୍ରଶଂସା କରି ଖାଇଲେ। ପୁତ୍ରବଧୂର ରନ୍ଧା ଖାଦ୍ୟର ପ୍ରଶଂସା କରିବା

ଶାଶୁଶ୍ୱଶୁରଙ୍କ ଜୀବନରେ ଏହା ପ୍ରଥମ। ଖାଦ୍ୟ କାହିଁକି ବା ସୁଆଦ ନ ହେବ ? ଆଜି ପୁତ୍ରବଧୂରୂପରେ ସ୍ୱୟଂ ମାଧୁର୍ଯ୍ୟନିଧି ଭଗବାନ ବିରାଜମାନ। ପୁଣି ସେ ନିଜ ହାତରେ ଖାଦ୍ୟ ପରଷୁ ଥିଲେ। ଆହା ! ସଖୀଙ୍କ ସଙ୍ଗହେତୁ ଏପରି ଦୁଷ୍ଟମାନେ ମଧ୍ୟ ଭଗବାନଙ୍କର ସେବ୍ୟ ହୋଇଗଲେ।

ସମସ୍ତଙ୍କ ଶେଷରେ ସଖୀରୂପୀ ଭଗବାନ ଭୋଜନ କଲେ। ସାରାଦିନ ଘରର ନାନା କାମରେ ବିତିଗଲା। ପାଣି ଆଣିବା, ଝାଡୁ କରିବା, ଗହମ ପେଷିବା, ବାସନ ମାଜିବା, ଶାଶୁଙ୍କ ଗୋଡ଼ ଘଷିବା ଆଦି ସକଳ କାର୍ଯ୍ୟ ଭଗବାନ ବଡ଼ ସୁନ୍ଦରଭାବରେ କରିବାକୁ ଲାଗିଲେ। ସେ ତ ଚତୁର ଚୂଡ଼ାମଣି; ତାଙ୍କୁ କ'ଣ ବା ଜଣା ନାହିଁ। ଯେ ବ୍ରଜରେ ବାଳକ ଓ ବାଛୁରୀମାନଙ୍କ ବଦଳରେ ବର୍ଷେଯାଏ ବିବିଧ ରୂପଧାରୀ ବାଳକ ଓ ବାଛୁରୀ ହୋଇ ସେମାନଙ୍କର ମାଆମାନଙ୍କୁ ସୁଖ ପ୍ରଦାନ କରିଥିଲେ, ତାଙ୍କ ପାଇଁ ଏଠାରେ ବୋହୂ ସାଜି ସ୍ୱାମୀ ଓ ଶାଶୁଶ୍ୱଶୁରଙ୍କୁ ସୁଖୀ କରାଇବା କ'ଣ ବଡ଼ କଥା ? ସେ ରାତିରେ ଶୋଇବା କୋଠରୀରେ ସ୍ୱାମୀଙ୍କର ଯଥେଷ୍ଟ ପଦସେବା କରି ତାଙ୍କୁ ସନ୍ତୁଷ୍ଟ କଲେ। ଭଗବାନଙ୍କ ଦୃଷ୍ଟିରେ ସ୍ତ୍ରୀ-ପୁରୁଷର ଭେଦ ବୋଲି କିଛି ନାହିଁ। ଯେ ସମସ୍ତଙ୍କର ଅନ୍ତର ଆତ୍ମା, ଯେ କି ସ୍ତ୍ରୀ, କି ପୁରୁଷ, କି ନପୁଂସକ ସମସ୍ତ ଶରୀରଧାରୀଙ୍କର ଏକମାତ୍ର ଅଧିଷ୍ଠାନ, ଯେ ସର୍ବମୟ, ସର୍ବସାକ୍ଷୀ ଓ ସର୍ବାଧାର, ଯେ ଅଜ, ଅବ୍ୟୟ ହୋଇ ମଧ୍ୟ ଜନ୍ମ ଗ୍ରହଣ କରି ବିବିଧ ଲୀଳା ମାଧ୍ୟମରେ ଦେଖାଇଦିଅନ୍ତି ଯେ, ସମସ୍ତ ଚରାଚରରୂପରେ ସେ ହିଁ ପ୍ରକାଶିତ ହୋଇଛନ୍ତି, ସେହି ପରମାତ୍ମାଙ୍କ ଠାରେ ସ୍ତ୍ରୀ-ପୁରୁଷ ଭେଦ ଆସିବ ବା କିପରି ? କୁମ୍ଭାର ମାଟିର କଳସ ଗଢ଼େ ଏବଂ ହାଣ୍ଡି ମଧ୍ୟ ଗଢ଼େ। ସୁନାରି ସୁନାର କଙ୍କଣ ତିଆରି କରେ ଏବଂ କଣ୍ଠି ମଧ୍ୟ ତିଆରି କରେ। ଏସବୁ ଭେଦ କେବଳ ନାମରେ ରହିଛି, ଅଧିଷ୍ଠାନରୂପୀ ମାଟି ବା ସୁନାରେ ପ୍ରଭେଦ ନାହିଁ। ଆକାଶ ସର୍ବତ୍ର ଏକରୂପ ହେଲେ ମଧ୍ୟ ସେଥିରେ ନାନାପ୍ରକାର ଧ୍ୱନି ଶୁଣାଯାଏ। ଏହିପରିଭାବରେ ଭଗବାନ ମଧ୍ୟ ଉପାଧିଭେଦରେ ହିଁ ଅନନ୍ତପ୍ରକାରେ ପ୍ରତୀୟମାନ ହୁଅନ୍ତି। ପ୍ରକୃତରେ ସେ ତତ୍ତ୍ୱତଃ ଏକ ଓ ଅଦ୍ୱିତୀୟ ଅଟନ୍ତି। ସଖୀରୂପୀ ଭଗବାନ ତାଙ୍କର ସେବା ଓ ସୁନ୍ଦର ବ୍ୟବହାରଦ୍ୱାରା ସ୍ୱାମୀ ଓ ଶାଶୁ-ଶ୍ୱଶୁରଙ୍କୁ ସନ୍ତୁଷ୍ଟ କରିଦେଲେ। ଏଥର ସେମାନେ ସବୁ ଦୃଷ୍ଟିରୁ ସଖୀଙ୍କର ଅନୁକୂଳ ହୋଇଗଲେ। ସେମାନଙ୍କର

ସ୍ୱଭାବରେ ବିଚିତ୍ର ପରିବର୍ତ୍ତନ ଆସିଗଲା । ସତକଥା; ଯଦି ଏ ଅବସ୍ଥାରେ ପରିବର୍ତ୍ତନ ନ ଆସିଥାନ୍ତା, ତେବେ ଆସିଥାନ୍ତା ଆଉ କେବେ?

ସେପଟେ ସଖୂ ପଣ୍ଢରପୁରରେ ପହଞ୍ଚି ଭଗବନ୍ନାମର ଆନନ୍ଦରେ ମଗ୍ନ ହୋଇଗଲେ । ଭଗବାନଙ୍କର ମାୟା ଫଳରେ ସେ ଭୁଲିଗଲେ ଯେ, ତାଙ୍କ ବଦଳରେ ଅନ୍ୟ କେହି ଜଣେ ସ୍ତ୍ରୀ ସେଠାରେ ବାନ୍ଧିହୋଇ ରହିଛି ଏବଂ ସେ ପଣ୍ଢରପୁର ଆସିଛନ୍ତି । ସେ ଦେଖିଲେ, ଭକ୍ତଗଣ ହାତରେ ପତାକା ଧରି, ତାଳ, ମୃଦଙ୍ଗ ଓ ଝାଞ୍ଜ ବଜାଇ ନାମ କୀର୍ତ୍ତନ କରି କରି ଆନନ୍ଦରେ ନୃତ୍ୟ କରୁଛନ୍ତି । ଆଜି ଛୋଟ ବଡ଼, ଉଚ୍ଚ ନୀଚ, ଧନୀ ଦରିଦ୍ର ଓ ବ୍ରାହ୍ମଣ ଶୂଦ୍ରର କୌଣସି ପ୍ରଭେଦ ନାହିଁ । ସମସ୍ତେ ପ୍ରେମରେ ମତ୍ତ ହୋଇଛନ୍ତି । ଭଗବାନଙ୍କ ନାମର ତୁମୁଳ ଗର୍ଜନରେ ଆକାଶ ପ୍ରକମ୍ପିତ ହେଉଛି । ଏହି ଆନନ୍ଦରସରେ ବିଭୋର ହୋଇ ସଖୂବାଈ ଚନ୍ଦ୍ରଭାଗାରେ ସ୍ନାନ କରି ଭଗବାନ ପଣ୍ଢରୀନାଥଙ୍କ ଦର୍ଶନପାଇଁ ମନ୍ଦିର ଆଡ଼େ ଗ୍ଲଲିଲେ । ମନ୍ଦିରକୁ ଯାଇ ଭଗବାନଙ୍କର ଦର୍ଶନ କରି ସେ ଆନନ୍ଦସିନ୍ଧୁରେ ବୁଡ଼ିଗଲେ । ଭଗବାନଙ୍କର ଶ୍ୟାମସୁନ୍ଦର ମୂର୍ତ୍ତି ! ପ୍ରଭୁ ଦିବ୍ୟ ପୀତାମ୍ବର ଧାରଣ କରିଛନ୍ତି । ପରମ ସୁନ୍ଦର ଶ୍ରୀମୁଖ । କର୍ଣ୍ଣରେ ଦିବ୍ୟ ମକର କୁଣ୍ଡଳ । ବକ୍ଷସ୍ଥଳରେ ସୁଗନ୍ଧିତ ପୁଷ୍ପ ଓ ତୁଳସୀର ହାର ସୁଶୋଭିତ । ଏହି ରୂପମାଧୁରୀକୁ ଦେଖିବାମାତ୍ରେ ସଖୂ ମୁଗ୍ଧ ହୋଇଗଲେ । ତାଙ୍କର ତ୍ରିତାପ ସବୁଦିନପାଇଁ ଶାନ୍ତ ହୋଇଗଲା । ତାଙ୍କର ଦେହଜ୍ଞାନ ହଜିଗଲା । ସେ ଭଗବାନଙ୍କ ଆଗରେ ପ୍ରତିଜ୍ଞା କରିଦେଲେ ଯେ, ଯେପର୍ଯ୍ୟନ୍ତ ତାଙ୍କ ଶରୀରରେ ପ୍ରାଣ ଥିବ, ସେପର୍ଯ୍ୟନ୍ତ ସେ ପଣ୍ଢରପୁରର ସୀମା ବାହାରକୁ ଯିବେ ନାହିଁ । ତାଙ୍କୁ କ'ଣ ଜଣାଥିଲା ଯେ, ତାଙ୍କ ବଦଳରେ ତାଙ୍କ ପ୍ରଭୁ ସେଠାରେ ଶାଶୁଘରେ ବୋହୂ ସାଜି ସଂସାର ଚଳାଉଛନ୍ତି । ପ୍ରେମମୁଗ୍ଧା ସଖୂ ଭଗବାନ ପାଣ୍ଡୁରଙ୍ଗଙ୍କ ଧ୍ୟାନରେ ମଗ୍ନ ହୋଇଗଲେ । ତାଙ୍କର ସମାଧି ଅବସ୍ଥା ଆସିଗଲା । ଶେଷରେ ଅଷ୍ଟସାତ୍ତ୍ୱିକ ଭାବର ଅନ୍ତିମ ଭାବ ଉଦୟ ହୋଇଗଲା, ଯାହା ଫଳରେ ସଖୂଙ୍କ ପ୍ରାଣ ଶରୀର ଛାଡ଼ି ଗ୍ଲଲିଗଲା ଏବଂ ଶରୀର ଅଚେତନ ହୋଇ ତଳେ ଢଳିପଡ଼ିଲା ।

ଦୈବସଂଯୋଗରୁ ଯାତ୍ରା ଦେଖିବାକୁ ଆସିଥିବା କର୍‌ହାଡ଼ ନିକଟବର୍ତ୍ତୀ କିବଳ ନାମକ ଗ୍ରାମର ଜଣେ ବ୍ରାହ୍ମଣ ସେଠାରେ ଆସି ପହଞ୍ଚିଗଲେ । ସେ

ସଖୂଙ୍କ ମୃତ ଶରୀରକୁ ଚିହ୍ନିପାରି ତାଙ୍କର ସାଥୀମାନଙ୍କୁ ଡାକିଲେ ଏବଂ ସମସ୍ତେ ମିଶି ତାଙ୍କ ଅନ୍ତ୍ୟେଷ୍ଟି ସଂସ୍କାର କରିଲେ। ତେଣେ ଜଗଜ୍ଜନନୀ ରୁକ୍ମିଣୀ ଭାବିଲେ, 'ବହୁତ ହେଲାଣି; ଏ ତ ଏଠାରେ ପ୍ରାଣ ଛାଡ଼ିଦେଲେ; ତେଣେ ଏହାଙ୍କ ଜାଗାରେ ମୋ ସ୍ୱାମୀ ବୋହୂ ସାଜି ରହିଛନ୍ତି । ବଡ଼ ଅଡୁଆ କଥା ହେଲା।' ଏପରି ବିଚାର କରି ଜଗଜ୍ଜନନୀ ରୁକ୍ମିଣୀ ଶ୍ମଶାନରେ ପହଞ୍ଚିଲେ ଏବଂ ସଖୂଙ୍କ ଅସ୍ଥି ସଂଗ୍ରହ କରି ନିଜ ଇଚ୍ଛା ବଳରେ ତାଙ୍କୁ ଜୀବିତ କରିଦେଲେ। ଯେଉଁ ମାୟାଦେବୀଙ୍କ ପ୍ରତାପରେ ସମସ୍ତ ବ୍ରହ୍ମାଣ୍ଡର ରଚନା ଓ ବିନାଶ ହୁଏ, ଯେ ନିର୍ଗୁଣକୁ ସଗୁଣ ଓ ଅବିକାରୀକୁ ବିକାରୀ ପରି ଦେଖାଇଦିଅନ୍ତି, ଯେ ପ୍ରକୃତରେ କିଛି ନ ଗଢ଼ି ନାନା ଦୃଶ୍ୟ ଉତ୍ପନ୍ନ କରିଦିଅନ୍ତି, ସେହି ମହାମାୟାଙ୍କର ଅମୃତବୃଷ୍ଟିଦ୍ୱାରା ସଖୂ ଜୀବିତ ହୋଇଯିବାରେ କି ବା ଆଶ୍ଚର୍ଯ୍ୟ ଅଛି !

ସଖୂ ନିଦରୁ ଉଠିବା ପରି ଉଠି ବସିଲେ। ରାତିରେ ଜଗନ୍ମାତା ତାଙ୍କୁ କହିଲେ, 'ଝିଅ ! ତୋର ପଣ ଥିଲା ଯେ, ଏହି ଦେହ ଧରି ପଣ୍ଢରପୁରରୁ ବାହାରକୁ ଯିବୁ ନାହିଁ। ତୋର ସେହି ଶରୀର ତ ଦାହ କରାଯାଇସାରିଛି । ଏହା ତୋର ଦ୍ୱିତୀୟ ଦେହ। ଅତଏବ ତୁ ଘରକୁ ଫେରିଯା; ତୋର ମଙ୍ଗଳ ହେବ।' ଏହି ଉପଦେଶ ପାଇ ସଖୂ ଦୁଇ ଦିନ ପରେ ଯାତ୍ରୀମାନଙ୍କ ସହିତ କର୍‌ହାଡ଼ ଫେରି ଆସିଲେ। ସଖୂ ଆସିବା ଜାଣି ସଖୂବେଶଧାରୀ ନାରାୟଣ ପାଣିମାଠିଆ ନେଇ ନଦୀଘାଟକୁ ଚାଲିଆସିଲେ ଏବଂ ପୂର୍ବପରିଚିତ ସଖୀବେଶ ଧରି ସଖୂଙ୍କ ସହିତ କଥାଭାଷା ହେଲେ। ତାଙ୍କୁ ଦେଖିବାକ୍ଷଣି ସଖୂଙ୍କର ସବୁକଥା ମନେ ପଡ଼ିଗଲା। ସେ ଅନୁତପ୍ତ ହୋଇ କୃତଜ୍ଞତା ପ୍ରକାଶ କରି ତାଙ୍କ ଚରଣ ଧରି କହିଲେ, 'ଭଉଣି ! ତୁମକୁ ବହୁତ କଷ୍ଟ ହୋଇଥିବ, ତୁମେ ମୋ ବଦଳରେ ବନ୍ଧା ହୋଇ ରହିଲ। ମୁଁ ତ ତୁମ କୃପାରୁ ହିଁ ଭଗବାନଙ୍କୁ ଦର୍ଶନ କଲି। ତୁମ ଉପକାର ସୁଝିପାରିବି ନାହିଁ ।' ଦୁଇଚାରି ପଦ ମିଠାକଥା ଶୁଣାଇ ଭଗବାନ କହିଲେ, 'ତୁ ଏଇ ମାଠିଆ ନେଇଯା, ମୁଁ ଯାଉଛି।' ଏତିକି କହି ସେ ଅଦୃଶ୍ୟ ହୋଇଗଲେ। ସଖୂ ମାଠିଆ ଧରି ଘରେ ପହଞ୍ଚିଲେ ଏବଂ ସ୍ୱାଭାବିକଭାବରେ ହିଁ ନିଜର ଘରକାମରେ ଲାଗିଗଲେ। ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ସ୍ୱଭାବରେ ବିଚିତ୍ର ପରିବର୍ତ୍ତନ ଦେଖି ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା।

ଦ୍ୱିତୀୟ ଦିନ କିବଲ ଗାଆଁର ସେହି ବ୍ରାହ୍ମଣ ସଖୂ ମରିବା ଖବର ଶୁଣାଇବାକୁ କଲହାଡ଼ ଆସିଲେ । ସଖୂଘରେ ପହଞ୍ଚି ସଖୂଙ୍କୁ ଘରକାମ କରୁଥିବା ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ସଖୂଙ୍କ ଶ୍ୱଶୁରଙ୍କୁ ପଦାକୁ ଡାକି କହିଲେ, "ତୁମ ବୋହୂ ତ ପଣ୍ଢରପୁରରେ ମରିଯାଇଥିଲା, ତାକୁ ତ ଆମେ ଦାହ କରି ଆସିଛୁ । ଏଠାରେ ତାକୁ ତୁମ ଘରେ କାମ କରିବା ଦେଖି ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି । ସେ କ'ଣ ପ୍ରେତ ହୋଇ ଏଠାକୁ ଆସିଛି ?" ସଖୂଙ୍କ ଶ୍ୱଶୁର ଓ ସ୍ୱାମୀ କହିଲେ, "ସେ ତ ଆଦୌ ପଣ୍ଢରପୁର ଯାଇ ନାହିଁ । ତୁମେ ଭ୍ରମରେ ଏପରି କହୁଛ ।" ଶେଷରେ ବ୍ରାହ୍ମଣ ବହୁତ କହିବା ପରେ ଶ୍ୱଶୁର ସଖୂଙ୍କୁ ପାଖକୁ ଡାକି ପଗ୍ଚରିଲେ, "ବୋହୂ ! ତୁମକୁ ତ ଆମେ ଏଠାରେ ବାନ୍ଧି ରଖିଥିଲୁ । ଏ କହୁଛନ୍ତି ଯେ, ତୁମେ ପଣ୍ଢରପୁରରେ ମରିଯାଇଥିଲ । ଏ କଥାରେ କି ରହସ୍ୟ ରହିଛି ?" ସଖୂ କହିଲେ, "ମୋ ପରି ହିଁ ଜଣେ ସ୍ତ୍ରୀଲୋକ ଏଠାକୁ ଆସି ନିଜେ ବାନ୍ଧି ହୋଇ ରହିଥିଲେ ଏବଂ ମୋତେ ବନ୍ଧନରୁ ମୁକ୍ତ କରି ପଣ୍ଢରପୁର ପଠାଇଦେଇଥିଲେ । ମୁଁ ପଣ୍ଢରପୁର ଯାଇଥିଲି ଏବଂ ସେଠାରେ ଦିନେ ମୋର ଚେତା ମଧ୍ୟ ବୁଡ଼ିଯାଇଥିଲା । ପରେ ସ୍ୱପ୍ନରେ ଜଣାପଡ଼ିଲା ଯେ, ମୁଁ ମରିଯାଇଥିଲି କିନ୍ତୁ ମାଆ ରୁକ୍ମିଣୀ ମୋତେ ବଞ୍ଚାଇଦେଲେ । ଏଠାକୁ ଫେରିବା ପରେ ସେହି ସ୍ତ୍ରୀଲୋକ ଜଣକ କୃଷ୍ଣାନଦୀ ଘାଟରେ ମୋତେ ମାଠିଆଟି ଦେଇ ଗ୍ଚଲିଗଲେ । ମୋତେ ଲାଗୁଛି, ସେ ନିଶ୍ଚୟ ମୋର ପ୍ରଭୁ ଶ୍ରୀପାଣ୍ଡୁରଙ୍ଗ ଥିଲେ । ଆପଣମାନଙ୍କର ବଡ଼ ସୌଭାଗ୍ୟ ଥିବାରୁ ଆପଣମାନେ ତାଙ୍କର ଦର୍ଶନ ପାଇଲେ ।" ଏହା ଶୁଣିବାମାତ୍ରେ ସଖୂଙ୍କ ଶାଶୁ, ଶ୍ୱଶୁର ଓ ସ୍ୱାମୀ ବଡ଼ ଅନୁତାପ କଲେ । ସେମାନେ କହିବାକୁ ଲାଗିଲେ, "ସେ ନିଶ୍ଚିତ ସାକ୍ଷାତ୍ ଲକ୍ଷ୍ମୀପତି ଥିଲେ । ଆମେସବୁ ଅତି ନୀଚ ଓ ଭକ୍ତିହୀନ । ଆମେ ତାଙ୍କୁ ଚିହ୍ନି ନ ପାରି ବୃଥାରେ ବାନ୍ଧିରଖିଥିଲୁ ଏବଂ ତାଙ୍କୁ କେତେ ଯେ କଷ୍ଟ ନ ଦେଲୁ !!" ତିନିଜଣଯାକଙ୍କ ହୃଦୟ ଶୁଦ୍ଧ ହୋଇସାରିଥିଲା । ଏଥର ସେମାନେ ଭଗବାନଙ୍କ ଭଜନରେ ମନୋନିବେଶ କଲେ ଏବଂ ସଖୂ ତାଙ୍କର ଅଶେଷ ଉପକାର କଲେ ବୋଲି ସ୍ୱୀକାର କଲେ ।

ଭଗବାନ ଭକ୍ତଙ୍କ ପାଇଁ କ'ଣ ବା ନ କରନ୍ତି ! ପ୍ରକୃତ ପ୍ରେମ ହେବା ଉଚିତ । ପ୍ରକୃତ ପ୍ରେମ ହୋଇଗଲେ ଭଗବାନଙ୍କୁ ବଶ କରିବାକୁ ସମୟ ଲାଗେନା । ପ୍ରଭୁ ଜାତି, କୁଳ ଦେଖନ୍ତି ନାହିଁ, କି ଉଚ୍ଚନୀଚ କାର୍ଯ୍ୟର ବିଗ୍ଭର କରନ୍ତି ନାହିଁ । ସତରେ ଭଗବାନ ଓ ଭକ୍ତଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସେହି ବିଶ୍ୱବ୍ୟାପକ ସଚ୍ଚିଦାନନ୍ଦ ଜଗଦୀଶ୍ୱର ହିଁ ଭକ୍ତରୂପରେ ବିଚରଣ କରନ୍ତି ଏବଂ ଅସଂଖ୍ୟ ଅଜ୍ଞାନୀଜନଙ୍କୁ ଭକ୍ତିର ସୁଖମୟ ମାର୍ଗକୁ ଆଣି ସେମାନଙ୍କୁ ଉଦ୍ଧାର କରିଦିଅନ୍ତି । ଧନ୍ୟ ସେହି ପ୍ରଭୁଙ୍କୁ । ଧନ୍ୟ ତାଙ୍କର ଭକ୍ତଙ୍କୁ ।

ବୋଲ—ଭକ୍ତ ଓ ଭଗବାନଙ୍କର ଜୟ !

॥ ଶ୍ରୀହରିଃ ॥

ଭକ୍ତ ଶ୍ରୀ ଦୀନବନ୍ଧୁ ଦାସ ଓ ତାଙ୍କର ପରିବାର

ଭକ୍ତବର ଶ୍ରୀ ଦୀନବନ୍ଧୁ ଦାସଙ୍କ ଜନ୍ମ ପ୍ରସିଦ୍ଧ ଅବନ୍ତିକାପୁରୀର ଗୋଟିଏ ବ୍ରାହ୍ମଣକୁଳରେ ହୋଇଥିଲା । ପରିବାର କହିଲେ ନିଜେ ଦୀନବନ୍ଧୁ ଦାସ, ପତିବ୍ରତା ସ୍ତ୍ରୀ ମାଳତୀ, ଦୁଇ ପୁଅ ଓ ଗୋଟିଏ ପୁତ୍ରବଧୂ । ପାଞ୍ଚଜଣଯାକ ସତେ ଯେପରି ପୂର୍ବଜନ୍ମର କୌଣସି ଯୋଗଭ୍ରଷ୍ଟ, ଭଗବଦ୍ ଭକ୍ତ, ବୈରାଗ୍ୟବାନ୍ ଓ ତପସ୍ୱୀ ଥିଲେ । ସେମାନଙ୍କ ମଧ୍ୟରେ ପରସ୍ପର ଘନିଷ୍ଠ ପ୍ରୀତି ରହିଥିଲା । ଜଣେ ଅନ୍ୟ ଜଣକର ସେବା କରିବା ଓ ପରସ୍ପରକୁ ସୁଖ ଦେବାପାଇଁ ସମସ୍ତେ ସଦାତତ୍ପର ରହୁଥିଲେ । ଲୋକମାନଙ୍କ ଦୃଷ୍ଟିରେ ଏମାନଙ୍କ ମଧ୍ୟରେ ବଡ଼ ପାରସ୍ପରିକ ମୋହ ଥିବା ପରି ଦେଖାଯାଉଥିଲା । କିନ୍ତୁ ବାସ୍ତବରେ ସେମାନେ ସମସ୍ତେ ବୈରାଗ୍ୟର ପ୍ରତିମୂର୍ତ୍ତି ଥିଲେ । ଶ୍ରୀହରିଙ୍କ ଚରଣକମଳରେ ସର୍ବସ୍ୱ ସମର୍ପଣ କରିଦେଇ ନିରନ୍ତର ପ୍ରେମପୂର୍ବକ ଭଗବାନଙ୍କୁ ଭଜନ କରିବା ଥିଲା ସେମାନଙ୍କ ଜୀବନର ଏକମାତ୍ର ବ୍ରତ । ଶ୍ରୀହରିଙ୍କ ଚର୍ଚ୍ଚାରେ ସେମାନଙ୍କର ବଡ଼ ପ୍ରୀତି ଥିଲା । ସେମାନେ ନିଜର ଅଧିକ ସମୟ ସନ୍ଥସମାଗମ ଓ ସନ୍ଥସେବାରେ ହିଁ ବିତାଉଥିଲେ । ଅନ୍ୟର ଭଲ କରିବା, ପ୍ରତ୍ୟେକ ଜୀବକୁ ସୁଖ ଦେବା ଥିଲା ସେମାନଙ୍କର ନିତ୍ୟନୈମିତ୍ତିକ କାର୍ଯ୍ୟ । ସେମାନଙ୍କର ହାତ ସନ୍ଥଚରଣ ସେବାରେ ଓ ଦୁଃଖୀଦରିଦ୍ରମାନଙ୍କୁ ଅନ୍ନବସ୍ତ୍ର ଦେବାରେ ଓ ସେମାନଙ୍କ ଶୁଶ୍ରୂଷା କରିବାରେ ସଦା ଲାଗିରହୁଥିଲା । ଅତିଥି ସେବାକୁ ତ ସେମାନେ ନିଜର ପ୍ରଧାନ ଧର୍ମ ବୋଲି ମାନୁଥିଲେ । ସେମାନଙ୍କ ଘରୁ କେବେ କୌଣସି ଅତିଥି ନିରାଶ ହୋଇ ଲେଉଟି ନାହିଁ । "ଅତିଥିସେବା ହେଉଛି ଗୃହସ୍ଥର ପରମ ଧର୍ମ ଏବଂ ଅତିଥି ଯଦି ନିରାଶ ହୋଇ ଫେରିଯାଆନ୍ତି, ତେବେ ସେ ତାଙ୍କର ସକଳ ପାପ ଗୃହସ୍ଥଙ୍କ ଘରେ ଛାଡ଼ିଦେଇଯାନ୍ତି ।" ଏହି ଶାସ୍ତ୍ରବଚନରେ

ସେମାନଙ୍କର ଦୃଢ଼ଶ୍ରଦ୍ଧା ଥିଲା । ଅତଏବ ସେମାନଙ୍କ ଘରେ ଅତିଥିଙ୍କର ଭଲରୂପେ ଆଦରସତ୍କାର ହେଉଥିଲା । ଯଦି କୌଣସି ଅତିଥିଙ୍କର ମନୋକାମନା ପୂର୍ଣ୍ଣ କରିବାରେ ସେମାନେ ନିତାନ୍ତ ଅସମର୍ଥ ହେଉଥିଲେ, ତେବେ ମଧୁର ବଚନରେ ତାଙ୍କୁ ସନ୍ତୁଷ୍ଟ କରିବା ପରେ ଲେଉଟି ଆସୁଥିଲେ । ତିରସ୍କାର କରି ବା ସ୍ପଷ୍ଟଭାବରେ ମନା କରିଦେଇ ସେମାନେ କେବେ କୌଣସି ଅତିଥିଙ୍କ ମନକୁ ଦୁଃଖୀ କରାଉ ନ ଥିଲେ ।

ଭକ୍ତ ଦୀନବନ୍ଧୁ ଦାସଙ୍କର ଏହି ଧାର୍ମିକ ଜୀବନର ଖ୍ୟାତି ଦେଶସାରା ବ୍ୟାପିଗଲା । ପ୍ରକୃତିର ସୀମା ଲଂଘନ କରି ଭଗବାନଙ୍କ ଅପ୍ରାକୃତ ରାଜ୍ୟରେ ତ ଏହି ସମାଚାର ବହୁ ଆଗରୁ ପହଞ୍ଚିସାରିଥିଲା । ଠିକ୍ କଥା, ମନୁଷ୍ୟହୃଦୟର ଏପରି କେଉଁ ଗୁପ୍ତ ସ୍ଥିତି ଅଛି, ଯାହାକୁ ଅନ୍ତର୍ଯାମୀ ପ୍ରଭୁ ନ ଜାଣନ୍ତି ! ଏହା ବ୍ୟତୀତ ଅତିଥିମାନଙ୍କ ରୂପରେ ବି କେବେ, କିଏ, କେଉଁ ଦେଶର ମହାପୁରୁଷ, କେଉଁ ବେଶରେ ଆସି ଆମ୍ଭମାନଙ୍କର ଗୁଣଦୋଷ ପରୀକ୍ଷା କରି ସେହି ସମାଚାର ପ୍ରଭୁଙ୍କ ନିକଟରେ ପହଞ୍ଚାଇଥାନ୍ତି, ସେ କଥା କିଏ ଜାଣି ପାରିବ ? କେବେ ଅପ୍ରାକୃତ ରାଜ୍ୟର କେଉଁ ଅତିଥି ଆମ ଦୁଆରକୁ ଯେ ଆସିଯିବେ, କିଏ ଜାଣେ ! ଅତଏବ ଗୃହସ୍ଥ ଅତିଥିସେବାପାଇଁ ସର୍ବଦା ଓ ସବୁ ସମୟରେ ପ୍ରସ୍ତୁତ ହୋଇ ରହିବା ଉଚିତ ଓ ଗୃହସ୍ଥ ଏହାକୁ ନିଜର ସୌଭାଗ୍ୟ ମନେ କରିବା ଉଚିତ ।

ସଂସାରରେ ବିଷୟୀ ମନୁଷ୍ୟ ଯେପରି ଧନ, ପୁତ୍ର ଓ ମାନ ଆଦି ପାଇବାକୁ ବ୍ୟାକୁଳ ରହେ, ଦିବ୍ୟଧାମରେ ସେହିପରି ଭଗବାନ ମଧ୍ୟ ଗୋଟିଏ ବସ୍ତୁପାଇଁ ବଡ଼ ବ୍ୟାକୁଳ ହୋଇଯାନ୍ତି ଓ ସେହି ବ୍ୟାକୁଳତା ଆଗରେ ବିଷୟୀ ମନୁଷ୍ୟର ବ୍ୟାକୁଳତା ସମୁଦ୍ର ଆଗରେ ଏକ ପରମାଣୁସମାନ ମଧ୍ୟ ହୋଇ ନ ଥାଏ । ଭଗବାନ ଯେତେବେଳେ ଜାଣନ୍ତି ଯେ, ଅମୁକ ଜୀବ ତାଙ୍କୁ ପାଇବାକୁ ବ୍ୟାକୁଳ, ସେତେବେଳେ ସେ ଏତେ ବ୍ୟାକୁଳ ହୋଇଯାନ୍ତି ଯେ, ଅତି ଶୀଘ୍ର ସେହି ଭକ୍ତକୁ ଦର୍ଶନ ଦେବା ଛଡ଼ା ତାଙ୍କୁ ଆଉ କୌଣସି କଥା ମନେପଡ଼େ ନାହିଁ । ସେ ଅନ୍ୟ କୌଣସି ବସ୍ତୁକୁ ଗୁରୁତ୍ୱ ନ ଦେଇ କେବଳ ତାଙ୍କୁ କୃତାର୍ଥ କରିବାପାଇଁ ତୁରନ୍ତ ସେଠାରେ ଯାଇ ପହଞ୍ଚିଯାନ୍ତି । ଗଜରାଜଙ୍କୁ ରକ୍ଷା କରିବାର ବ୍ୟାକୁଳତାହେତୁ ଭଗବାନ

ଗରୁଡ଼ଙ୍କ ଖାଲିପିଠିରେ ବସି ତୁରନ୍ତ ସେଠାରେ ପ୍ରକଟ ହୋଇଥିଲେ । ସେହି ଅଖିଳ ବିଶ୍ୱର ସ୍ୱାମୀ, ଦୀନବନ୍ଧୁ ପ୍ରଭୁ ତାଙ୍କର ସେବକ ଦୀନବନ୍ଧୁ ଦାସଙ୍କୁ କୃତାର୍ଥ କରିବାକୁ ଦିନେ ଯାଇ ଅବନ୍ତିକାପୁରୀରେ ପହଞ୍ଚିଗଲେ ଓ ଭକ୍ତିର ମହିମା ବଢ଼ାଇବାପାଇଁ ତାଙ୍କର ଅତିଥିପରାୟଣତା ପରୀକ୍ଷା କରିବାଛଳରେ ପ୍ରଭୁ ସେଠାରେ ଏକ ନୂତନ ଲୀଳା ରଚନା କଲେ । ଭଗବାନଙ୍କ ପ୍ରେରଣାରେ ଏକ ତୀବ୍ର ବିଷଧରସର୍ପ ଦୀନବନ୍ଧୁ ଦାସଙ୍କ ଘରେ ପଶି ତାଙ୍କ ବଡ଼ପୁଅଙ୍କୁ ଦଂଶନ କଲା । ଦେଖୁ ଦେଖୁ ତା'ର ସାରା ଶରୀରରେ ବିଷ ଚରିଗଲା । ଏବଂ କିଛି ସମୟ ଛଟପଟ ହେବା ପରେ ସେ ଭଗବାନଙ୍କ ଧାମରେ ପହଞ୍ଚିଗଲା । ପୁତ୍ରର ଅକାଳ ମୃତ୍ୟୁରେ ଦୀନବନ୍ଧୁ ଓ ତାଙ୍କ ପତ୍ନୀଙ୍କୁ ବଡ଼ ଦୁଃଖ ହେଲା । ପତିବ୍ରତା ପୁତ୍ରବଧୂଙ୍କ ଦୁଃଖ ତ ଅକଥନୀୟ । ବଡ଼ଭାଇର ମୃତ୍ୟୁରେ ସାନଭାଇକୁ ମଧ୍ୟ ଦୁଃଖ ହେଲା । ପରନ୍ତୁ ସେମାନଙ୍କର ସେହି ଦୁଃଖ ପ୍ରକୃତରେ ସତ, ନା ଜାଗତିକ ନାଟକର ଅଭିନୟ, ତାହା ଆଗକୁ ପଢ଼ିଲେ ପାଠକଙ୍କୁ ଜଣାପଡ଼ିବ ।

ଏହି ସମୟରେ ଅବନ୍ତିକାନଗରୀର ରାଜମାର୍ଗରେ ଜଣେ ତେଜୀୟାନ ସନ୍ନ୍ୟାସୀ ଦେଖାଗଲେ । ତାଙ୍କର ଗୋଟିଏ ହାତରେ ଦଣ୍ଡ ଓ ଅନ୍ୟ ହାତରେ କମଣ୍ଡଳୁ ଥିଲା । ଶରୀର ସୁନ୍ଦର ଗୈରିକବସ୍ତ୍ରଦ୍ୱାରା ଆବୃତ ଥିଲା । ତାଙ୍କୁ ଦେଖିବା କ୍ଷଣି ଭକ୍ତିଭାବରେ ଲୋକଙ୍କ ମୁଣ୍ଡ ନଇଁ ଯାଉଥିଲା । ସନ୍ନ୍ୟାସୀ ମହାରାଜ ପଗ୍ରିରି ପଗ୍ରିରି ଦୀନବନ୍ଧୁ ଦାସଙ୍କ ଦୁଆରେ ଆସି ପହଞ୍ଚି ଡାକିବାକୁ ଲାଗିଲେ । ଘରେ ସେତେବେଳେ କନ୍ଦାକଟା ଗ୍ଳଲିଥିଲା । ତଥାପି ସନ୍ନ୍ୟାସୀଙ୍କ ଡାକ ଶୁଣିବା କ୍ଷଣି ସମସ୍ତେ ଚୁପ୍ ହୋଇଗଲେ । ଦୀନବନ୍ଧୁ ନିଜର ମୁହଁ ଧୋଇ ପୋଛାପୋଛି ହୋଇ ବାହାରକୁ ଆସିଲେ ଏବଂ ସନ୍ନ୍ୟାସୀଙ୍କ ତେଜସ୍ୱୀ ମୂର୍ତ୍ତି ଦେଖିବାମାତ୍ରେ ଆନନ୍ଦବିହ୍ୱଳ ହୋଇଗଲେ । ଦୁଇ ହାତ ଯୋଡ଼ି ନମ୍ର ହୋଇ କହିଲେ, "ଦେବ ! ଆସନ୍ତୁ, ଏ ଅଧମର ଯୋଗ୍ୟ ଯାହା ଆଜ୍ଞା ହେବ, ନିଃସଙ୍କୋଚରେ କହନ୍ତୁ ।"

ସନ୍ନ୍ୟାସୀ ଗମ୍ଭୀର କଣ୍ଠରେ କହିଲେ, "ଭାଇ ଦୀନବନ୍ଧୁ ! ମୁଁ ଶୁଣିଛି, ତୁମେ ଅତିଥିମାନଙ୍କର ଅତି ସୁନ୍ଦର ସତ୍କାର କରିଥାଅ ଓ ଦୀନହୀନ ଦୁଃଖୀ ନରନାରୀମାନଙ୍କୁ ଯଥାଯୋଗ୍ୟ ଅନ୍ନ-ବସ୍ତ୍ର, ଆଶ୍ରୟ ଓ ଆଶ୍ୱାସନା ଦେଇ

ସୁଖୀ କରାଇଥାଅ । ମୋତେ ଭାରି ଭୋକ । ମୋତେ ଏହିକ୍ଷଣି ଭିକ୍ଷା ଦେଇ ସୁଖୀ କରାଅ ।''

ସନ୍ନ୍ୟାସୀଙ୍କ କଥା ଶୁଣି ଦୀନବନ୍ଧୁ ଦାସ ଭକ୍ତିପୂର୍ଣ୍ଣ ହୃଦୟରେ ପ୍ରଣାମ କରି କହିଲେ, ''ମହାରାଜ ! ଆପଣ ଏହି ଆସନ ଉପରେ ବିରାଜମାନ ହୁଅନ୍ତୁ; ମୁଁ ଭିତରୁ ଆସୁଛି ।''

ଏତିକି କହି ସନ୍ନ୍ୟାସୀଙ୍କୁ ଆସନରେ ବସାଇ ଦେଇ ଦୀନବନ୍ଧୁ ଘର ଭିତରକୁ ଗଲେ ଓ ସ୍ତ୍ରୀପୁତ୍ରାଦିଙ୍କୁ କହିଲେ, ''ଦେଖ, ବାହାରେ ଜଣେ କ୍ଷୁଧାତୁର ସନ୍ନ୍ୟାସୀ ଉପସ୍ଥିତ ଅଛନ୍ତି ଓ ଏବେ ତୁରନ୍ତ ଭିକ୍ଷା ଚାହୁଁଛନ୍ତି । ଏଣେ ପୁତ୍ରର ମୃତଦେହ ଘରେ ପଡ଼ିରହିଛି; ଆମେ କ'ଣ କରିବା ଉଚିତ ? ଏପରି ବିକଟ ସମୟରେ କିପ୍ରକାର ଅତିଥିସେବା କରିପାରିବା ? ତୁମମାନଙ୍କର ସମ୍ମତି କ'ଣ ?''

ଦୀନବନ୍ଧୁ ଦାସଙ୍କ କଥା ଶୁଣି ପତ୍ନୀ ମାଳତୀ, ପୁତ୍ରବଧୂ ଓ ସାନପୁଅ ତିନିହେଁ ଏକସ୍ୱରରେ କହିଲେ, ''ଯେ ମଲା, ସେ ତ ଆଉ ଫେରି ଆସିବ ନାହିଁ । ବିମୁଖ ହୋଇ ଅତିଥି ଘରୁ ଫେରିଗଲେ ବଡ଼ ଅଧର୍ମ ହେବ । ଅତିଥିରୂପରେ କିଏ ଆସିଛନ୍ତି, ଆମେ ଜାଣୁନା । ଅତଏବ ପ୍ରଥମେ ଯେପରି ହେଉ ଅତିଥି ସତ୍କାର କରିବା ଉଚିତ । ତା'ପରେ ଶବ ସଂସ୍କାର କରାଯିବ ।''

ଘରର ସବୁ ଲୋକଙ୍କ ମତ ତାଙ୍କ ମତର ଅନୁକୂଳ ଦେଖି ଦୀନବନ୍ଧୁ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ଏପରି ପ୍ରଭୁଭକ୍ତ ଧର୍ମନିଷ୍ଠ ପରିବାର ପାଇବା ନିଜର ସୌଭାଗ୍ୟ ବୋଲି ଜାଣି ଭଗବାନଙ୍କୁ ଧନ୍ୟବାଦ ଦେଲେ । ତା'ପରେ ସର୍ବସମ୍ମତିରେ ପୁଅର ମୃତଦେହକୁ ଖଣ୍ଡିଏ ମୋଟାଲୁଗାରେ ବାନ୍ଧି ଗୋଟିଏ କୋଠରିରେ ରଖିଦେଲେ ଓ ସମସ୍ତେ ସ୍ନାନାଦି କରି ଅତିଥି ସତ୍କାରପାଇଁ ପ୍ରସ୍ତୁତ ହେଲେ । ଶାଶୁବୋହୂ ମିଶି ବଡ଼ ପ୍ରେମରେ ରୋଷେଇ କଲେ । ଦୀନବନ୍ଧୁ ଦାସ ରୋଷେଇ ହେବାମାତ୍ରେ ଆସନ ବିଛାଇ ସନ୍ନ୍ୟାସୀଙ୍କୁ ଘରଭିତରକୁ ଡାକିନେଲେ ଓ ହାତ ଧୋଇ ଭୋଜନ ପରଷିବାକୁ ଲାଗିଲେ ।

ଭୋଜନଥାଳି ରଖି ଦୀନବନ୍ଧୁ ଦାସ ସନ୍ନ୍ୟାସୀ ମହାରାଜଙ୍କୁ ଭୋଜନ

କରିବା ପାଇଁ ବିନୟପୂର୍ବକ ପ୍ରାର୍ଥନା କଲେ । ସନ୍ନ୍ୟାସୀ ମହାରାଜ କହିଲେ, "ଭାଇ ଦୀନବନ୍ଧୁ ! ତୁମେ ତ କେବଳ ମୋପାଇଁ ଭୋଜନ ପରଷିଛ । ମୁଁ କୌଣସି ଗୃହସ୍ଥର ଘରେ କେବେ ଏକାକୀ ଭୋଜନ କରେ ନାହିଁ । ଅତଏବ ତୁମେ ସମସ୍ତେ ମୋ ସହିତ ଭୋଜନ କର । ତାହା ନ ହେଲେ ମୁଁ ଭୋଜନ କରିବି ନାହିଁ ।

ସନ୍ନ୍ୟାସୀଙ୍କ କଥା ଶୁଣି ସମସ୍ତେ ଅଡୁଆରେ ପଡ଼ିଲେ ଓ ଏକ ଆରେକକୁ ଚାହିଁବାକୁ ଲାଗିଲେ । ସମସ୍ତେ ନିଜ ନିଜ ମନରେ ବିଚାର କଲେ, "ଯଦି ଆମେ ଭୋଜନ କରିବାପାଇଁ ନ ବସିବା, ତେବେ ସନ୍ନ୍ୟାସୀ ମହାରାଜ କିଛି ନ ଖାଇ ଚାଲିଯିବେ । ଏହା ଆମପାଇଁ ବଡ଼ ଅଧର୍ମର କଥା ହେବ । ଅତଏବ ଚୁପ୍‌ଚାପ୍ ତାଙ୍କ ସହିତ ବସି ଦୁଇଚାରିଗୁଣ୍ଡା ଖାଇନେବା ଉଚିତ ।"

ସମସ୍ତଙ୍କର ସମ୍ମତି ଜାଣି ଆଉ ଚାରିଟି ଥାଳିରେ ଖାଦ୍ୟ ପରଷାଗଲା ଓ ଚାରିହେଁ ଭୋଜନ କରିବାକୁ ବସିଗଲେ । ତଥାପି ସନ୍ନ୍ୟାସୀ ଭୋଜନ ଆରମ୍ଭ କଲେ ନାହିଁ । କିଛି ସମୟ ପରେ ମୌନ ଭଙ୍ଗ କରି ସେ କହିଲେ, "ଭାଇ ଦୀନବନ୍ଧୁ ! ମୁଁ ଲୋକଙ୍କ ଠାରୁ ଶୁଣିଥିଲି ଯେ, ତୁମ ଘରେ ମୋଟ ପାଞ୍ଚପ୍ରାଣୀ କୁଟୁମ୍ବ ଅଛନ୍ତି, କିନ୍ତୁ ମୋ ସହିତ ତୁମେ ମାତ୍ର ଚାରିଜଣ ହିଁ ବସିଛ । ତୁମର ଗୋଟିଏ ପୁଅ କୁଆଡ଼େ ଗଲା ? ସେ ନ ଆସିଲେ ତ ମୁଁ ଭୋଜନ କରିପାରିବି ନାହିଁ ।"

ସନ୍ନ୍ୟାସୀଙ୍କ କଥା ଶୁଣି ସମସ୍ତଙ୍କ ବୁଦ୍ଧି ବଣା ହୋଇଗଲା । କହିବାକୁ ଶକ୍ତି ନାହିଁ । ଅଶ୍ରୁପୂର୍ଣ୍ଣ ନୟନରେ ସମସ୍ତେ ସନ୍ନ୍ୟାସୀଙ୍କ ମୁହଁକୁ ଏପରି ଚାହିଁବାକୁ ଲାଗିଲେ, ଯେପରି ସେମାନେ କିଛି ଗୋଟିଏ ଗୁରୁତର ଅପରାଧ କରିଛନ୍ତି । ଦୀନବନ୍ଧୁ ଦାସଙ୍କ ପରିବାରର ସମସ୍ତଙ୍କର ଏପରି ଦଶା ଦେଖି ସନ୍ନ୍ୟାସୀ ମହାରାଜ ଗମ୍ଭୀର ହୋଇ ପଚାରିଲେ, "ଆରେ ଭାଇ ! ଏତେ ଡର କାହିଁକି ? ତୁମେସବୁ ଏତେ ଦୁଃଖୀ କାହିଁକି ହୋଇଗଲ ? ସାହସ ଧରି କଥା କ'ଣ, ସତ କହ । ତୁମ ପୁଅ କେଉଁଠି ଅଛି ?"

ସନ୍ନ୍ୟାସୀଙ୍କ କଥା ଶୁଣି ଚାରିଜଣଯାକ ତାଙ୍କ ଚରଣରେ ଲୋଟିପଡ଼ିଲେ । ତା'ପରେ ଦୀନବନ୍ଧୁ ଦାସ ଧୀରକଣ୍ଠରେ କହିଲେ, "ମହାରାଜ ! ମୁଁ

ଆପଣଙ୍କୁ ସତକଥାଟି କହୁଛି । ଆପଣ ଆମ ଅଧମଙ୍କ ଉପରେ କ୍ରୋଧ କରନ୍ତୁ ନାହିଁ । ଆପଣ ଏଠାରେ ପଦାର୍ପଣ କରିବାର କିଛି ସମୟ ପୂର୍ବରୁ ସର୍ପଦଂଶନରେ ମୋର ପୁଅର ମୃତ୍ୟୁ ହୋଇସାରିଥିଲା । ଆମେ ତା'ର ଦାହସଂସ୍କାରପାଇଁ ବ୍ୟବସ୍ଥା କରୁଥିଲୁ । ଏତିକିବେଳେ ଆପଣ ଆସିଗଲେ । ଆପଣ ଅତ୍ୟନ୍ତ କ୍ଷୁଧାତୁର ଅଛନ୍ତି ଜାଣି ଆମ୍ଭେମାନେ ଆଗେ ଆପଣଙ୍କୁ ଭିକ୍ଷା ଦେବାକୁ ସ୍ଥିର କଲୁ । ସେହି ଅନୁସାରେ ପୁତ୍ରର ଶବକୁ ଅଲଗା ରଖିଦେଇ ସ୍ନାନ ସାରି ରୋଷେଇ କଲୁ । ବର୍ତ୍ତମାନ ଆପଣ ଯାହା ଆଜ୍ଞା କରିବେ, ତାହା ହେବ ।''

ସନ୍ନ୍ୟାସୀ ଆଶ୍ଚର୍ଯ୍ୟଚକିତ ହୋଇ କହିଲେ, ''ଆରେ ! ତୁମେ ଏସବୁ କ'ଣ କହୁଛ ! ମୋର କାହିଁ ଏଥିରେ ବିଶ୍ୱାସ ହେଉ ନାହିଁ । ପୁତ୍ର ଓ ପତିଙ୍କ ମୃତଦେହକୁ ଛାଡ଼ିଦେଇ ପିତାମାତା ଓ ସ୍ତ୍ରୀ ଏପରି ଅତିଥି ସତ୍କାର ପାଇଁ ଆଗେଇ ଆସିପାରନ୍ତି ? ତୁମ ପୁତ୍ରର ମୃତଦେହ କେଉଁଠି ଅଛି, ମୋତେ ଦେଖାଅ ।''

ଏବେ ଦୀନବନ୍ଧୁ କରିବେ କ'ଣ ? ସେ ପୁତ୍ରର ଶବଟି ଉଠାଇ ଆଣିଲେ ଓ ଶବ ଉପରୁ ଗୁଦର ଖୋଲିଦେଇ ସେଇଠି ଶୋକାକୁଳ ହୋଇ ଠିଆ ହେଲେ । ସନ୍ନ୍ୟାସୀ ଶବକୁ ଦେଖିବାମାତ୍ରେ ଠିଆ ହୋଇପଡ଼ିଲେ ଓ କ୍ରୋଧରେ ଆଖି ଲାଲ କରି କହିଲେ, ''ଆରେ ଦୀନବନ୍ଧୁ ! ତୁ କେଡ଼େ ନୃଶଂସ ସତେ ! ତୋତେ କିଏ ଜ୍ଞାନୀ ବୋଲି କହୁଛି ? ମୁଁ ଜାଣିପାରୁଛି ତୁ ଗୋଟାଏ ଦୁଷ୍ଟପ୍ରକୃତିର ନିର୍ଦ୍ଦୟ ମନୁଷ୍ୟ । ଘରେ ପୁଅର ଶବ ପଡ଼ିଛି, ଏ ଅବସ୍ଥାରେ ବାପ ଆନନ୍ଦ ମନରେ କାହା ସହିତ ଭୋଜନ କରିବାକୁ ବସିଯିବ ନା ! ଏପରି ନିର୍ଦ୍ଦୟ କଠିନହୃଦୟ ଓ ପାପୀ ବାପକୁ କ'ଣ କୁହାଯିବ ?''

ସନ୍ନ୍ୟାସୀଙ୍କ କଥା ଶୁଣି ଦୀନବନ୍ଧୁ ଦାସ କହିଲେ, ''ମହାରାଜ ! ଆପଣଙ୍କ କଥା ସତ୍ୟ ହୋଇପାରେ, କିନ୍ତୁ ଆପଣ ହିଁ କହନ୍ତୁ, ସଂସାରରେ କିଏ କାହାର ପିତା ଓ କିଏ କାହାର ପୁତ୍ର ? ଇଏ ତ ରାସ୍ତାକଡ଼ର ଧର୍ମଶାଳା । ଏଠାରେ ଯାତ୍ରୀ ଆସି ରହନ୍ତି ଓ ନିଜ ନିଜର ସମୟ ସରିଗଲେ ଆଗକୁ ଯାତ୍ରା କରିବାପାଇଁ ଗ୍ଲଲିଯାଆନ୍ତି । କିଏ ଆଗେ ଯାଏ ତ, କିଏ ପଛେ

ଯାଏ । ଅଥବା ବୁଝନ୍ତୁ ଯେ, ଏ ସଂସାର ଗୋଟିଏ ଆମ୍ବଗଛ ପରି । ଏଥିରେ ଯଥାସମୟରେ ବଉଳ ଆସେ, ପୁଣି ଶୁଖିଯାଇ ଝଡ଼ିପଡ଼େ । ସେ ଭିତରୁ କେତେଟା ବଉଳରେ ଛୋଟ ଛୋଟ ଆମ୍ବ କଷି ହୁଏ । ସେଥିରୁ କେତେକ ବଡ଼ ହୁଏ ଓ କେତେକ ଅଳ୍ପ ଦିନରେ ନଷ୍ଟ ହୋଇଯାଏ । ଯେଉଁସବୁ ଆମ୍ବ ବଡ଼ ହୁଏ ଓ ପାଚେ, ସେସବୁ ମଧ୍ୟ ସମୟାନୁସାରେ ଝଡ଼ିଯାଏ ବା ମନୁଷ୍ୟର ଉପଭୋଗରେ ଆସିବାପାଇଁ ତୋଳାଯାଏ । ଏହିପରି ଛୋଟ ବଡ଼ କଞ୍ଚା ପାଚିଲା ହୋଇ ସବୁ ଫଳ ଶେଷରେ ବିନଷ୍ଟ ହୁଏ । ଏପରିଭାବରେ ଏ ସଂସାରରେ ବାଳକ, ଯୁବା, ସ୍ତ୍ରୀ, ପୁରୁଷ କେହି ବି ହୁଅନ୍ତୁ ନା କାହିଁକି, କାଳଚକ୍ରରୁ କାହାରିକୁ ମୁକ୍ତି ମିଳେ ନାହିଁ । ରାଜା, ରଙ୍କ—ସମସ୍ତଙ୍କ ଶିର ଉପରେ କାଳଚକ୍ର ଘୂରୁଛି ଓ ଆଗେ ହେଉ, ପଛେ ହେଉ, ସମସ୍ତଙ୍କୁ ଦିନେ ନା ଦିନେ ମରିବାକୁ ପଡ଼େ । ମୋ ପୁଅର ଜୀବନକାଳ ହୁଏତ ପୂରିଯାଇଥିବ; ଏଠାରୁ ସେ ପରଂବ୍ରହ୍ମ ପରମାତ୍ମାଙ୍କ ଧାମକୁ ଚାଲିଗଲା । ଆମ୍ଭମାନଙ୍କର ଦିନ ପୂରିଗଲେ, ଆମେ ମଧ୍ୟ ଚାଲିଯିବୁ । ଅଯଥା ଶୋକ କରିବାରେ କି ଲାଭ ଅଛି ? ଅବଶ୍ୟ ସାଂସାରିକ ବ୍ୟବହାର ଅନୁସାରେ ଆମ୍ଭମାନଙ୍କର ଭୋଜନ କରିବାକୁ ବସିବା ଅନୁଚିତ ହେଲା; କିନ୍ତୁ ଆପଣଙ୍କୁ ଭୋକିଲା ଫେରାଇଦେବା ଅଧର୍ମ ହେବ ବୋଲି ଆମ୍ଭେମାନେ ଏପରି କଲୁ । ଅତଏବ ମହାରାଜ ! ଆପଣ ଶାନ୍ତ ହୁଅନ୍ତୁ । ଭଗବାନ ଗୀତାରେ ମଧ୍ୟ କହିଛନ୍ତି, ଯେ ମୃତ ଓ ଅବଶ୍ୟ ମରଣଶୀଳ ପ୍ରାଣୀମାନଙ୍କ ପାଇଁ ଶୋକ କରନ୍ତି ନାହିଁ, ସେ ହିଁ ପଣ୍ଡିତ ।"

ଦୀନବନ୍ଧୁ ଦାସଙ୍କ ଉତ୍ତର ଶୁଣି ସନ୍ନ୍ୟାସୀ ମନେ ମନେ ଖୁସୀ ହେବାକୁ ଲାଗିଲେ । ସେ ଖୋଲାଖୋଲି କିଛି ବି ଉତ୍ତର ଦେଲେ ନାହିଁ । କିନ୍ତୁ ଦୀନବନ୍ଧୁଙ୍କ ସ୍ତ୍ରୀ ମାଳତୀଙ୍କୁ ସେ କହିବାକୁ ଲାଗିଲେ, "ଆରେ ! ତୁମ ହୃଦୟ ମଧ୍ୟ କେଡ଼େ କଠୋର ! ତୁମେ ତ ମାଆ । ମାଆର ପୁଅ ପ୍ରତି ବହୁତ ସ୍ନେହ ଥାଏ; ଏହା ଏକ ସ୍ୱାଭାବିକ ନିୟମ । ତଥାପି ତୁମକୁ ପୁତ୍ରର ମରଣପାଇଁ କୌଣସି ଶୋକ ଲାଗିଲା ନାହିଁ ? ଏହା କେଡ଼େ ବଡ଼ କଠୋରତା ନୁହେଁ ସତେ !"

ମାଳତୀଦେବୀ ସନ୍ନ୍ୟାସୀଙ୍କୁ ପ୍ରଣାମ କରି ନମ୍ରତାର ସହିତ କହିଲେ,

"ମହାରାଜ ! ଆପଣ ଜ୍ଞାନୀ, ମୁଁ ବା ଆପଣଙ୍କୁ କ'ଣ କହିବି ! ତଥାପି ଯେହେତୁ ଆପଣ ପଚାରୁଛନ୍ତି, ମୁଁ ମୋର ନିଜର ମନର ଭାବ ଆପଣଙ୍କ ଆଗରେ ଥୋଉଛି । ଯେତେବେଳଯାଏ ପୁତ୍ର ଜୀବିତ ଥିଲା, ସେତେବେଳଯାଏ ଏହି ଶରୀରରସମ୍ବନ୍ଧ ଯୋଗୁ ମୁଁ ତାହାକୁ ଅତ୍ୟନ୍ତ ସ୍ନେହ କରୁଥିଲି। ସେ ମୋ ହୃଦୟର ଅଂଶ ଥିଲା; କିନ୍ତୁ ଏବେ ମରିଯିବା ପରେ ତା' ସହିତ ମୋର ପ୍ରକୃତରେ କୌଣସି ସମ୍ବନ୍ଧ ନାହିଁ । ଜନ୍ମ-ମୃତ୍ୟୁ ଶରୀରର ଧର୍ମ। ଯେ ଜନ୍ମ ହେବ, ସେ ନିଶ୍ଚୟ ମରିବ । ତେବେ ସଂସାରର ଆରୋପିତ ସମ୍ବନ୍ଧକୁ ସତ୍ୟ ବୋଲି ଭାବି ଆମେ କାହିଁକି ଶୋକ କରିବା ? କୁମ୍ଭାର ତା'ର ଚକ ଉପରେ ମାଟିପିଣ୍ଡୁଳା ରଖି ଭିନ୍ନ ଭିନ୍ନପ୍ରକାର ହାଣ୍ଡି ଗଢ଼େ; ନାନାପ୍ରକାର ମାଠିଆ ଗଢ଼େ। ସଂସାର ମଧ୍ୟ ଏହିପରି ଏକ ମାୟାର ଖେଳ। ମାୟା ଅନେକପ୍ରକାର ଖେଳ ରଚନା କରେ। କୁମ୍ଭାରଚକରୁ କେତେକ ହାଣ୍ଡି ଠିକ୍ ଉଠେ; କେତେକ ଉଠୁ ଉଠୁ ନଷ୍ଟ ହୋଇଯାଏ। ତା'ମଧ୍ୟରୁ କେତେକ ନିଆଁରେ ପୋଡ଼ିବାବେଳେ ଓ କେତେକ ଜଳରେ ବୁଡ଼ାଇଲେ ଫାଟିଯାଏ, ଭାଙ୍ଗିଯାଏ । କିନ୍ତୁ କୁମ୍ଭାର ସେସବୁପାଇଁ ଶୋକ କରେ ନାହିଁ । ତେଣୁ ମୁଁ ବା କାହିଁକି ପୁଅପାଇଁ ଶୋକ କରିବି ? ଏହି ଅସାର ସଂସାରରେ ସବୁକିଛି ସ୍ୱପ୍ନ ପରି । ଏଠାରେ କାହାର ନିତ୍ୟସମ୍ବନ୍ଧ ଅଛି ? ପକ୍ଷୀମାନେ ରାତିରେ ଗଛରେ ଏକାଠି ହୁଅନ୍ତି; ରାତି ପାହିଲେ ନିଜ ନିଜ ଦିଗରେ ଉଡ଼ିଯାଆନ୍ତି; ମନୁଷ୍ୟର ଦଶା ମଧ୍ୟ ସେହିପରି। ଏଠାରେ ଜଣକ ସହିତ ଅନ୍ୟ ଜଣକର ଯେଉଁ ସମ୍ବନ୍ଧ ଦେଖାଯାଏ, ତାହା ମାୟାର ଲୀଳାମାତ୍ର। ଅତଏବ ମୋର କିଛି ବି ଶୋକ ନାହିଁ। ଶୋକ ତ ମନୁଷ୍ୟର ମନକୁ ପ୍ରଭୁଭକ୍ତିରୁ ଦୂରେଇ ଦିଏ । ଯାହାର ମନ ଭଗବାନଙ୍କ ଠାରେ ଲାଗିଛି, ଯାହା ମନରେ ଆନନ୍ଦମୟ ଭଗବାନ ବସନ୍ତି, ତାକୁ ଶୋକ କାହିଁକି ହେବ ?"

ଦୀନବନ୍ଧୁଙ୍କ ପତ୍ନୀ ମାଳତୀଙ୍କ କଥା ଶୁଣି ସନ୍ନ୍ୟାସୀଙ୍କୁ ବଡ଼ ସନ୍ତୋଷ ଲାଗିଲା। ତା'ପରେ ସେ ଦୀନବନ୍ଧୁ ଦାସଙ୍କ ସାନ ପୁଅକୁ ଡାକି କହିଲେ, "ଆରେ ଭାଇ ! ଦେଖୁଛି ତୁ ତ ବଡ଼ ନିଷ୍ଠୁରହୃଦୟ। ନଚେତ୍ ତୋ ମନରେ କୌଣସି କୁଭାବନା ଭରିହୋଇଛି। ତୁଳସୀ ଦାସ ମହାରାଜ କହିଛନ୍ତି— *'ମିଲହି ନ ଜଗତ ସହୋଦର ଭ୍ରାତା।'* ତୁ ଆଜି ସେହି

ସହୋଦର ଭାଇର ମୃତ୍ୟୁରେ ତିଳେ ମଧ୍ୟ ଶୋକ କରୁ ନାହୁଁ ! ସତରେ ଆଜିକାଲି ଦୁନିଆରେ କିଏ କାହାର ଭାଇ ! ସମସ୍ତେ ସ୍ୱାର୍ଥର ସାଥୀ । ଭାଇ ମରି ପଡ଼ିଛି; କିନ୍ତୁ ତୁ ଭୋଜନ କରିବାକୁ ବସିଗଲୁ ! ତତେ ଟିକିଏ ହେଲେ ଲାଜ ଲାଗିଲା ନାହିଁ ? ତୋ'ଭଳି ଅଜ୍ଞାନୀ, ମୂର୍ଖ, ନିର୍ଦ୍ଦୟ ଓ ପାପୀ ଜଗତରେ ଆଉ କିଏ ଥିବ !"

ବାଳକ ହାତ ଯୋଡ଼ି କହିଲା, "ଆଜ୍ଞା, ମୁଁ ତ ଛୋଟ ପିଲାଟିଏ । ଆପଣଙ୍କୁ ବା କି ଜବାବ ଦେବି ? ଜଗତ ଦୃଷ୍ଟିରୁ ଆପଣ ମତେ ଶହେ ଦୋଷ ଦେଇପାରନ୍ତି; ସନ୍ଦେହ ବି କରିପାରନ୍ତି । କିନ୍ତୁ ଆପଣ ତ ଜ୍ଞାନୀ; କ'ଣ ଜଗତର ଏ ସମ୍ବନ୍ଧସବୁ ସତ୍ୟ ବୋଲି ଆପଣ କହିପାରିବେ ? ଆଜି ଯେ ବଡ଼ ଭାଇ, ସେ ଯେ କେତେଥର ସାନ ଭାଇ ହୋଇଥିବେ, କିଏ କହିବ ? ପୁଣି ଏହା ତ ଏହି ଜୀବନର ସମ୍ବନ୍ଧ । ନୁହେଁ କି ? ଏହି ଜନ୍ମ ପୂର୍ବରୁ କୌଣସି ସମ୍ବନ୍ଧ ନ ଥିଲା, କି ପରଜନ୍ମରେ ମଧ୍ୟ କୌଣସି ସମ୍ବନ୍ଧ ରହିବ ନାହିଁ । ମଧ୍ୟବର୍ତ୍ତୀ କାଳରେ ସମ୍ବନ୍ଧ ହୁଏ ଓ ତାହା ମୃତ୍ୟୁ ପରେ ପରେ ଶେଷ ହୋଇଯାଏ । ଏହି ମାୟା ସଂସାରରେ ଏକମାତ୍ର ପରମାତ୍ମାଙ୍କ ଛଡ଼ା ଆଉ ସତ୍ୟ ସତ୍ତ୍ୱ କ'ଣ ଅଛି ? ସଂସାରଟା ଗୋଟିଏ ହାଟସଦୃଶ। ହାଟକୁ ଅନେକ ସ୍ଥାନରୁ ବେପାରୀମାନେ ଜିନିଷ ବିକିବାପାଇଁ ଆସନ୍ତି ଓ କାହା ସହିତ ପ୍ରକୃତରେ କିଛି ସମ୍ବନ୍ଧ ନ ଥିଲେ ମଧ୍ୟ ନିଜ ମାଆପେଟର ଭାଇ ପରି ସମ୍ବନ୍ଧ ଯୋଡ଼ି ପରସ୍ପର ମିଳିମିଶି ରହନ୍ତି ଓ ହସଖୁସିରେ ନିଜର ବ୍ୟବସାୟ କରନ୍ତି। କିନ୍ତୁ ଯେତେବେଳେ ସେମାନଙ୍କର ଜିନିଷ ବିକା ସରିଯାଏ ବା ହାଟ ଉଠିଯାଏ, ସେତେବେଳେ କେହି ବି କାହାର ଚିନ୍ତା ନ କରି ନିଜ ନିଜର ରାସ୍ତାରେ ଚାଲିଯାନ୍ତି । ଏହା ହିଁ ଏହି ସଂସାରରୂପୀ ହାଟର ଦଶା । ନିଜ ନିଜର କର୍ମଫଳ ଭୋଗ କରିବାପାଇଁ ଜୀବମାନେ ଆସନ୍ତି; ଏଠାକୁ ଆସି ଭିନ୍ନ ଭିନ୍ନ ସମ୍ବନ୍ଧ ସ୍ଥାପନ କରନ୍ତି ଓ କର୍ମଫଳ ଭୋଗ ଶେଷ ହେବାକ୍ଷଣି ସବୁ ଛାଡ଼ି ଚାଲିଯାନ୍ତି । ମୋ ଭାଇଙ୍କ କର୍ମ ପୂରା ହୋଇସାରିଥିଲା । ତେଣୁ ସେ ଚାଲିଗଲେ। ମୋର କର୍ମଫଳ ଭୋଗ ପୂରା ହେଲେ, ମୁଁ ମଧ୍ୟ ଚାଲିଯିବି। ଯେଉଁ ବେପାରୀର ମାଲ ବିକା ହୋଇ ନାହିଁ, ସେ ତା ଆଗରୁ ମାଲ ବିକ୍ରୀ କରିସାରିଥିବା ବେପାରୀ ସହିତ ହାଟରୁ କିପରି ଚାଲିଯିବ ?

ଏହିପରିଭାବରେ ମରିବା ଲୋକ ସହିତ କେହି ମରନ୍ତି ନାହିଁ । ଯଦି ମୁଁ କିଛି ଅନୁଚିତ କଥା କହୁଥିବି, ତେବେ ଆପଣ ମୋତେ କ୍ଷମା କରନ୍ତୁ । ମୋତେ ଉଚିତ ଜ୍ଞାନ ପ୍ରଦାନ କରି କୃତାର୍ଥ କରନ୍ତୁ ।''

ବ୍ରାହ୍ମଣକୁମାରର ବଚନ ଶୁଣି ସନ୍ନ୍ୟାସୀଙ୍କୁ ବଡ଼ ଆନନ୍ଦ ଲାଗିଲା ଓ ସେ ମନେ ମନେ ତା'ର ବୁଦ୍ଧି ଓ ବିବେକର ପ୍ରଶଂସା କରିବାକୁ ଲାଗିଲେ । ବିବେକବାନ୍ ପୁରୁଷ କିପରି ସାଂସାରିକ ଦୁଃଖରେ ଦୁଃଖୀ ହୁଏ ନାହିଁ, ତାହାର ଏକ ପ୍ରତ୍ୟକ୍ଷ ପ୍ରମାଣ ପାଇ ସେ ପ୍ରସନ୍ନ ହୋଇଗଲେ । ଏବେ ଦୀନବନ୍ଧୁ ଦାସଙ୍କ ପୁତ୍ରବଧୂ ବା ମୃତ ପୁରୁଷର ଧର୍ମପତ୍ନୀଙ୍କୁ ପରୀକ୍ଷା କରିବା ବାକି ରହିଲା । ତାଙ୍କୁ ପାଖକୁ ଡକାଇ ସନ୍ନ୍ୟାସୀ ମହାରାଜ କହିଲେ, ''ଝିଅ ! ତୋ ଅବସ୍ଥା ତ ବଡ଼ ଦୁଃଖଦାୟକ । ସଂସାରରେ ପତି ହିଁ ସ୍ତ୍ରୀର ସର୍ବସ୍ୱ, ପତି ବିନା ସ୍ତ୍ରୀର ଜୀବନ ନିରର୍ଥକ । ପତିହୀନା ନାରୀ ପରି ଦୁଃଖୀ ପ୍ରାଣୀ ସଂସାରରେ ଆଉ କେହି ନାହିଁ । କିନ୍ତୁ ଭଲ ଘରର ଝିଅ ହୋଇ ତୋର ଆଚରଣ ଏପରି ନିନ୍ଦନୀୟ କାହିଁକି ହେଲା ? ଆଜି ତୋ ଆଖିରେ ବୁନ୍ଦାଏ ଲୁହ ନ ଦେଖି ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି । କ'ଣ ତତେ ପତିମୃତ୍ୟୁହେତୁ ଟିକିଏ ବି ଦୁଃଖ ଲାଗୁ ନାହିଁ ? ଆରେ ! ବାକି କଥା କିଏ ପଗ୍ରେ, ପତିର ଶବଟା ଘରେ ପଡ଼ିଥିବା ଅବସ୍ଥାରେ ଖାଇବାକୁ ପରଷିବାବେଳେ ମଧ୍ୟ ତତେ ଟିକିଏ ଲଜ୍ଜା ଲାଗିଲା ନାହିଁ । ତତେ ଧିକ୍ !!''

ସନ୍ନ୍ୟାସୀଙ୍କ କଥା ଶୁଣି ଧର୍ମପରାୟଣା ବିଧବା କହିଲେ, ''ବାବା ! ଆପଣଙ୍କ କହିବା ସମ୍ପୂର୍ଣ୍ଣ ଠିକ୍ । ସ୍ତ୍ରୀ ପାଇଁ ପତି ହିଁ ସର୍ବସ୍ୱ । କିନ୍ତୁ ସଂସାରରେ (ପ୍ରକୃତିରେ ଆବଦ୍ଧ ହୋଇଥିବା) ଜୀବର ପ୍ରକୃତ ପତି କିଏ, ମତେ ଟିକିଏ ବୁଝାଇଦିଅନ୍ତୁ ତ । ପରମାତ୍ମାଙ୍କ ବ୍ୟତୀତ ଆମ ସମସ୍ତଙ୍କର ଆଉ କେହି ବି ସ୍ୱାମୀ ଅଛନ୍ତି କି ? ସେହି ଏକମାତ୍ର ପ୍ରକୃତ ସ୍ୱାମୀଙ୍କ ପ୍ରାପ୍ତିପାଇଁ ହିଁ ତ ସ୍ତ୍ରୀ ତା'ର ଲୌକିକ ପତିକୁ ପରମେଶ୍ୱର ବୋଲି ଭାବି ପରମେଶ୍ୱରାକାର-ବୃତ୍ତି ହେବାପାଇଁ ତାଙ୍କର ସେବା କରେ । ଯେତେଦିନଯାଏ ସେହି ପରମାତ୍ମା ତାଙ୍କର ପ୍ରତିନିଧିରୂପକ ପତିଙ୍କୁ ସେବା କରିବାପାଇଁ ମୋ ହାତରେ ସମର୍ପଣ କରିଥିଲେ ଓ ଯେତେଦିନଯାଏ ତାଙ୍କର ମୋ ନିକଟରେ ରହିବାର ଥିଲା,

ସେତେଦିନଯାଏ ତନ, ମନ ଦେଇ ତାଙ୍କର ସେବା କରିବା ମୋର ଧର୍ମ ଥିଲା ଓ ମୁଁ ଆଜିଯାଏ ତାହା ଯଥାସାଧ୍ୟ କରୁଥିଲି ମଧ୍ୟ । ଏବେ ଭଗବାନ ତାଙ୍କ ନିଜ ବସ୍ତୁକୁ ଫେରାଇନେଇ ମୋତେ ତାଙ୍କର ସାକ୍ଷାତ ସେବାକାର୍ଯ୍ୟ ସମର୍ପଣ କରିଛନ୍ତି; ତେବେ କହନ୍ତୁ, ମୁଁ କାହିଁକି ଶୋକ କରିବି ? ମୋତେ ତ କୌଣସିପ୍ରକାରେ ବି ସେହି ପ୍ରଭୁଙ୍କ ସେବାରେ ନିଯୁକ୍ତ ରହିବାକୁ ହେବ । ସେ ଯେପରି ଚାହାଁନ୍ତି, ସେପରି ସେବା ନିଅନ୍ତୁ । ମନୁଷ୍ୟକୁ ବିଷୟ ପ୍ରାପ୍ତିରେ ଯେଉଁ ଆନନ୍ଦ ହୁଏ, ତାର ବିନାଶରେ ମଧ୍ୟ ତାହା ହେବା ଉଚିତ; କାରଣ ବିଷୟ ତ କେବେ କୌଣସି ଅନ୍ୟ ଲୋକ ନିକଟକୁ ଯିବା ଆସିବା କରେ ନାହିଁ । ପରମାତ୍ମାଙ୍କ ଜିନିଷ ପରମାତ୍ମାଙ୍କ ଇଚ୍ଛାରେ ପରମାତ୍ମାଙ୍କ ସୃଷ୍ଟିରେ ହିଁ ଘୂରିବୁଲେ । ଯଦି ସବୁ କିଛି ତାଙ୍କରି ସୃଷ୍ଟିର ଅନ୍ତର୍ଗତ, ତେବେ କେହି ତା'ର ବାହାରେ କେଉଁଠିକି ଯାଇପାରିବ କି ? ଜଣେ ମାଲିକଙ୍କର ଅନେକ ସ୍ଥାନରେ ଅନେକ ଦୋକାନ ଅଛି; ସେଭିତରୁ କୌଣସି ଦୋକାନରେ ମାଲ ଜରୁରୀ ଆବଶ୍ୟକ ପଡ଼ିଲେ ସେ ଅନ୍ୟ ଦୋକାନରୁ ମାଲ ମଗାଇନିଅନ୍ତି; ଏଥିରେ ସେହି ଦୋକାନରେ କାର୍ଯ୍ୟ କରୁଥିବା ଗୁମାସ୍ତା ଶୋକ କରିବ କାହିଁକି ? ମାଲ ତ ମାଲିକଙ୍କ ଦୋକାନରେ ହିଁ ରହିଲା । ପତିରୂପୀ ପରମାତ୍ମାଙ୍କ ସେବା କରିବାରେ ସଧବାକାଳରେ ମୋର ଯେଉଁ ସୁଖ ଥିଲା, ତାହା ଆଜି ଏହି ବୈଧବ୍ୟରେ ବି ପତିଙ୍କର ମଧ୍ୟ ପତି ପରମାତ୍ମାଙ୍କ ସେବା କରିବାର ସୁଯୋଗ ରୂପେ ମିଳିଛି । ତା'ଛଡ଼ା ଆପଣ ଜାଣନ୍ତି ଯେ, ଏହି ସଂସାର ଏକ ନାଟକ । ଯେତେବେଳଯାଏ ଅଭିନେତା ମଞ୍ଚରେ ଅଛନ୍ତି, ସେତେବେଳଯାଏ ସେ ନିଜର ଭୂମିକା ଅନୁସାରେ ଅଭିନୟ କରନ୍ତି; ଅଭିନେତାମାନେ ନାଟକ ଅନୁସାରେ ଭିନ୍ନ ଭିନ୍ନ ସମ୍ବନ୍ଧ ସ୍ଥାପନ କରି ଅଭିନୟ କରନ୍ତି, କିନ୍ତୁ ପ୍ରକୃତରେ ସେମାନଙ୍କ ମଧ୍ୟରେ କୌଣସି ସମ୍ବନ୍ଧ ନ ଥାଏ । ସମସ୍ତେ ସେହି ନାଟକର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶାନୁସାରେ ଅଭିନୟ କରୁଥିବା ଅଭିନେତା ହିଁ ଅଟନ୍ତି । ଏପରିଭାବରେ ଆମ୍ଭମାନଙ୍କ ମଧ୍ୟରୁ ଯାହାକୁ ଯେଉଁ ଭୂମିକା ଦିଆଯାଇଛି, ସେହି ଅନୁସାରେ ଆମକୁ ଅଭିନୟ କରିବାକୁ ହେବ । ଏପର୍ଯ୍ୟନ୍ତ ସଧବା ଭୂମିକା ମିଳିଥିଲା, ଏବେ ବିଧବା ଭୂମିକା ମିଳିଲା । ଏଥିରେ ଆପତ୍ତି କ'ଣ ? ନାଟକ ଯାହା ହେଉ, ଅଭିନୟ

ମାଧ୍ୟମରେ ଅଖିଳ ବିଶ୍ୱର ସ୍ୱାମୀ ପରମାତ୍ମାଙ୍କୁ ତ ଆନନ୍ଦ ପ୍ରଦାନ କରିବା ଆମର କର୍ତ୍ତବ୍ୟ ।

''ଏହା ଛଡ଼ା ଆଉ ଗୋଟିଏ କଥା ମଧ୍ୟ ଅଛି । ଯେତେବେଳଯାଏ ମନୁଷ୍ୟ ବିଷୟସୁଖରେ ଲିପ୍ତ ରହିଛି, ସେତେବେଳଯାଏ ସେ ଭଗବାନଙ୍କର ଯଥାର୍ଥ ଭଜନ—ଯାହା ମନୁଷ୍ୟ ଜୀବନର ଚରମ ଉଦ୍ଦେଶ୍ୟ—କରିପାରିବ ନାହିଁ । ତେଣୁ ଲୋକମାନେ ଘର ଛାଡ଼ି ସନ୍ୟାସୀ ହୁଅନ୍ତି, ଯାହାଫଳରେ କି ସବୁକିଛି ଛାଡ଼ି ଭଗବାନଙ୍କୁ ପ୍ରେମପୂର୍ବକ ଭଜନ କରିପାରିବେ । ବୈଧବ୍ୟ ତ ସନ୍ୟାସ ହିଁ ଅଟେ, ଭଗବାନ କୃପାପୂର୍ବକ ତାଙ୍କର ଭଜନ କରିବାପାଇଁ ମୋତେ ଏହା ଦେଇଛନ୍ତି । ମୁଁ ଏଥିପାଇଁ ଶୋକ କରିବି କାହିଁକି ? ଯେଉଁ ବିଷୟଭୋଗ ତ୍ୟାଗ କରିବାକୁ ପଡ଼େ, ତାହା ତ ଅନାୟାସରେ ହିଁ ତ୍ୟାଗ ହୋଇଯାଇଛି । ଏହା ତ ପରମାର୍ଥ ଦୃଷ୍ଟିରୁ ଏକପ୍ରକାର ସୌଭାଗ୍ୟର କଥା ।

''ହେ ମହାରାଜ ! ଏହି ସଂସାର ହେଉଛି ସେହି ଲୀଳାମୟ ହରିଙ୍କର ଲୀଳାକ୍ଷେତ୍ର । ଏଇଠି ହରି ଅନେକପ୍ରକାର ଖେଳ ଖେଳନ୍ତି; କାହାକୁ ହସାନ୍ତି; କାହାକୁ କନ୍ଦାନ୍ତି; କାହାକୁ କାହାକୁ ପରସ୍ପର ମିଶାନ୍ତି; କାହାକୁ ଅନ୍ୟଠାରୁ ଦୂରେଇଦିଅନ୍ତି । କାହାକୁ ସୁଖୀ କରନ୍ତି, ତ କାହାକୁ ଦୁଃଖୀ କରାନ୍ତି । ଏସବୁ ସେହି ପ୍ରଭୁଙ୍କ ଲୀଳା । ସବୁବେଳେ ପ୍ରଭୁଙ୍କ ଲୀଳାକୁ ଦେଖି ଦେଖି ପ୍ରସନ୍ନ ହେଉଥିବା ମନୁଷ୍ୟ, ତାଙ୍କର କୌଣସି ଏକ ଲୀଳାକୁ ଦେଖି ଶୋକ କରିବ କାହିଁକି ?

''ପୁଣି ଲୌକିକ ଦୃଷ୍ଟିରେ ବି ତ କାନ୍ଦିବା ଉଚିତ ନୁହେଁ । ଯେଉଁ ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁ ପରେ ବେଶୀ କନ୍ଦାକଟା କରନ୍ତି, ତାଙ୍କ ସ୍ୱାମୀ ମୋହଯୋଗୁ ପରଲୋକରେ ଅଧିକ ଦୁଃଖୀ ହୁଅନ୍ତି । ମୋତେ ତ ପତିଦେବ ସର୍ବଦା ଆନନ୍ଦରେ ହିଁ ରହିବା ପାଇଁ ଶିକ୍ଷା ଦେଇଥିଲେ । ଏହାସତ୍ତ୍ୱେ ମୁଁ ଯଦି ଏବେ କାନ୍ଦିବାକୁ ବସିଯାଇଥାନ୍ତି, ତେବେ ମୋର ପତିଙ୍କର ପୂଜନୀୟ ପିତାଙ୍କର ଅତିଥିସେବାଧର୍ମ ନଷ୍ଟ ହୋଇଥାନ୍ତା । ଏହି କାରଣରୁ ମଧ୍ୟ ମୋର ଶୋକ କରିବା ଉଚିତ ନୁହେଁ । ଖାଇବାପାଇଁ ତ ଆମେସବୁ କେବଳ ଆପଣଙ୍କ ପାଇଁ ହିଁ ବସିଥିଲୁ । ଏକଥା ମୋର ପୂଜ୍ୟ ଶ୍ୱଶୁର ମହାଶୟ ଆପଣଙ୍କୁ କହି ସାରିଛନ୍ତି ।

''ହେ ବାବା ! ଭଗବାନ ଗୀତାରେ ସ୍ପଷ୍ଟ କହିଛନ୍ତି,

ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ

ନ ହନ୍ୟତେ ହନ୍ୟମାନେ ଶରୀରେ ।

'ଆତ୍ମା ଅଜର, ଅମର, ଅବିନାଶୀ, ନିତ୍ୟ, ଶାଶ୍ୱତ ଓ ପୁରାଣ । ସେ ତ କେବେ ମରେ ନାହିଁ; ଶରୀର ହିଁ ନାଶବାନ୍ ।' ତେଣୁ ଏଥିପାଇଁ କାହିଁକି ଶୋକ କରିବା ? ମୁଁ ଯଦି କୌଣସି ଅନୁଚିତ କଥା କହିଥାଏ, ତେବେ ଆପଣ କୃପାପୂର୍ବକ ମୋତେ ନିଜର ଅବୋଧ କନ୍ୟା ମନେ କରି ଉଚିତ କ'ଣ, ତାହା ବୁଝାଇଦିଅନ୍ତୁ ।''

ମୃତ ବ୍ରାହ୍ମଣପୁତ୍ରର ପତ୍ନୀ ମୁଖରୁ ଏପରି ଭକ୍ତି ଓ ବିବେକପୂର୍ଣ୍ଣ ବଚନ ଶୁଣି ସନ୍ନ୍ୟାସୀ ମହାରାଜଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ମନେ ମନେ କହିଲେ, 'ଆହା ! ଏ ଗୃହିଜଣ ଧନ୍ୟ ! ଏପରି ଭକ୍ତମାନେ ହିଁ ମୋର କୀର୍ତ୍ତିବର୍ଦ୍ଧନକାରୀ ଓ ସଂସାରର ଶୋଭା ।' ତା'ପରେ ସନ୍ନ୍ୟାସୀ ମହାରାଜ କମଣ୍ଡଳରୁ ଚଳାଏ ଗଙ୍ଗାଜଳ ବାହାର କଲେ ଓ ମୃତ ଲୋକଟିର ମୁଖରେ ଗୋଟିଏ ତୁଳସୀପତ୍ର ଦେଇ, ତା' ଉପରେ ଗଙ୍ଗାଜଳ ଛାଟିଦେଇ କହିଲେ, 'ବାବୁ ! ଉଠ ! ଶୀଘ୍ର ଉଠ ।'

ଦେଖୁ ଦେଖୁ ମୃତ ଶରୀରରେ ପୁନର୍ବାର ଜୀବନ ସଞ୍ଚାର ହୋଇଆସିଲା । ବ୍ରାହ୍ମଣପୁତ୍ର ନିଦରୁ ଉଠିଲା ପରି ଅଙ୍ଗପ୍ରତ୍ୟଙ୍ଗ ମୋଡ଼ି ଉଠିବସିଲେ ଓ ନିଜ ଆଗରେ ଅପୂର୍ବ ତେଜସ୍ୱୀ ସନ୍ନ୍ୟାସୀଙ୍କୁ ଦେଖି ତାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କଲେ ।

ସନ୍ନ୍ୟାସୀଙ୍କର ଏପରି ପ୍ରଭାବ ଦେଖି ସେମାନେ ଆଶ୍ଚର୍ଯ୍ୟରେ ବୁଡ଼ିଗଲେ । ସେମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ସମସ୍ତେ ସନ୍ନ୍ୟାସୀଙ୍କ ଚରଣରେ ପଡ଼ି ଶ୍ରଦ୍ଧାଭକ୍ତିର ଲୋତକରେ ତାଙ୍କ ଚରଣ ପଖାଳିବାକୁ ଲାଗିଲେ ଓ ମନେ ମନେ ବିଚାର କଲେ, 'ଏ ସନ୍ନ୍ୟାସୀ ମହାରାଜ କିଏ !'

ଏହା ପରେ ସନ୍ନ୍ୟାସୀ ମହାରାଜ ଜୀବନ ଲାଭ କରିଥିବା ବ୍ରାହ୍ମଣ ପୁତ୍ରଙ୍କୁ କହିଲେ, ''ହେ ବ୍ରାହ୍ମଣକୁମାର ! ଆଜି ମୁଁ ଏଠାରେ ଗୋଟିଏ ବଡ଼ ଅଦ୍ଭୁତ ତାମସା ଦେଖିଲି । ସଂସାରର ସ୍ୱାର୍ଥପରତାର ପ୍ରକୃତ ଚିତ୍ର ଆଜି ମୋ ଆଗରେ ସ୍ପଷ୍ଟ ହୋଇଗଲା । ତୁମେ ଯେଉଁ ଲୋକଙ୍କୁ ନିଜର ପ୍ରିୟଜନ ତଥା

ଆତ୍ମୀୟ ବୋଲି ମନେ କରୁଛ ଓ ଯେଉଁମାନେ ତୁମ ଉପାର୍ଜନରେ ମଉଜ କରୁଛନ୍ତି, ସେମାନେ ହେଲେ ତୁମ ମାଆ, ବାପା, ଭାଇ ଓ ତୁମର ବିବାହିତା ସ୍ତ୍ରୀ । ସେମାନେ ସମସ୍ତେ ତୁମେ ମରିଗଲ ଭାବି ତୁମ ଦେହକୁ ଘରକୋଣରେ ଘୋଡ଼ାଇ ରଖି ମୋ ସହିତ ଭୋଜନ କରିବାକୁ ବସିଗଲେ । ଦୁଃଖର କଥା ଯେ, ତୁମର ଜନ୍ମ ଏପରି କଠୋରହୃଦୟ ନିର୍ଦ୍ଦୟ ଲୋକଙ୍କ ଘରେ ହୋଇଛି ।''

ସନ୍ନ୍ୟାସୀଙ୍କ କଥା ଶୁଣି ବ୍ରାହ୍ମଣ କୁମାର ହସି ହସି କହିଲେ, ''ହେ ଦେବ ! ଏପରି କୁଳରେ ମୋର ଜନ୍ମ ହେଲା ଓ ଏପରି ନରନାରୀ ମୋର ଆତ୍ମୀୟ ହେଲେ, ଏହା ତ ପ୍ରକୃତରେ ମୋ ପାଇଁ ବଡ଼ ସୌଭାଗ୍ୟର କଥା । ଏହା ଏହି କଥାର ସୂଚନା ଦିଏ ଯେ, ମୁଁ ବଡ଼ ପୁଣ୍ୟାତ୍ମା, ଯୋଗଭ୍ରଷ୍ଟ ଜୀବ । ଭଗବାନ ଗୀତାରେ କହିଛନ୍ତି ଯେ, ଯୋଗଭ୍ରଷ୍ଟ ପୁରୁଷର ହିଁ ଜ୍ଞାନବାନ୍ ଯୋଗୀମାନଙ୍କ କୁଳରେ ଜନ୍ମ ହୋଇଥାଏ । ଏପରି ଜନ୍ମ ଶ୍ରୀମାନ୍‌ଙ୍କ ଘରେ, ଧନୀ ଲୋକଙ୍କ କୁଳରେ ଜନ୍ମ ହେବା ଅପେକ୍ଷା ମଧ୍ୟ ଅଧିକ ଦୁର୍ଲ୍ଲଭ । ଭଗବାନ ଦୟା କରି ହିଁ ମୋତେ ଏପରି ମାତା, ପିତା, ଭାଇ ଓ ପତ୍ନୀ ପ୍ରଦାନ କରିଛନ୍ତି, ଯେଉଁମାନେ କି ସଂସାରର ନଶ୍ୱରତା ଓ ଅସାରତାକୁ ବୁଝିପାରି ପରମାତ୍ମାଙ୍କ ପ୍ରୀତ୍ୟର୍ଥେ ଜଗତରେ ନାଟକର ପାତ୍ର ଅଭିନେତା, ଅଭିନେତ୍ରୀ ପରି ବ୍ୟବହାର କରନ୍ତି । ମୋ ପିତା ମୋତେ ବି ଏହି ଶିକ୍ଷା ଦେଇଛନ୍ତି । ଆପଣ ଯାହାକିଛି କହିଲେ, ତାହା ଶୁଣି ଏମାନଙ୍କ ପ୍ରତି ମୋର ଶ୍ରଦ୍ଧା ଆହୁରି ବଢ଼ିଗଲା । ସଂସାରରେ କିଏ କାହାର ସମ୍ବନ୍ଧୀ ? ମନେ କରନ୍ତୁ, ଘୋର ଗ୍ରୀଷ୍ମଋତୁ ହୋଇଛି, ସୂର୍ଯ୍ୟ ପ୍ରଖର ତାପ ଢାଳୁଛନ୍ତି; ସଡ଼କରେ କେତେଜଣ ବାଟୋଇ ଗ୍ଲଲିଛନ୍ତି । ସୂର୍ଯ୍ୟଙ୍କ ଉତ୍ତାପରେ ବ୍ୟାକୁଳ ହୋଇ କେଉଁଠି ଛାଇ ଟିକିଏ ମିଳିବ ବୋଲି ସେମାନେ ଖୋଜୁଛନ୍ତି, ଏତିକିବେଳେ ସେମାନଙ୍କୁ ଗୋଟିଏ ବଡ଼ ଓସ୍ତଗଛ ଦେଖାଗଲା । ସମସ୍ତେ କିଛି ସମୟ ବିଶ୍ରାମ ନେବାପାଇଁ ସେହି ଗଛଛାଇରେ ବସିଗଲେ । ଘଣ୍ଟେ ଦୁଇ ଘଣ୍ଟା ପରେ ଖରା ଟିକିଏ ନଇଁବାରୁ ଜଣକ ପରେ ଜଣେ ଉଠି ନିଜ ନିଜ ରାସ୍ତାରେ ଗ୍ଲଲିଗଲେ । ରାସ୍ତାକଡ଼ର ସେହି ଓସ୍ତଗଛଟି ଯେଉଁଠି ଥିଲା, ସେଇଠି ରହିଲା । ଏପରିଭାବରେ ଏ ସଂସାର ମଧ୍ୟ ଏକ ବୃକ୍ଷ । ଗରମରେ

କଷ୍ଟ ପାଉଥିବା ଲୋକେ ଯେପରି ରାସ୍ତାକଡ଼ର ବୃକ୍ଷଛାଇରେ ବିଶ୍ରାମପାଇଁ ଏକାଠି ହୁଅନ୍ତି, ଏହି ସଂସାର-ବୃକ୍ଷର ତଳେ ଠିକ୍ ସେପରିଭାବରେ ହଜାର ହଜାର ମନୁଷ୍ୟ ନିଜ ନିଜର ପୂର୍ବଜନ୍ମର କର୍ମାନୁବନ୍ଧନରେ ଆସି ଏକାଠି ହୁଅନ୍ତି ଓ ଜଣେ ଅନ୍ୟ ଜଣଙ୍କ ସହିତ ମିଳନ୍ତି ତଥା ସମ୍ବନ୍ଧ ବାନ୍ଧନ୍ତି । ପୁଣି ନିଜ ନିଜର କର୍ମ ପୂରା ହୋଇଯିବାମାତ୍ରେ, ଋଣ ସୁଝିଯିବା ପରେ ଚାଲିଯାନ୍ତି । ନିଜ ନିଜର ଦିଆନିଆ, ସୁଝାସୁଝିପାଇଁ ଲୋକମାନେ ଏକତ୍ର ହୁଅନ୍ତି ଓ ତାହା ଶେଷ ହୋଇଯିବା ପରେ ଅଲଗା ହୋଇଯାଆନ୍ତି । ଏହା ହିଁ ତ ସଂସାରର ସମ୍ବନ୍ଧ । ଏପରି ଛାଡ଼ିଯିବାରେ ଶୋକ ହେବ କାହିଁକି? ଏଠାରେ ତ ମନୁଷ୍ୟ ଛାଡ଼ିଚାଲିଯିବାର ଏକ ନିଶ୍ଚିତ କାଳ ନେଇ ହିଁ ଜନ୍ମ ହୁଏ । ଯେଉଁ ଲୋକମାନେ ଏପରି ଜନ୍ମ ପାଇ ଶ୍ରୀ ପରମାତ୍ମାଙ୍କ ଭଜନ, ସତ୍ସଙ୍ଗ ତଥା ସାଧୁସେବାରେ ନିଜର ସମୟ ଲଗାନ୍ତି, ସେମାନଙ୍କ ଜୀବନ ଧନ୍ୟ ଓ କୃତାର୍ଥ ହୁଏ; ସେମାନଙ୍କର ସକଳ ଆଶା ସଫଳ ହୋଇଯାଏ ।''

ବ୍ରାହ୍ମଣକୁମାରଙ୍କ ବିଚାର ଶୁଣି ସନ୍ନ୍ୟାସୀ ମହାରାଜ ଆନନ୍ଦମଗ୍ନ ହୋଇଗଲେ ଓ ମନେ ମନେ ସମସ୍ତଙ୍କର ପ୍ରଶଂସା କରି କହିଲେ, ଏପରି ବିବେକୀ ପୁରୁଷମାନଙ୍କୁ ଧାରଣ କରି ହିଁ ପୃଥିବୀ ତିଷ୍ଠି ରହିଛି ଓ ଏମାନଙ୍କଯୋଗୁ ତା'ର ମହିମା ରହିଛି । ତା'ପରେ ହସି ହସି କହିଲେ, ''ବତ୍ସ ଦୀନବନ୍ଧୁ ଦାସ ! ତୁମ ପାଞ୍ଚଜଣଙ୍କ ନିଷ୍କପଟ ଶୁଦ୍ଧ ବ୍ୟବହାର, ବିବେକ, ବୈରାଗ୍ୟ, ଅତିଥିସେବାରେ ଅନୁରାଗ ଓ ଶ୍ରୀହରିଙ୍କ ପ୍ରତି ନିଷ୍କାମ ଭକ୍ତି ଦେଖି ମୁଁ ବଡ଼ ଆନନ୍ଦିତ । ପ୍ରକୃତରେ ତୁମେସବୁ ଧନ୍ୟ । ଯେଉଁଠି ତୁମ ପରିବାର ପରି ପରିବାର ଅଛି, ସେହି ଦେଶ ଓ ସେହି କୁଳ ଧନ୍ୟ । ତୁମେମାନେ ପରମ ସୁଖରେ ଜୀବନ ଯାପନ କରି ଏହି ଜୀବନରେ ହିଁ ଯେ ମୋକ୍ଷପଦ ପ୍ରାପ୍ତ ହେବ, ସେଥିରେ କୌଣସି ସନ୍ଦେହ ନାହିଁ ।''

ସନ୍ନ୍ୟାସୀ ମହାରାଜଙ୍କ ଶୁଭାଶୀର୍ବାଦ ଶ୍ରବଣ କରି ସମସ୍ତେ ଆନନ୍ଦ ଗଦ୍ଗଦ ହୋଇ ତାଙ୍କ ଚରଣରେ ଲୋଟିପଡ଼ିଲେ । ସନ୍ନ୍ୟାସୀ ସମସ୍ତଙ୍କ ମସ୍ତକରେ ହାତ ରଖି ସେମାନଙ୍କୁ ଉଠାଇ କହିଲେ, ''ହେ ଭକ୍ତମାନେ ! ତୁମେମାନେ ସଦାସର୍ବଦା ଭଗବାନ ବିଶ୍ୱପତି ଶ୍ରୀହରିଙ୍କ ଭଜନ କର । ତୁମମାନଙ୍କର କୌଣସି ଅବସ୍ଥାରେ କିଛି ବି ଦୁଃଖ ହେବ ନାହିଁ ।''

ସନ୍ନ୍ୟାସୀଙ୍କ କରସ୍ପର୍ଶରେ ତଥା ତାଙ୍କର ବାଣୀ ଶୁଣି ପାଞ୍ଚଜଣଯାକଙ୍କ ହୃଦୟରେ ଆନନ୍ଦର ସୀମା ରହିଲା ନାହିଁ ।

ସମସ୍ତେ ମନ୍ତ୍ରମୁଗ୍ଧ ପରି ସନ୍ନ୍ୟାସୀଙ୍କ ଚରଣରେ ପଡ଼ିଥିଲେ । ଏତିକିବେଳେ ସନ୍ନ୍ୟାସୀ ହସି ହସି ପୁଣି ଗମ୍ଭୀର ସ୍ୱରରେ କହିଲେ, "ଏଥର ମୁଁ ଯାଉଛି । ତୁମର ସମସ୍ତ ଆପତ୍ତିବିପତ୍ତି, ଦୁଃଖଶୋକ, ବାଧାବିଘ୍ନ ମୁଁ ସାଥିରେ ନେଇଯାଉଛି । ମୁଁ ତୁମକୁ କେବେ ଭୁଲିପାରିବି ନାହିଁ । ତୁମେ ମଧ୍ୟ ମୋତେ ଭୁଲ ନାହିଁ । ଆଜିଠାରୁ ମୁଁ ତୁମର ହେଲି ଓ ତୁମେସବୁ ମୋର ହେଲ, ଏହି କଥାଟି ସର୍ବଦା ମନେ ରଖିଥିବ । ମୁଁ ତୁମଭଳି ପୁଣ୍ୟାତ୍ମା ପ୍ରେମୀ ଲୋକଙ୍କୁ ଖୋଜିବାରେ ଲାଗିଥାଏ । ଯେଉଁଠି ଏପରି କେହି ପ୍ରେମୀ ମିଳିଯାନ୍ତି, ସେଇଠି ମୁଁ ନିଜକୁ ବିକିଦିଏ । ଏହା ମୋର ନିୟମ । ଶୁଣ, ତୁମକୁ ମୁଁ ମୋର ପରିଚୟ ଦେଉଛି । ମୁଁ ହିଁ ବିଶ୍ୱପତି ବିଶ୍ୱରମଣ ଭଗବାନ ।"

ସନ୍ନ୍ୟାସୀଙ୍କ ଅମୃତବାଣୀର ଅନ୍ତିମ ଶବ୍ଦ ଶୁଣିବା କ୍ଷଣି ସେହି ପାଞ୍ଚପ୍ରାଣୀଙ୍କର ମୁଗ୍ଧଭାବ ଉଭେଇଗଲା । ସେମାନେ ଆଖି ଖୋଲିଦେଲେ । ଦେଖିଲେ ଯେ, ଆଗରେ କେହି ନାହାନ୍ତି; ସନ୍ନ୍ୟାସୀ ମହାରାଜଙ୍କ ଦିବ୍ୟ ଜ୍ୟୋତିର୍ମୟୀ ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇଯାଇଛି । ସେମାନେ ବ୍ୟାକୁଳ ହୋଇଗଲେ । ନିଜର ଚିରବାଞ୍ଛିତ ପରମଧନକୁ ପାଇ ମଧ୍ୟ ସେମାନେ ଚିହ୍ନିପାରିଲେ ନାହିଁ; କ୍ଷଣକ ମଧ୍ୟରେ ତାଙ୍କର ବିୟୋଗ ହୋଇଗଲା ! ଏହା ଭାବି ଭାବି ସେମାନଙ୍କର ବ୍ୟାକୁଳତା ବଢ଼ିଗଲା । ସେମାନେ କାନ୍ଦି କାନ୍ଦି ପ୍ରଭୁଙ୍କୁ ବିନତି କରିବାକୁ ଲାଗିଲେ—

"ହେ ପ୍ରଭୋ ! ହେ ଦୀନବନ୍ଧୋ !! ହେ ଜୀବନଧନ !!! ତୁମେ କହୁଥିଲ ନା, ଆମ ହୃଦୟ କଠିନ ? ଏବେ ଜଣାଗଲା, ତୁମପରି କଠିନହୃଦୟ ଜଗତରେ ଅନ୍ୟ କେହି ନାହିଁ । ଯଦି ଦର୍ଶନ ଦେବାର ଇଚ୍ଛା ନ ଥିଲା, ତେବେ ଆମକୁ ତୁମ ପରିଚୟ ଦେଲ କାହିଁକି ? ଥରେ ଆମକୁ ତୁମର ବିଶ୍ୱମୋହନ ରୂପ ଦେଖାଅ ! ତୁମେ ତ ଆମ ହାତରେ ଦିବ୍ୟରତ୍ନ ଦେଇ ସେହି ରତ୍ନକୁ ଫେରାଇନେଲ । ଲାଳାୟିତ କରି ହୃଦୟଧନକୁ ନେଇଗଲ । ହେ ବିଶ୍ୱମ୍ଭର ! ପ୍ରକୃତରେ ତୁମେ ବଡ଼ ମାୟାବୀ ! ଆମେ ଯଦି

ପ୍ରଥମରୁ ଜାଣିଥାନ୍ତୁ ଯେ, ତୁମେ ସନ୍ନ୍ୟାସୀବେଶରେ ଆମ ଆଗରେ ଠିଆ ହୋଇ ଲୀଳା କରୁଛ, ତେବେ ଆମେ ତୁମକୁ କାହିଁକି ଛାଡ଼ିଥାନ୍ତୁ ? ସତରେ ତୁମ ମାୟାକୁ କିଏ ଜାଣିପାରିବ ! ବ୍ରହ୍ମାଦି ଦେବଗଣ ମଧ୍ୟ ତୁମ ମାୟାରେ ମୁଗ୍‌ଧ ହୋଇଯାନ୍ତି, ଆମପରି ଲୋକଙ୍କ କଥା ବା କେତେ ? କିନ୍ତୁ ହେ ହୃଦୟଧନ ! ଏବେ ତୁମର ଦର୍ଶନ ବିନା ରହିହେଉ ନାହିଁ; ହୃଦୟ ଫାଟିଯାଉଛି । ଦୟା କରି ଶୀଘ୍ର ତୁମର ଭୁବନମନମୋହିନୀ ମଧୁର ଛବି ଦେଖାଇ ଆମକୁ କୃତାର୍ଥ କରାଅ ।"

ଅକସ୍ମାତ୍ ଦିବ୍ୟଜ୍ୟୋତି ପ୍ରକାଶିତ ହୋଇଗଲା । ଭକ୍ତବତ୍ସଳ ଭଗବାନ ଭକ୍ତଙ୍କର ପ୍ରକୃତ ଡାକ ଶୁଣି ନିଜର ମୁନିମନମୋହନ ଅଖିଳ-ସୌନ୍ଦର୍ଯ୍ୟସାଗର ରୂପରେ ପ୍ରକଟ ହୋଇଗଲେ । ପାଞ୍ଚପ୍ରାଣୀ ନିଜର ଚିର ଅଭିଳଷିତ ପରମଧନକୁ ପାଇ ଆନନ୍ଦ ନିମଗ୍ନ ଓ କୃତକୃତ୍ୟ ହୋଇଗଲେ । ଏଥର ପ୍ରକୃତରେ ଭଗବାନ ସେମାନଙ୍କର ଓ ସେମାନେ ଭଗବାନଙ୍କର ହୋଇଗଲେ । ଏପରି ହରିଦର୍ଶନ, ହରିସେବା ଓ ହରିଚର୍ଚ୍ଚାରେ ନିଜର ପୁଣ୍ୟଜୀବନ ଯାପନ କରି ଶେଷରେ ସମସ୍ତେ ଶ୍ରୀହରିଙ୍କର ଦୁର୍ଲଭ ଅଭୟ ପଦକୁ ପ୍ରାପ୍ତ ହେଲେ ।

ବୋଲ—ଭକ୍ତ ଓ ଭଗବାନଙ୍କର ଜୟ !

॥ ଶ୍ରୀହରିଃ ॥

ଭକ୍ତବର ଶ୍ରୀ ବିଟ୍ଠଲ୍ ଦାସ

ଦକ୍ଷିଣଭାରତରେ ଏକ ଶ୍ରେଷ୍ଠ ବ୍ରାହ୍ମଣକୁଳରେ ଦୁଇ ଭାଇ ରାଜପୁରୋହିତ ଥିଲେ । ଘରେ ଧନସମ୍ପତ୍ତିର ଅଭାବ ନ ଥିଲା । ବ୍ରାହ୍ମଣକୁଳରେ ଜନ୍ମ ହୋଇଥିବାରୁ ବିଦ୍ୟା ମଧ୍ୟ ଯଥେଷ୍ଟ ଥିଲା । କିନ୍ତୁ ସଂସାରରେ ଧନହେତୁ ଯେତେ ଅନର୍ଥ ହୁଏ, ଅନ୍ୟ କୌଣସି ବସ୍ତୁହେତୁ ସେତିକି ଅନର୍ଥ ହୁଏ ନାହିଁ । ଦୁଇଭାଇ ବିଦ୍ୱାନ ଥିଲେ ସତ; ହେଲେ ଧନଯୋଗୁ ଦୁଇ ଭାଇଙ୍କ ମଧ୍ୟରେ କଳହ ଲାଗି ରହିଲା । ଫଳରେ ସମ୍ପତ୍ତି ଭାଗ କରିଦେଇ ଦୁଇଭାଇ ଅଲଗା ଅଲଗା ରହିବାକୁ ବିଚ୍ୟର କଲେ । କିନ୍ତୁ ଉଭୟଙ୍କୁ ଲୋଭ ଗ୍ରାସ କରିଥାଏ । ଲୋଭର ବଶବର୍ତ୍ତୀ ହୋଇ, ଉଭୟେ ଅଧିକ ଭାଗ ପାଇବାକୁ ଇଚ୍ଛା କରି ପରସ୍ପର ମଧ୍ୟରେ କଳହ କଲେ । ମାରପିଟ୍ ପର୍ଯ୍ୟନ୍ତ କଥା ଗଲା । ଅବସ୍ଥା ଏତେଦୂର ଖରାପ ହୋଇଗଲା ଯେ, ଦୁହେଁ ପରସ୍ପରର ସର୍ବସ୍ୱ ନାଶ କରିବାକୁ ପ୍ରସ୍ତୁତ ହୋଇଗଲେ । ବନ୍ଧୁବାନ୍ଧବମାନେ ବୁଝାଇସୁଝାଇ ଝଗଡ଼ା ତୁଟାଇବାକୁ ଚ୍ୟହିଁଲେ । କିନ୍ତୁ ଦୈବବଶତଃ ଉଭୟେ କାହାରି କଥା ପ୍ରତି ଧ୍ୟାନ ଦେଲେ ନାହିଁ । ପରିଣାମ ଏଇଯା ହେଲା ଯେ, ଏକ ଆରେକର ପ୍ରାଣନାଶକ ହୋଇ ମରାମରି ହେଉ ହେଉ ଉଭୟେ ଇହଲୋକରୁ ବିଦାୟ ନେଇଗଲେ । ଏହି ଦୁର୍ଘଟଣା ବିଷୟ ଶୁଣି ରାଜାଙ୍କୁ ମଧ୍ୟ ବଡ଼ ଦୁଃଖ ହେଲା । କିନ୍ତୁ କୌଣସି ଉପାୟ ନ ଦେଖି ସେମାନଙ୍କର ପରିବାରର ଲୋକଙ୍କୁ କିଛି ସତ୍‌ପରାମର୍ଶ ଦେଇ ଶାନ୍ତ କରାଇବା ପରେ ରାଜାଙ୍କୁ ମଧ୍ୟ ଚୁପ୍ ରହିବାକୁ ପଡ଼ିଲା । ଦୁଇଭାଇଙ୍କର ଏପରି ଅକାଳ ମୃତ୍ୟୁ ପରେ ସେହି ବ୍ରାହ୍ମଣ ପରିବାରରେ ଦୁଇ ଜଣ ବିଧବା ସ୍ତ୍ରୀ ଓ ଛୋଟ ଭାଇର କୁନି ପୁଅ ବିଟ୍ଠଲ ଦାସଙ୍କୁ ଛାଡ଼ି ଆଉ କେହି ରହିଲେ ନାହିଁ ।

ବିଟ୍ଠଲ ଦାସ ଆଦର୍ଶ ସଦ୍‌ଗୁଣ ସମ୍ପନ୍ନ ଭାଗ୍ୟବାନ୍ ବାଳକ ଥିଲେ । ସେ ଯେତେବେଳେ ଟିକିଏ ବଡ଼ ହୋଇ କିଛି ବୁଝିପାରିବାକୁ ସକ୍ଷମ ହେଲେ, ସେତେବେଳେ ଦିନେ ସେ ତାଙ୍କ ନିଜ ମାଆଙ୍କୁ ପିତାଙ୍କ ବିଷୟରେ

ପଗ୍ଚରିଲେ । ଏ ସମ୍ପର୍କରେ କହୁ କହୁ ତାଙ୍କ ପିତା ଓ ଦାଦା କିପରି କଳହ କଲେ ଓ ପରସ୍ପର କଳହ କରି କିପରି ମଲେ, ମାଆ ସେହି ସମସ୍ତ ବୃତ୍ତାନ୍ତ ତାଙ୍କୁ ଶୁଣାଇଦେଲେ । ବିଟ୍ଠଲଙ୍କ ମନ ଉପରେ ଧନଯୋଗୁ ହୋଇଥିବା ଏହି ଦୁର୍ଘଟଣାର ବିଚିତ୍ର ପ୍ରଭାବ ପଡ଼ିଲା । ସେ ଚିନ୍ତାମଗ୍ନ ହୋଇଗଲେ । ଧନ ହିଁ ସମସ୍ତ ଅନର୍ଥର ମୂଳ ବୋଲି ଜାଣିପାରି ସେ ମନେ ମନେ ଧନତ୍ୟାଗର ସଂକଳ୍ପ କଲେ ଏବଂ ଦୃଢ଼ତାର ସହିତ ସଂସାରର ଆଶା ତ୍ୟାଗ କରି ପୁରୋହିତ ବୃତ୍ତିକୁ ମଧ୍ୟ ତ୍ୟାଗ କରିଦେଲେ । ସେହି ଦିନଠାରୁ ବିଟ୍ଠଲ ଦାସଙ୍କ ମନକୁ ସାଂସାରିକ ବିଷୟ ବିରକ୍ତ ଲାଗିଲା ଏବଂ ତାଙ୍କର ଅଧିକାଂଶ ସମୟ ଭଜନ, ଧ୍ୟାନ ଓ ଭଗବନ୍ନାମ କୀର୍ତ୍ତନରେ ବିତିବାକୁ ଲାଗିଲା । ସେହିଦିନରୁ ସେ ନିଜକୁ ସର୍ବତୋଭାବେ ଭଗବତ୍ ଚରଣରେ ଅର୍ପଣ କରିଦେଲେ । ନିଜର ଏକମାତ୍ର ପୁତ୍ରର ଏହି ସ୍ଥିତି ଦେଖି ମାଆ ଚିନ୍ତାରେ ପଡ଼ିଗଲେ । ପୁଅ କାଳେ କେତେବେଳେ ଘର ଛାଡ଼ି ଗ୍ଚଲିଯିବ, ସେହି ଆଶଙ୍କାରେ ସେ ପୁଅର ବିବାହ କରାଇଦେଲେ ଏବଂ ତାଙ୍କୁ ଦୃଢ଼ ସାଂସାରିକ ବନ୍ଧନରେ ବାନ୍ଧି ଗୃହସ୍ଥରୂପେ ରଖିବାକୁ ଗ୍ଚହିଁଲେ । କିନ୍ତୁ ଯେ ଥରେ ଅମୀୟରସ ପାନ କରିସାରିଲେଣି, ତାଙ୍କୁ କିଏ ବା ଲକ୍ଷ୍ୟରୁ ବିଚ୍ୟୁତ କରାଇପାରିବ ? ବିଟ୍ଠଲଙ୍କ ଈଶ୍ୱରପ୍ରେମ ଦିନକୁ ଦିନ ବଢ଼ିବାକୁ ଲାଗିଲା ଏବଂ ଏଥର ତାଙ୍କର ଗୋଟିଏ କ୍ଷଣ ମଧ୍ୟ ଭଗବତ୍ ସ୍ମରଣ ବିନା ବିତିଲା ନାହିଁ । ସାଧୁ-ସନ୍ଥଙ୍କ ସେବା କରିବା, ବ୍ରାହ୍ମଣମାନଙ୍କୁ ଓ କ୍ଷୁଧାର୍ତ୍ତ ଲୋକଙ୍କୁ ଅନ୍ନଭୋଜନ ଦେବା ଆଦି ହୋଇଗଲା ତାଙ୍କର ନିତ୍ୟକର୍ମ । ଭଗବାନଙ୍କୁ ପୂଜା କରିବା ପରେ ସେ ହାତରେ କରତାଳ ଓ ବୀଣା ଧରି **'ଗୋବିନ୍ଦ ଗୋପାଳ ଶ୍ରୀପତି ! ଅଚ୍ୟୁତାନନ୍ଦ ବାମନମୂର୍ତ୍ତି, ଭକ୍ତବତ୍ସଳ ବିଶ୍ୱପତି, ରାଧା-ମନ-ମାନସରଞ୍ଜନ, ଗୋକୁଳ-ନିବାସୀ ଜନାର୍ଦ୍ଦନ ! ଗୋପବେଶ ଗୋବର୍ଦ୍ଧନଧାରଣ ନନ୍ଦନନ୍ଦନ ! ଶ୍ରୀହରି'** ଆଦି ନାମ ଭକ୍ତିପୂର୍ବକ କୀର୍ତ୍ତନ କରୁ କରୁ ବିଟ୍ଠଲ ଦାସ ପ୍ରେମବିହ୍ୱଳ ହୋଇଯିବାକୁ ଲାଗିଲେ । ବିହ୍ୱଳତା ଭିତରେ ସେ ବେହୋସ ହୋଇଯାଉଥିଲେ ଏବଂ ଅବିଚ୍ଛିନ୍ନଭାବରେ ତିନି ତିନି ଘଣ୍ଟା ସ୍ତମ୍ଭପରି ଠିଆ ହୋଇ ଯାଉଥିଲେ । ତାଙ୍କର ଏହି ପ୍ରେମଭକ୍ତିର ବିଚିତ୍ର ସ୍ଥିତି ଦେଖି ସନ୍ଥ ଓ ଭକ୍ତମାନଙ୍କୁ ତ ବଡ଼ ଆନନ୍ଦ ଲାଗୁଥିଲା; କିନ୍ତୁ ଏହି ରସକୁ ନ ଜାଣିଥିବା ଦୁଷ୍ଟପ୍ରକୃତିର କେତେକ ସଂସାରୀ ଲୋକ ତାଙ୍କର ସ୍ଥିତି ଦେଖି

ତାଙ୍କୁ ସନ୍ଦେହ କରିବାକୁ ଲଗିଲେ ଏବଂ ତାଙ୍କୁ ଜଣେ ଦାମ୍ଭିକ ବୋଲି କହିଲେ ।

ଦିନେ ରାଜାଙ୍କୁ ତାଙ୍କର ପୁରୋହିତଙ୍କ ପୁଅ ବିଟ୍‌ଠଲ ଦାସଙ୍କ କଥା ମନେ ପଡ଼ିଲା । ସେ ମନ୍ତ୍ରୀଙ୍କୁ ତାଙ୍କର ବୃତ୍ତାନ୍ତ ପଚାରିଲେ । ପିତାଙ୍କ ମୃତ୍ୟୁଘଟଣାର ପ୍ରଭାବରେ ବିଟ୍‌ଠଲ ଦାସଙ୍କର ପରିବର୍ତ୍ତିତ ମାନସିକ ସ୍ଥିତି କ'ଣ ହୋଇଛି ଏବଂ ସେ କିପରି ଭଗବତ୍ ନିଷ୍ଠାରେ ମଜ୍ଜି ରହୁଛନ୍ତି, ମନ୍ତ୍ରୀ ସେସବୁ ଘଟଣା କହିଲେ । ତାହା ଶୁଣି ରାଜା ବଡ଼ ପ୍ରସନ୍ନ ହେଲେ ଏବଂ ନିଜର କିଛି ସମ୍ପତ୍ତି ପବିତ୍ର କରିବା ଇଚ୍ଛାରେ ବିଟ୍‌ଠଲ ଦାସଙ୍କୁ ଧନଧାନ୍ୟ ଦେବାକୁ ବିଚାର କରି ତାଙ୍କୁ ଡାକି ଆଣିବାକୁ କେତେଜଣ କର୍ମଚାରୀ ପଠାଇଲେ । ସେମାନେ ଭକ୍ତବର ବିଟ୍‌ଠଲ ଦାସଙ୍କ ନିକଟକୁ ଯାଇ ତାଙ୍କୁ ରାଜାଙ୍କ ପ୍ରାର୍ଥନା ଶୁଣାଇଲେ ଏବଂ ବଡ଼ ସମ୍ମାନପୂର୍ବକ ତାଙ୍କୁ ସାଥିରେ ଯିବାପାଇଁ କହିଲେ । ପରନ୍ତୁ ପ୍ରତିଷ୍ଠାକୁ ଶୂକରୀବିଷ୍ଠାସଦୃଶ ଓ ଧନସମ୍ପଦକୁ ବମନସଦୃଶ ବୁଝିଥିବା ଭକ୍ତ ବିଟ୍‌ଠଲ ଦାସ ରାଜକର୍ମଚାରୀମାନଙ୍କୁ ନମ୍ରତାପୂର୍ବକ ବୁଝାଇସୁଝାଇ ଫେରାଇଦେଲେ । ବିଟ୍‌ଠଲ ଦାସଙ୍କର ଏହି ନିଃସ୍ପୃହତା ଓ ବିରାଗ ଦେଖି ତାଙ୍କ ପ୍ରତି ରାଜାଙ୍କର ଶ୍ରଦ୍ଧା ଆହୁରି ବଢ଼ିଗଲା ଓ ସେ କୌଣସିପ୍ରକାରେ ତାଙ୍କୁ ଘରକୁ ଡକାଇ ତାଙ୍କର ପବିତ୍ର ପଦରଜରେ ଓ ଦର୍ଶନଦ୍ୱାରା ନିଜର ଘର ଓ କୁଟୁମ୍ବଲୋକଙ୍କୁ ପବିତ୍ର କରାଇବାକୁ ଇଚ୍ଛା କଲେ । ତେଣୁ ଏଥର ସେ କୌଣସିପ୍ରକାରେ ବିନତି କରି ତାଙ୍କୁ ନଅରକୁ ନେଇ ଆସିବାପାଇଁ କେତେଜଣ ବିଶିଷ୍ଟ ଲୋକଙ୍କୁ ତାଙ୍କ ନିକଟକୁ ପଠାଇଲେ । ଏଥର ବିଟ୍‌ଠଲ ଦାସ ରାଜାଙ୍କ ଅନୁରୋଧ ଅସ୍ୱୀକାର କରିପାରିଲେ ନାହିଁ ଏବଂ ଈଶ୍ୱରଙ୍କ ପ୍ରେରଣା ବୋଲି ଭାବି ସେହି ବିଶିଷ୍ଟ ଲୋକମାନଙ୍କ ସହିତ ଶ୍ରୀ ଭଗବତ୍ ନାମ କୀର୍ତ୍ତନ କରି କରି ରାଜାଙ୍କୁ ସାକ୍ଷାତ କରିବାପାଇଁ ଦରବାରକୁ ଗଲେ । ଭକ୍ତବର ବିଟ୍‌ଠଲ ଦାସ ଆସିବା ଦେଖି ରାଜାଙ୍କୁ ବଡ଼ ଆନନ୍ଦ ଲାଗିଲା ଏବଂ ସେ ସିଂହାସନରୁ ଉଠିଆସି ଅତ୍ୟନ୍ତ ଭକ୍ତି ଓ ସମ୍ମାନପୂର୍ବକ ତାଙ୍କୁ ଅଭିବାଦନ କରି ବସିବାପାଇଁ ଆସନ ପ୍ରଦାନ କଲେ । ବିଟ୍‌ଠଲ ଦାସଙ୍କ ଶାନ୍ତ, ସୌମ୍ୟ, ତେଜପୂର୍ଣ୍ଣ ମୁଖମଣ୍ଡଳ ଦେଖି ରାଜା ମନ୍ତ୍ରମୁଗ୍ଧ ପରି ହୋଇଗଲେ । ସେ ନିଜକୁ ଧନ୍ୟ ମନେ କଲେ । ସେ ତାଙ୍କୁ ଭଗବତ୍ ଗୁଣାନୁବାଦ ଓ ଭଜନ ଶୁଣାଇବା ପାଇଁ ପ୍ରାର୍ଥନା କଲେ ।

ଭଗବାନଙ୍କ ଗୁଣଚର୍ଚ୍ଚାରେ ଭକ୍ତମାନଙ୍କୁ ଯେତେ ଅଧିକ ଆନନ୍ଦ ମିଳେ, ଅନ୍ୟ କୌଣସି କଥାରେ ତାହା ମିଳେ ନାହିଁ । ରାଜାଙ୍କ କଥା ଶୁଣି ବିଟ୍ଠଲ ଦାସ ବଡ଼ ପ୍ରସନ୍ନ ହୋଇଗଲେ ଓ ଆନନ୍ଦ ପୁଲକିତ ହୋଇ ରାଜାଙ୍କ କଥା ସ୍ୱୀକାର କରିନେଲେ । ହରିକୀର୍ତ୍ତନର ବ୍ୟବସ୍ଥା ହେବାକୁ ଲାଗିଲା । ଦେଖୁ ଦେଖୁ ସମସ୍ତ ବ୍ୟବସ୍ଥା ହୋଇଗଲା । ସମାଗତ ଲୋକଙ୍କ ମଧ୍ୟରେ ଭଲମନ୍ଦ ସବୁପ୍ରକାର ମନୁଷ୍ୟ ଥିଲେ । ସେମାନଙ୍କ ମଧ୍ୟରେ ଭକ୍ତ ଓ ସନ୍ଥମାନଙ୍କର କେତେଜଣ ଅକାରଣ ଦ୍ରୋହୀ ମଧ୍ୟ ଥିଲେ । ଭଗବତ୍ ନାମ ଆଦିରେ ସେମାନଙ୍କର ଶ୍ରଦ୍ଧା ନ ଥିଲା ଏବଂ ସେମାନେ ଭ୍ରମବଶତଃ ବିଟ୍ଠଲ ଦାସଙ୍କ ପ୍ରତି ମଧ୍ୟ ଦ୍ୱେଷ ରଖିଥିଲେ । ତାଙ୍କର ତନ୍ମୟତାର ପରୀକ୍ଷା କରିବାପାଇଁ ମନ୍ଦବୁଦ୍ଧି, କଳୁଷିତହୃଦୟ ଦୁଷ୍ଟମାନେ ସେଦିନ ଭଲ ସୁଯୋଗ ମିଳିଛି ଭାବି ରାଜାଙ୍କୁ କହିଲେ, "ଆଜିର କୀର୍ତ୍ତନ ଖୋଲାଛାତ ଉପରେ ହେଲେ ବଡ଼ ଆନନ୍ଦ ମିଳିବ ।" ସରଳପ୍ରକୃତିର ରାଜା ଦୁଷ୍ଟଙ୍କ କୁଚକ୍ର ଜାଣି ନ ପାରି ସେପରି ବ୍ୟବସ୍ଥା କରିବାକୁ ଅନୁମତି ଦେଇଦେଲେ । ଦୁଷ୍ଟମାନେ ଷଡ଼ଯନ୍ତ୍ର ରଚନା କରି ଭକ୍ତବର ବିଟ୍ଠଲ ଦାସଙ୍କ ଆସନ ଏପରି ଏକ ଜାଗାରେ ରଖିଦେଲେ ଯେ, କୀର୍ତ୍ତନ କରୁ କରୁ ବିଟ୍ଠଲ ଦାସ ଯଦି ତନ୍ମୟତାକାରଣରୁ ମୂର୍ଚ୍ଛିତ ହୋଇ ପଡ଼ିଯିବେ, ତେବେ ସିଧା ଛାତରୁ ତଳକୁ ହିଁ ଖସିପଡ଼ିବେ ।

ଶ୍ରୀ ବିଟ୍ଠଲ ଦାସ ଆସନ ଉପରେ ବିରାଜମାନ ହେଲେ । ଲୋକମାନେ ଯଥାଯୋଗ୍ୟ ସ୍ଥାନରେ ବସିଗଲେ । କୀର୍ତ୍ତନ ଆରମ୍ଭ ହେଲା । ସମସ୍ତେ କୀର୍ତ୍ତନରେ ବଡ଼ ପ୍ରେମର ସହିତ ଯୋଗ ଦେଲେ । ପ୍ରେମରସରେ ନିମଗ୍ନ ହୋଇ ପ୍ରେମୀ ଶ୍ରୋତାଗଣ କୀର୍ତ୍ତନରେ ଅପୂର୍ବ ଆନନ୍ଦ ଅନୁଭବ କରିବାକୁ ଲାଗିଲେ । ପ୍ରେମୀଙ୍କ ମୁଖର ହରିଧ୍ୱନି ଓ କରତାଳ, ବୀଣା, ମୃଦଙ୍ଗାଦିର ତାଳବଦ୍ଧ ମଧୁର ଧ୍ୱନିରେ ଦଶଦିଗ ଝଙ୍କୃତ ହେଲା । ମଝି ମଝିରେ ହରିଗୁଣ ଗାନ ମଧ୍ୟ ଚାଲିଲା । ଶ୍ରୀ ବିଟ୍ଠଲ ଦାସ ପ୍ରେମମଦରେ ଉନ୍ମତ୍ତ ହୋଇ ନାଚିବାକୁ ଲାଗିଲେ । ହୃଦୟର ପ୍ରେମ ଓ ଉତ୍ସାହ ତଥା ପାଦରେ ବନ୍ଧା ହୋଇଥିବା ଘୁଙ୍ଗୁର ତଲ୍ଲୀନତା ବଢ଼ାଇବାରେ ଆହୁରି ସହାୟକ ହେଲା । **ପତିତପାବନ ଜଗଦୋଦ୍ଧାରା । ଆଦି ସର୍ବେଶା ବୈକୁଣ୍ଠବିହାରା । ଭକ୍ତବତ୍ସଳ ଇନ୍ଦିରାବରା'** ଆଦି ନାମରତ୍ନର ମାଳା ଗୁନ୍ଥି ସେ ମୁକ୍ତକଣ୍ଠରେ କୀର୍ତ୍ତନ କରିବାକୁ ଲାଗିଲେ ଏବଂ ଶେଷରେ ଯେତେବେଳେ ପ୍ରେମାବେଶରେ ପାଗଳ

ହୋଇ ମୂର୍ଚ୍ଛିତ ହୋଇ ପଡ଼ିଗଲେ, ସେତେବେଳେ ଏକଦମ୍ ଛାତରୁ ତଳକୁ ଖସିପଡ଼ିଲେ। ଷଡ଼ଯନ୍ତ୍ର କରିଥିବା ଦୁଷ୍ଟପ୍ରକୃତିର ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶ୍ରୋତା କୀର୍ତ୍ତନରସ ପାନ କରି ମୁଗ୍ଧ ହୋଇ ରହିଥିଲେ। ଭକ୍ତବର ଶ୍ରୀ ବିଟ୍‌ଠଲ ଦାସ ମୂର୍ଚ୍ଛିତ ହୋଇ ତଳକୁ ଖସି ପଡ଼ିବାର ସମ୍ଭାବନା କାହାର ବି ମନରେ ଆଗରୁ ଆସି ନ ଥିଲା। ବର୍ତ୍ତମାନ ସେ ତଳେ ପଡ଼ିଯିବା ଦେଖି ସମସ୍ତେ ବିଚଳିତ ହୋଇପଡ଼ିଲେ ଏବଂ ଏହି ଦୁର୍ଘଟଣାଯୋଗୁ ସମସ୍ତଙ୍କର ହୃଦୟ ବ୍ୟାକୁଳ ହୋଇଗଲା। ଦୁଷ୍ଟମାନଙ୍କ ଇଚ୍ଛା ପୂର୍ଣ୍ଣ ହେଲା। ସେମାନେ ସେମାନଙ୍କର ସଫଳତାର ଆନନ୍ଦ ଓ ଅଭିମାନରେ ଫୁଲି ଉଠିଲେ। ରାଜା ତଳକୁ ଆସି ଦେଖିଲେ, ଭକ୍ତ ବିଟ୍‌ଠଲ ଦାସଙ୍କର ହୃଦୟସ୍ପନ୍ଦନ ଓ ଶ୍ୱାସକ୍ରିୟା ବନ୍ଦ ହୋଇଯାଇଛି। ଏ ଦଶା ଦେଖି ରାଜା ଅତ୍ୟନ୍ତ ବ୍ୟାକୁଳ ହୋଇଗଲେ। ତାଙ୍କ ଦୁଃଖର ସୀମା ରହିଲା ନାହିଁ। କୌଣସିପ୍ରକାରେ ଧୈର୍ଯ୍ୟ ଧରି ରାଜା ସେହି ମୃତଶରୀରକୁ ଉଠାଇଲେ ଓ ବିଟ୍‌ଠଲଙ୍କ ମାଆଙ୍କ ପାଖକୁ ନେଇଗଲେ। ନିଜର ଜୀବନାଧାର ଏକମାତ୍ର ପୁତ୍ରର ଏହି ସ୍ଥିତି ଦେଖି ମାଆଙ୍କର ଦୁଃଖର ସୀମା ରହିଲା ନାହିଁ। ରାଜା ତାଙ୍କୁ ଅନେକପ୍ରକାରେ ସାନ୍ତ୍ୱନା ଓ ଧୈର୍ଯ୍ୟ ଦେଲେ ଓ ବହୁତ ଧନ ଦେଇ କୌଣସିପ୍ରକାରେ ଯତ୍‌କିଞ୍ଚିତ୍ ସନ୍ତୋଷ କରାଇ ନିଜ ଘରକୁ ଲେଉଟି ଆସିଲେ।

ଯଦିଓ ଏହି ଜୀବନରେ ଆଉ ପୁଅ ସହିତ ଦେଖା ହେବ ବୋଲି ମାଆଙ୍କର କୌଣସି ଆଶା ନ ଥିଲା, ତଥାପି ଘୋର ନିରାଶାରେ ମଧ୍ୟ ସାମାନ୍ୟ ମାତ୍ର ଆଶା ମନୁଷ୍ୟ ହୃଦୟରେ ଅବର୍ଣ୍ଣନୀୟ ଉତ୍ସାହ ଓ ଜୀବନ ପ୍ରଦାୟକ ହୋଇଥାଏ। ମାଆଙ୍କର ମନେ ପଡ଼ିଲା ଯେ, ବିଟ୍‌ଠଲ ଦାସ କୀର୍ତ୍ତନ ସମୟରେ ସବୁବେଳେ ମୂର୍ଚ୍ଛିତ ହେଉଥିଲେ। ସେ ଭାବିଲେ, ଆଜିର ମୂର୍ଚ୍ଛା ବୋଧହୁଏ ଟିକିଏ ଗଭୀର ହୋଇଥାଇପାରେ ଏବଂ ପୁଅର ପ୍ରାଣ ଥାଇପାରେ। ଏଣୁ ସେ ଶବଦାହ କର୍ମ ନ କରି ତାହାକୁ ଗୋଟିଏ ଚଦରରେ ଘୋଡ଼ାଇଦେଇ ସୁରକ୍ଷିତ କରି ରଖିଲେ ଏବଂ ପୁଅର ନିସ୍ତେଜ ମୁହଁକୁ ବାରମ୍ବାର ଚାହିଁ ପ୍ରାଣ ସଞ୍ଚାରର ପ୍ରତୀକ୍ଷା କରିବାକୁ ଲାଗିଲେ। ଏପରିଭାବରେ ତିନିଦିନ ବିତିଗଲା। ଶବରେ କୌଣସିପ୍ରକାର ଚେତନା ଆସିଲା ନାହିଁ। ଭଗବାନଙ୍କ ମହିମା ଅପାର; ତାଙ୍କ କୃପାରେ ସବୁ କିଛି ସମ୍ଭବ। ଚତୁର୍ଥ ଦିନ ସମସ୍ତଙ୍କୁ ଆନନ୍ଦିତ କରାଇ ବିଟ୍‌ଠଲ ଦାସ ତାଙ୍କର ସେହି ପ୍ରେମମୂର୍ଚ୍ଛା ତଥା କାଳମୂର୍ଚ୍ଛାରୁ ଜାଗି

ଉଠିଲେ ଏବଂ ନିଜକୁ ରାଜମହଲ ବଦଳରେ ନିଜଘରେ ଦେଖି ବଡ଼ ଆଶ୍ଚର୍ଯ୍ୟ ହୋଇ ମାଆଙ୍କୁ ତା'ର କାରଣ ପଚ୍ଚାରିଲେ । ସେ ଛାତରୁ ତଳେ ପଡ଼ିଯିବା ଘଟଣାଠାରୁ ଆରମ୍ଭ କରି ରାଜାଙ୍କ ଧନଦାନ କଥା ମାଆ ସଂକ୍ଷେପରେ ଶୁଣାଇଦେଲେ । ଛାତ ଉପରୁ ତଳକୁ ଖସି ପଡ଼ିଯିବା ପରେ ମଧ୍ୟ ଜୀବନ ରକ୍ଷା ହୋଇଗଲା ଜାଣି ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା ଏବଂ ପ୍ରଭୁଙ୍କ କୃପା ବାରମ୍ବାର ସ୍ମରଣ କରି ସେ ଆନନ୍ଦ ଗଦ୍‌ଗଦ ହୋଇଗଲେ । କିନ୍ତୁ ମାଆ ଲୋଭବଶତଃ ରାଜାଙ୍କଠାରୁ ଧନ ଗ୍ରହଣ କରିଥିବାରୁ ତାଙ୍କୁ ବହୁତ ଖରାପ ଲାଗିଲା । ସେ ଭାବିଲେ, ଭବିଷ୍ୟତରେ ଏହାଦ୍ୱାରା ଏବଂ ଏପରି ଆଶ୍ଚର୍ଯ୍ୟଜନକ ଘଟଣା ଫଳରେ ତାଙ୍କର ପ୍ରସିଦ୍ଧି ବ୍ୟାପିବ; ତା'ଫଳରେ ବଡ଼ ହାନି ହେବାର ଆଶଙ୍କା ରହିଛି । ଏପରି ଭାବି ସେ ରାତିରେ ଚୁପ୍‌ଚାପ୍ ଘର ଛାଡ଼ି ଅନ୍ୟ କେଉଁଠିକି ଚାଲିଯିବାକୁ ମନେ ମନେ ନିର୍ଣ୍ଣୟ କରିନେଲେ ।

ଅର୍ଦ୍ଧରାତ୍ର ସମୟ । ଚତୁର୍ଦ୍ଦିଗ ନିସ୍ତବ୍ଧ । ଦିନସାରା ପରିଶ୍ରମ କରି କ୍ଳାନ୍ତ ହୋଇଥିବା ସଂସାରୀ ଲୋକମାନେ ପ୍ରକୃତିର ଆନନ୍ଦମୟୀ କୋଳରେ ବିଶ୍ରାମ ନେଇ ଜୀବନୀଶକ୍ତି ଲାଭ କରୁଛନ୍ତି । ଏପରି ସମୟରେ ଶ୍ରୀ ବିଟ୍‌ଠଲ ଦାସ ଚୁପ୍‌ଚାପ୍ ଶେଯରୁ ଉଠି, ଘରର ଦ୍ୱାର ଖୋଲି ନିର୍ଭୟରେ ଚଞ୍ଚଳପାଦରେ ମଥୁରାନଗର ଅଭିମୁଖେ ଚାଲିଲେ । ସେ ଯିବା କଥା କେହି ଜାଣିପାରିଲେ ନାହିଁ । ସକାଳେ ତାଙ୍କ ମାଆ ଓ ପତ୍ନୀ ତାଙ୍କୁ ଘରେ ନ ପାଇ ବିଳାପ କରିବାକୁ ଆରମ୍ଭ କରିଦେଲେ । ଏ ଖବର ଯାଇ ରାଜାଙ୍କ ପାଖରେ ପହଞ୍ଚିଲା । ସମାଚାର ପାଇବାମାତ୍ରେ ତାଙ୍କୁ ଖୋଜିବାପାଇଁ ରାଜା ସବୁଆଡ଼େ ଦୂତ ପଠାଇଦେଲେ । କିନ୍ତୁ ସବୁ ବ୍ୟର୍ଥ ହେଲା । ମାଆ ତାଙ୍କ ପ୍ରିୟ ପୁତ୍ରକୁ ହରାଇଥିବାରୁ ଦୁଃଖରେ ପ୍ରାଣ ତ୍ୟାଗ କରିବାକୁ ପ୍ରତିଜ୍ଞା କରି ଅନଶନ ବ୍ରତ ଆରମ୍ଭ କରିଦେଲେ । ଦୟାମୟ ଭଗବାନ ତାଙ୍କ ଭକ୍ତଙ୍କ ମାଆଙ୍କର ପୁତ୍ରବିୟୋଗଜନିତ ଦୁଃଖ ଦେଖି ସହିପାରିଲେ ନାହିଁ । ଶ୍ରୀ ବିଟ୍‌ଠଲ୍ ଦାସଙ୍କ ମାଆଙ୍କୁ ଭଗବାନ ସ୍ୱପ୍ନରେ ଜଣାଇଦେଲେ ଯେ, ଶ୍ରୀ ବିଟ୍‌ଠଲ ଦାସ ମଥୁରାରେ ଅଛନ୍ତି । ତେଣୁ ସକାଳ ହେବା କ୍ଷଣି ମାଆ ବୋହୂକୁ ଧରି ମଥୁରା ଚାଲିଲେ ଏବଂ ସେଠାରେ ତାଙ୍କ ନୟନର ତାରା ପୁତ୍ରକୁ ଦେଖି ଆନନ୍ଦରେ ଫୁଲି ଉଠିଲେ । ମାଆଙ୍କ ଆଗ୍ରହ ଦେଖି ଶ୍ରୀ ବିଟ୍‌ଠଲ୍ ଦାସ ସେମାନଙ୍କୁ ନିଜ ପାଖରେ ରଖିନେଲେ ଏବଂ

ସବୁଟୁଦୋ ନିଜର ସମସ୍ତ ସମୟ ଭଗବଦ୍ ଭଜନରେ ବିତାଇ ବ୍ରଜଭୂମିର ଆନନ୍ଦ ଉପଭୋଗ କଲେ ।

ବିଟ୍‌ଠଲ୍ ଦାସଙ୍କ ପତ୍ନୀ ମଧ୍ୟ ପରମ ଭାବୁକା ଓ ପତିବ୍ରତା ଥିଲେ। ସେ ପ୍ରତ୍ୟେକ କାମ ପତିଙ୍କ ଇଚ୍ଛାନୁଯାୟୀ କରୁଥିଲେ ଏବଂ ନିଜର ସମସ୍ତ ସମୟ ସତ୍‌ସଙ୍ଗ, ଭଜନ, କୀର୍ତ୍ତନ, ଭଗବତ୍‌ଦର୍ଶନ ଏବଂ ଶାଶୁ ଓ ସ୍ୱାମୀଙ୍କ ସେବାରେ କଟାଉଥିଲେ। ଦିନେ ଚୁଲ୍ଲୀ ଟିଙ୍କା ଗଢ଼ିବାପାଇଁ ସେ କିଛି ମାଟି ଆଣିବାକୁ ଯାଇଥାନ୍ତି; ମାଟି ଖୋଳୁ ଖୋଳୁ ତାଙ୍କୁ ଭୂମିତଳୁ ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ଚତୁର୍ଭୁଜ ଭଗବାନଙ୍କର ଗୋଟିଏ ମୂର୍ତ୍ତି ମିଳିଗଲା ଏବଂ ସେହି ମୂର୍ତ୍ତି ନିକଟରେ ହିଁ ସେ ବହୁତ ଧନସମ୍ପଦ ଥିବାର ଦେଖିଲେ । ଧନ ହିଁ ସବୁ ଅନର୍ଥର ମୂଳ ବୋଲି ଜାଣିଥିବା ଭକ୍ତଙ୍କର ପତିବ୍ରତା ସ୍ତ୍ରୀଙ୍କ ମନରେ ସେହି ଧନ ପ୍ରତି ତିଳେ ହେଲେ ଲୋଭ ଆସିଲା ନାହିଁ। ମୂର୍ତ୍ତି ଦେଖିବାମାତ୍ରେ ସେ ପତିଙ୍କ ନିକଟକୁ ଧାଇଁ ଆସି ସବୁକଥା ଶୁଣାଇଲେ। ତାହା ଶୁଣି ବିଟ୍‌ଠଲ ଦାସ କହିଲେ, ଏ ସ୍ଥାନର ମାଲିକଙ୍କୁ ଏହାର ସୂଚନା ଦେଇଦିଅ, ସେ ତାଙ୍କ ଧନ ନେଇଯାଆନ୍ତୁ। ଆଜ୍ଞାନୁଯାୟୀ ମାଲିକଙ୍କ ନିକଟକୁ ଖବର ପଠାଗଲା । ସେ ଆସିଲେ ଓ ଧନ ଦେଖି, ଦୁଇହାତ ଯୋଡ଼ି କହିଲେ, 'ମହାରାଜ ! ଏ ଧନ ତ ଆପଣଙ୍କର ହିଁ ଅଟେ। ଆପଣ ଏହାକୁ ଗ୍ରହଣ କରନ୍ତୁ। ମୋର ହୋଇଥିଲେ ଆଗରୁ ମୋତେ ମିଳିଥାନ୍ତା। ଏହା ଯେହେତୁ ଆପଣଙ୍କୁ ମିଳିଛି, ଆପଣ ହିଁ ଏହାର ମାଲିକ ଅଟନ୍ତି।' ଏହା ଶୁଣି ବିଟ୍‌ଠଲ ଦାସ କହିଲେ, 'ଭାଇ ! ଜମିରୁ ଯେଉଁ ବସ୍ତୁ ମିଳେ, ତାହା ଉପରେ ସେହି ଜମିର ମାଲିକଙ୍କର ହିଁ ଅଧିକାର ହୁଏ । ଆମର ତ ଏହି ସ୍ଥାନରେ କେବଳ ରହିବା ଅଧିକାର ଅଛି। ଆମେ କିପରି ଏହାଭିତରୁ ମିଳିବା ବସ୍ତୁର ମାଲିକ ହେବୁ ? ମାଲିକ ତୁମେ।' ଏପରି କହି ସେ ଧନ ସ୍ୱୀକାର କଲେ ନାହିଁ। ଏହିପରିଭାବରେ କଥା ବଢୁ ବଢୁ ଏତେ ବଢ଼ିଗଲା ଯେ, ଶେଷରେ ମାମଲା ଗ୍ରାମର ପଞ୍ଚାୟତ ନିକଟକୁ ଗଲା। ସେ ସମୟରେ ଆଜିକାଲି ପରି ମୋକଦ୍ଦମାର ଯୁଗ ନ ଥିଲା, କି ପରସ୍ପର ମଧ୍ୟରେ ମୋକଦ୍ଦମା ଲଢ଼ାଇବାର ପେଶା କରିଥିବା ଓକିଲ-ମୁକ୍ତିଆର ନ ଥିଲେ, କି ଜୀରାରୁ ଶିରା ବାହାର କଲା ପରି ଆଇନର ଅର୍ଥ କରୁଥିବା ଜଜ୍, ମାଜିଷ୍ଟ୍ରେଟ୍ ନ ଥିଲେ ଏବଂ ସାକ୍ଷୀକୁ ଡରାଇ ଧମକାଇ ବା କଥାଗ୍ୱତୁରୀରେ ଫସାଇ ତା'ଠାରୁ କଥା ଆଦାୟ କରୁଥିବା ଓକିଲ ବାରିଷ୍ଟର

ନ ଥିଲେ । ଯେତେବେଳେ ପରସ୍ପର ମଧ୍ୟରେ କିଛି ମତଭେଦ ହେଉଥିଲା, ସମାଧାନପାଇଁ କେବଳ ମତଭେଦ ଥିବା ଦୁଇପକ୍ଷ ଗ୍ରାମମୁଖ୍ୟଙ୍କ ନିକଟକୁ ଯାଇ ସତଘଟଣା କହୁଥିଲେ ଏବଂ ଉଭୟଙ୍କ କଥା ଶୁଣିବା ପରେ ଗ୍ରାମମୁଖ୍ୟ ଯାହାକିଛି ଫୈସଲା କରୁଥିଲେ, ତାହା ଦୁହିଁଙ୍କର ଶିରୋଧାର୍ଯ୍ୟ ହେଉଥିଲା । ପାଠକଗଣ ! କ'ଣ ଆପଣମାନେ ଆଜିକାଲିର ଅଦାଲତରେ କେଉଁଠି ବି ଏପରି ମଉଜିଆ ମୋକଦ୍ଦମା ଦେଖିଛନ୍ତି, ନା ଶୁଣିଛନ୍ତି ? ଶୁଣିବେ ବା କେଉଁଠି ? ଏବେ ତ ସେପରି ସଚ୍ଚୋଟ ଲୋକ ନାହାନ୍ତି, କି ସେପରି ଧର୍ମନିଷ୍ଠ ଏବଂ ନ୍ୟାୟପରାୟଣ ପ୍ରଶାସକ ନାହାନ୍ତି । ଏବେ ତ ଆମ୍ଭମାନଙ୍କ ସଂସ୍କୃତିରେ ଏପରି ପରିବର୍ତ୍ତନ ଆସିଗଲାଣି ଯେ, ଆମେ ବିନାକାରଣରେ ଲୋଭର ବଶ ହୋଇ ଜଣେ ଅନ୍ୟର ସ୍ୱତ୍ୱ ଉପରେ ନିଜର ଅଧିକାର ଜମାଇବାକୁ ଚାହୁଁଛୁ। ତେଣୁ ଉପରୋକ୍ତ ଘଟଣାକୁ ପ୍ରାୟ ସମସ୍ତେ କଳ୍ପନାମାତ୍ର ବୋଲି ଭାବିବେ । ହେଉ ! ମାମଲା ଶୁଣି ଗ୍ରାମମୁଖ୍ୟ ଫୈସଲା କଲେ ଯେ, ସେହି ଧନ ଭଗବାନଙ୍କ ମୂର୍ତ୍ତି ସହିତ ମିଳିଛି, ଅତଏବ ସେହି ଧନରେ ସେହି ସ୍ଥାନରେ ଭଗବତ୍ ଉପାସନାପାଇଁ ଗୋଟିଏ ମନ୍ଦିର ନିର୍ମାଣ କରି ସେଠାରେ ସେହି ମୂର୍ତ୍ତି ସ୍ଥାପିତ କରାଯାଉ । ସେହି ନିଷ୍ପତ୍ତିକୁ ଉଭୟେ ବଡ଼ ଆନନ୍ଦରେ ମାନି ନେଲେ ଏବଂ ସେହି ସ୍ଥାନରେ ସେହି ଧନରେ ଗୋଟିଏ ସୁନ୍ଦର ମନ୍ଦିର ନିର୍ମାଣ କରାଇ ସେଠାରେ ସେହି ମୂର୍ତ୍ତି ସ୍ଥାପନ କରାଇଦିଆଗଲା । ଭଗବଦ୍ ଉପାସକମାନଙ୍କ ପାଇଁ ସେଠାରେ ରହି ଉପାସନା କରିବାକୁ ସୁନ୍ଦର ବ୍ୟବସ୍ଥା ମଧ୍ୟ କରିଦିଆଗଲା । ଭକ୍ତ ବିଟ୍ଠଲ୍ ଦାସ ସପରିବାର ଭଗବାନଙ୍କ ଭଜନସ୍ମରଣ କରି କରି ପରିଶେଷରେ ତାଙ୍କୁ ପ୍ରାପ୍ତ ହେଲେ ଓ ସବୁଦିନପାଇଁ ପରମ ସୁଖୀ ହୋଇଗଲେ ।

ବୋଲ—ଭକ୍ତ ଓ ତାଙ୍କ ଭଗବାନଙ୍କର ଜୟ !

॥ ଶ୍ରୀହରିଃ ॥

ଭକ୍ତ ପୁରନ୍ଦର ଦାସ

ପୁରନ୍ଦର ଦାସ କର୍ଣ୍ଣାଟକ ରାଜ୍ୟର ଜଣେ ମହାନ୍ ସନ୍ଥକବି ତଥା ସଙ୍ଗୀତଜ୍ଞ ଥିଲେ । ସେ ଅନ୍ତର ଭିତରୁ ଆତ୍ମାର ସଙ୍ଗୀତ ଶୁଣୁଥିଲେ । ତେଣୁ ତାଙ୍କ ସଙ୍ଗୀତ ଅତ୍ୟନ୍ତ ହୃଦୟସ୍ପର୍ଶୀ ହେଉଥିଲା ।

ଭାରତର ମହାନ ସନ୍ଥମାନଙ୍କ ମଧ୍ୟରେ ପୁରନ୍ଦର ଦାସ ଥିଲେ ଅନ୍ୟତମ । ସେ ଥିଲେ କବିର, ସୁରଦାସ, ଗୌରାଙ୍ଗ, ତୁକାରାମ ଓ ତ୍ୟାଗରାଜଙ୍କ ସମାନ ସନ୍ଥ । ଗୌରାଙ୍ଗ ମହାପ୍ରଭୁ, ଆଚାର୍ଯ୍ୟ ବଲ୍ଲଭାଚାର୍ଯ୍ୟ ଓ ପୁରନ୍ଦର ଦାସ ସମସାମୟିକ ସନ୍ଥ ଥିଲେ । ବଙ୍ଗପ୍ରଦେଶପାଇଁ ଗୌରାଙ୍ଗ ମହାପ୍ରଭୁ ଯାହା, ମହାରାଷ୍ଟ୍ରପାଇଁ ସନ୍ଥ ତୁକାରାମ ଯାହା, ମାରବାଡ଼ପାଇଁ ମୀରାବାଈ ଯାହା, ଉତ୍ତରପ୍ରଦେଶପାଇଁ ଗୋସ୍ୱାମୀ ତୁଳସୀ ଦାସ ଯାହା, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶପାଇଁ ଭକ୍ତ ତ୍ୟାଗରାଜ ଯାହା, ଉତ୍କଳପାଇଁ ଅତିବଡ଼ି ଜଗନ୍ନାଥ ଦାସ ଯାହା, କର୍ଣ୍ଣାଟକପାଇଁ ଶ୍ରୀ ପୁରନ୍ଦର ଦାସ ତାହା ଥିଲେ ।

୧୪୮୪ ମସିହାରେ ଆଧୁନିକ ପୁନେ ନଗରୀରୁ ପନ୍ଦର ମାଇଲ ଦୂରରେ ଅବସ୍ଥିତ ପୁରନ୍ଦର ଗଡ଼ ସହରରେ ଏକ ଧନୀ ବ୍ରାହ୍ମଣ ପରିବାରରେ ପୁରନ୍ଦର ଦାସ ଜନ୍ମ ଗ୍ରହଣ କରିଥିଲେ । ଶ୍ରୀକୃଷ୍ଣ ଭଗବାନଙ୍କର ଭକ୍ତଭାବରେ ଖ୍ୟାତି ଲାଭ କରିବା ପୂର୍ବରୁ ତାଙ୍କ ନାମ ଥିଲା ଶ୍ରୀ ଶ୍ରୀନିବାସ ନାୟକ । ସେ ସରସ୍ୱତୀ ବାଈଙ୍କୁ ବିବାହ କରିଥିଲେ । ସରସ୍ୱତୀ ବଡ଼ ସାଧ୍ୱୀ ଓ ଧର୍ମପରାୟଣା ମହିଳା ଥିଲେ ।

ଶ୍ରୀନିବାସଙ୍କର ସଙ୍ଗୀତରେ ଗଭୀର ଶ୍ରଦ୍ଧା ଥିଲା । ସେ ସଙ୍ଗୀତକଳାରେ ପାରଦର୍ଶିତା ଲାଭ କରି ସଙ୍ଗୀତର ବିଶେଷ ବିକାଶ କରିଥିଲେ । ସେ ଅତ୍ୟନ୍ତ ଭୋଗବିଳାସରେ ଜୀବନ ଅତିବାହିତ କରୁଥିଲେ । ତାଙ୍କର ବ୍ୟବସାୟ ଥିଲା ଅଳଙ୍କାର ବିକ୍ରୟ କରିବା ଓ ଟଙ୍କା କରଜ ଦେବା । ଅଚଳାଚଳ ସମ୍ପତ୍ତି ଥିବାରୁ ଏବଂ ବହୁ ମୂଲ୍ୟବାନ ହୀରା-ନୀଳା-ଖଚିତ ଅଳଙ୍କାର ବିକ୍ରୟ କରୁଥିବାରୁ 'ନବକୋଟି ନାରାୟଣ' ନାମରେ ସେ ଜଣେ ଜଣାଶୁଣା ବ୍ୟକ୍ତି ଥିଲେ ।

ଶ୍ରୀନିବାସ ଅଚଳାଚଳ ସମ୍ପତ୍ତିର ଅଧିକାରୀ ହୋଇଥିଲେ ହେଁ ଅତ୍ୟନ୍ତ

ଲୋଭୀ ଓ କୃପଣ ଥିଲେ । ପଇସାଟିଏ ମଧ୍ୟ ଦାନପୁଣ୍ୟରେ କେବେ ଖର୍ଚ୍ଚ କରୁ ନ ଥିଲେ । ବ୍ରାହ୍ମଣ, ସନ୍ନ୍ୟାସୀ ଓ ଗରିବଲୋକଙ୍କୁ ଭୋଜନ ଦେବା କଥା ସେ ସ୍ୱପ୍ନରେ ମଧ୍ୟ ଭାବୁ ନ ଥିଲେ । ଦାନ, ପୁଣ୍ୟ ପ୍ରଭୃତି ସତ୍‌କାର୍ଯ୍ୟରେ ପାହୁଲାଟିଏ ମଧ୍ୟ ଖର୍ଚ୍ଚ ନ କରି ସ୍ୱାମୀ ସାଂସାରିକ ଭୋଗବିଳାସରେ ଜୀବନ ବିତାଉଥିବା ଦେଖି ତାଙ୍କର ଧର୍ମପତ୍ନୀ ଭଗବଦ୍ ପରାୟଣା ସରସ୍ୱତୀ ଦେବୀଙ୍କ ମନରେ ଗଭୀର ଦୁଃଖ ଥିଲା ।

ଥରେ ଜଣେ ଗରିବ ବ୍ରାହ୍ମଣ ତାଙ୍କ ପୁଅର ବ୍ରତୋପନୟନ ସଂସ୍କାର କରାଇବାପାଇଁ ଶ୍ରୀନିବାସଙ୍କୁ ଆର୍ଥିକ ସାହାଯ୍ୟ ଭିକ୍ଷା କଲେ । ଶ୍ରୀନିବାସ ରୋକ୍‌ଠୋକ୍‌ଭାବେ ମନା ନ କରି ଆଜି ଆସ କାଲି ଆସ ବୋଲି କହି କହି ଅନେକ ମାସ ଗଡ଼ାଇଲେ । ବ୍ରତ ଯୋଗ ପାଖେଇ ଆସିବାରୁ ଗରିବ ବ୍ରାହ୍ମଣ ମହାଶୟ ଶ୍ରୀନିବାସଙ୍କୁ ନ ମାଗି ତାଙ୍କ ଧର୍ମପତ୍ନୀ ସରସ୍ୱତୀ ଦେବୀଙ୍କୁ ଅର୍ଥ ଭିକ୍ଷା କଲେ । ଘରେ ବହୁ ଧନ ସମ୍ପତ୍ତି ଭରି ହୋଇଥିଲେ ହେଁ ସେସବୁ ତାଙ୍କ ସ୍ୱାମୀଙ୍କର ଏବଂ ସେଥିରୁ କିଛି ଦେଲେ ସ୍ୱାମୀ ଅତ୍ୟନ୍ତ କ୍ରୋଧ ପ୍ରକାଶ କରିବେ, ଏହି ଭୟରେ ସେ ବିଚାରୀ କିଛି ଦେଇପାରିଲେ ନାହିଁ । ବ୍ରାହ୍ମଣ ମହାଶୟ ସରସ୍ୱତୀଙ୍କ ନାକରେ ଥିବା ହୀରାର ନାକଫୁଲ ଦେଖି ସେଇଟି ଦାନ କରିବାକୁ ବିନତି କଲେ । ସେଇଟି ସେ ତାଙ୍କ ବାପଘରୁ ଆଣିଥିବାରୁ ନିଜ ଇଚ୍ଛାରେ ଦାନ କରିପାରିବେ ଭାବି ଆନନ୍ଦ ମନରେ ତାହା ବ୍ରାହ୍ମଣଙ୍କୁ ଦେଇଦେଲେ ।

ଗରିବ ବ୍ରାହ୍ମଣ ସରସ୍ୱତୀଙ୍କ ହୀରାବସା ନାକଫୁଲଟି ନେଇ ଶ୍ରୀନିବାସଙ୍କ ଅଳଙ୍କାର-ଦୋକାନରେ ପହଞ୍ଚିଲେ । ଶ୍ରୀନିବାସ ନାୟକଙ୍କୁ ନାକଫୁଲଟି ଦେଇ ସେଇଟି ବନ୍ଧକ ରଖି କିଛି ଟଙ୍କା ଦେଲେ ସେ ପୁଅର ବ୍ରତୋପନୟନ ସଂସ୍କାର ସମ୍ପାଦନ କରିବେ ବୋଲି କହିଲେ । କିନ୍ତୁ ନାକଫୁଲଟି ଦେଖୁ ଦେଖୁ ଶ୍ରୀନିବାସ ସେଇଟି ତାଙ୍କ ପତ୍ନୀ ସରସ୍ୱତୀଙ୍କ ନାକଫୁଲ ବୋଲି ଚିହ୍ନିଦେଲେ । ସେଇଟି ବନ୍ଧକ ରଖି ଟଙ୍କା ଦେବା ପୂର୍ବରୁ, ସେଇଟିକୁ ଦୋକାନରେ ଥିବା ଟଙ୍କାବାକ୍ସରେ ରଖିଦେଇ କିଛି ସମୟ ପରେ ଦୋକାନରେ ତାଲା ପକାଇ ସେ ନିଜ ଘରକୁ ଚାଲିଗଲେ । ଘରେ ପହଞ୍ଚି ପତ୍ନୀ ସରସ୍ୱତୀଙ୍କୁ ନାକଫୁଲଟି ତୁରନ୍ତ ଦେଖାଅ ବୋଲି ଆଦେଶ ଦେଲେ । ସ୍ୱାମୀଙ୍କ କ୍ରୋଧ ଓ ବିରକ୍ତି ଲକ୍ଷ୍ୟ କରି, ଆଣୁଛି ବୋଲି କହି, ସରସ୍ୱତୀ ଠାକୁରଘରକୁ ଚାଲିଗଲେ ଓ ବ୍ୟାକୁଳ

ହୋଇ ଠାକୁରଙ୍କୁ ପ୍ରାର୍ଥନା କଲେ । ଏହି ବିପତ୍ତିରୁ ଉଦ୍ଧାର କରିବାପାଇଁ ଆବେଗଭରା ହୃଦୟରେ ନିବେଦନ କଲେ । ପରିଶେଷରେ ଚିନ୍ତା କଲେ, ନାକଫୁଲଟି ନ ଦେଖାଇପାରିବାଯୋଗୁଁ ସ୍ୱାମୀଙ୍କ ମାଡ଼ଗାଳି ଖାଇବା ଅପେକ୍ଷା ଆତ୍ମହତ୍ୟା କରିବା ବରଂ ଭଲ ହେବ । ଏପରି ଭାବି, ସେ ଭଗବାନଙ୍କୁ ସ୍ମରଣ କରି ବିଷପାନ କରିବାକୁ ଯାଉଛନ୍ତି, ହଠାତ୍ ବିଷପାତ୍ରରେ ଉପରୁ କିଛି ଗୋଟିଏ ଜିନିଷ ପଡ଼ିଗଲା । ସେ ବିଷ ପାନ କରିବା ବନ୍ଦ କରି ବିଷଗିନାରୁ ଜିନିଷଟି ବାହାର କରି ଦେଖିଲେ । ସେଇଟି ଥିଲା ତାଙ୍କର ସେହି ନାକଫୁଲ, ଯାହାକୁ ସେ ଗରିବ ବ୍ରାହ୍ମଣଙ୍କୁ ଦାନ କରିଦେଇଥିଲେ ଏବଂ ବ୍ରାହ୍ମଣଙ୍କ ଠାରୁ ପାଇ ଶ୍ରୀନିବାସ ଲୁହାବାକ୍ସରେ ରଖି ଘରକୁ ଆସିଥିଲେ ।

ସରସ୍ୱତୀଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଭକ୍ତବତ୍ସଳ ଭଗବାନ ତାଙ୍କର କାତର ପ୍ରାର୍ଥନା ଶୁଣି ନାକଫୁଲଟି ପ୍ରଦାନ କରିଥିବାରୁ ସେ କୃତଜ୍ଞତା ପ୍ରଦର୍ଶନପୂର୍ବକ ଭଗବାନଙ୍କ ଶ୍ରୀଚରଣରେ ଆତ୍ମସମର୍ପଣ କଲେ । ସେ ଆନନ୍ଦ ଗଦ୍‌ଗଦ ହୋଇ ପ୍ରେମାସ୍ପଦ ପ୍ରଭୁଙ୍କର ଭକ୍ତବତ୍ସଳତା ସ୍ମରଣ କରି କରି ପତିଦେବଙ୍କ ହାତକୁ ନାକଫୁଲଟି ବଢ଼ାଇଦେଲେ ।

ସ୍ତ୍ରୀଙ୍କ ପାଖରୁ ନାକଫୁଲଟି ପାଇ ଶ୍ରୀନିବାସ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ଏହା କିପରି ଘଟିଲା, ସେ କିଛି ବୁଝିପାରିଲେ ନାହିଁ । ନାକଫୁଲଟି ତ ସେ ଦୋକାନରେ ଲୁହାବାକ୍ସରେ ରଖି ଆସିଥିଲେ । ସେ ନିଜେ ଦୋକାନ ବନ୍ଦ କରି, ତାଲା ପକାଇ ଘରକୁ ଆସିଛନ୍ତି । ତେବେ ଦୋକାନର ଲୁହାବାକ୍ସରୁ ନାକଫୁଲଟି ଆଣିଲା କିଏ ? ସେ ତୁରନ୍ତ ଦୋକାନକୁ ଗଲେ । ବାକ୍ସ ଖୋଲି ଦେଖନ୍ତି ତ, ନାକଫୁଲଟି ସେଥିରେ ନାହିଁ ! ସେ କି ଆଉ ଥୟ ହୋଇ ରହିପାରନ୍ତି ! ଘରକୁ ଧାଇଁଆସି ସତୀ, ସାଧ୍ୱୀ, ଧର୍ମପରାୟଣା ଓ ପତିପରାୟଣା ପତ୍ନୀଙ୍କୁ ସବୁକଥା କହିଲେ । ଏ କଥା କିପରି ଘଟିଲା, ସ୍ପଷ୍ଟ କରି କୁହ ବୋଲି ଅନୁରୋଧ କଲେ । ସରସ୍ୱତୀଙ୍କ ଠାରୁ ସବୁ ଶୁଣି ଶ୍ରୀନିବାସ ଜାଣିପାରିଲେ ଯେ, ସେହି ବୃଦ୍ଧ ବ୍ରାହ୍ମଣ ଜଣକ ଭଗବାନଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି । ସେ ଅନୁଭବ କଲେ, ଭଗବାନ ନିଜେ ତାଙ୍କୁ ପରୀକ୍ଷା କରିବାକୁ ଓ ଶିକ୍ଷା ଦେବାକୁ ବ୍ରାହ୍ମଣରୂପରେ ଆସିଥିଲେ । ସେହି ବ୍ରାହ୍ମଣ ଆଉ ନାକଫୁଲଟି ନେବାକୁ ଆସିଲେ ନାହିଁ, କି ତାହା ବନ୍ଧକ ରଖି ଟଙ୍କା ମାଗିବାକୁ ଆସିଲେ

ନାହିଁ ଦେଖି ସେ ନିଶ୍ଚିତ ହୋଇଗଲେ ଯେ, ଭଗବାନ ହିଁ ବ୍ରାହ୍ମଣରୂପରେ ଆସିଥିଲେ। ସେ ପୁଣି ଉପଲବ୍ଧି କରିପାରିଲେ ଯେ, ଭଗବାନ ତାଙ୍କ ଦୋକାନରେ ଥିବା ଲୁହାବାକ୍ସରୁ ନାକଫୁଲଟି ଯେପରି ହରଣ କରି ନେଇଗଲେ, ସେପରିଭାବରେ ସେ ଚାହିଁଲେ ତାଙ୍କର ଅଚଳାଚଳ ଧନସମ୍ପତ୍ତି ମଧ୍ୟ ମୁହୂର୍ତ୍ତକ ମଧ୍ୟରେ ହରଣ କରିନେଇ ତାଙ୍କୁ ଦାଣ୍ଡର ଭିକାରି କରିଦେଇ ପାରିବେ।

ଉପରୋକ୍ତ ଘଟଣା ଶ୍ରୀନିବାସଙ୍କ ସଂସାରୀ ମନକୁ ସମ୍ପୂର୍ଣ୍ଣ ପରିବର୍ତ୍ତିତ କରିଦେଲା। ଧନ ପ୍ରତି ତାଙ୍କର ପ୍ରଗାଢ଼ ମୋହ ରହିଥିଲା। ସେହି ମୋହ ସମ୍ପୂର୍ଣ୍ଣ ଦୂର ହୋଇଗଲା। ତାଙ୍କର ହୃଦୟରେ ବୈରାଗ୍ୟ ଜନ୍ମିଗଲା। ସଂସାର ଓ ବିଷୟସୁଖର ଅସାରତା ସେ ଭଲଭାବରେ ଉପଲବ୍ଧି କରିପାରିଲେ। ସଂପୂର୍ଣ୍ଣ ବୈରାଗ୍ୟଭାବଯୋଗୁ ସେ ତାଙ୍କର ସମସ୍ତ ଧନସମ୍ପତ୍ତି ଦାନ କରିଦେଇ ଘର ଛାଡ଼ି ଚାଲିଗଲେ; ଯାଇ କର୍ଣ୍ଣାଟକର ରାଜଧାନୀ ତୁଙ୍ଗଭଦ୍ରା ନଦୀକୂଳରେ ଥିବା ବିଜୟନଗରରେ ପହଞ୍ଚିଲେ।

ସେତେବେଳେ ରାଜା କୃଷ୍ଣଦେବ ରାୟ କର୍ଣ୍ଣାଟକର ବିଖ୍ୟାତ ସମ୍ରାଟ ଥିଲେ। ମହାଜ୍ଞାନୀ ଓ ଯୋଗୀ ଶ୍ରୀ ବ୍ୟାସରାଜ କର୍ଣ୍ଣାଟକ ସାମ୍ରାଜ୍ୟରେ ପ୍ରେରଣାଦାତା ସନ୍ଥ ଥିଲେ। ଶ୍ରୀନିବାସ ସେହି ମହାପୁରୁଷଙ୍କ ଠାରୁ ଶିଷ୍ୟତ୍ୱ ଗ୍ରହଣ କରି ପୁରନ୍ଦର ଦାସରୂପେ ପରିଚିତ ହେଲେ। ପରବର୍ତ୍ତୀ ଚାଳିଶି ବର୍ଷ ସେ ଦେଶସାରା ଭକ୍ତିସଂଗୀତ ମାଧ୍ୟମରେ ହରିଭକ୍ତି ପ୍ରଚାର କଲେ।

ଗୋସ୍ୱାମୀ ତୁଳସୀଦାସଙ୍କୁ ଯେପରି ଆଦିକବି ବାଲ୍ମୀକିଙ୍କ ଅବତାର ବୋଲି କୁହାଯାଏ, ପୁରନ୍ଦର ଦାସଙ୍କୁ ସେହିପରି ନାରଦ ମହର୍ଷିଙ୍କ ଅବତାର ବୋଲି କୁହାଯାଏ ।

ସେ ସଙ୍ଗୀତକଳାର ବିଶେଷ ବିକାଶ କରିଥିବାରୁ ତାଙ୍କୁ କର୍ଣ୍ଣାଟକୀ ସଙ୍ଗୀତର ପିତା ବୋଲି ସଙ୍ଗୀତବିଶାରଦମାନେ ସ୍ୱୀକାର କରିଛନ୍ତି। ରାଗ-ରାଗିଣୀ, ତାଳ ଓ ଲୟରେ ତାଙ୍କର ଗଭୀର ଜ୍ଞାନ ଥିଲା ଏବଂ କର୍ଣ୍ଣାଟକୀ ସାହିତ୍ୟ ପ୍ରତି ମଧ୍ୟ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ସାହିତ୍ୟିକ ଶୈଳୀର ପ୍ରଭାବ ଅତି ଗଭୀର ଓ ଅତ୍ୟନ୍ତ ଲୋକପ୍ରିୟ ଥିଲା। ସଙ୍ଗୀତ ପ୍ରତି ତାଙ୍କର ଅବଦାନ ଯେତିକି ମହନୀୟ, ସାହିତ୍ୟ ପ୍ରତି ତାଙ୍କର ଅବଦାନ ମଧ୍ୟ ସେତିକି ଅତୁଳନୀୟ। ତାଙ୍କ ଭାଷା, ଭାବ ବ୍ୟକ୍ତ କରିବାର ସୌନ୍ଦର୍ଯ୍ୟ, କାବ୍ୟିକ

ପ୍ରତିଭା ଏତିକିରେ ସୀମିତ ନ ଥିଲା । ନାଟ୍ୟ, ଛନ୍ଦବଦ୍ଧ ନୃତ୍ୟ ଓ ଭାବର ପ୍ରକାଶଭଙ୍ଗୀ ସମ୍ବନ୍ଧରେ ତାଙ୍କର ଜ୍ଞାନ ଅଦ୍ୱିତୀୟ ଓ ସର୍ବଜନପ୍ରିୟ ଥିଲା ।

ପୁରନ୍ଦର ଦାସଙ୍କର ଅପରୋକ୍ଷାନୁଭୂତି ବା ଆତ୍ମୋପଲବ୍ଧି ଥିବାରୁ ସେ ଜଣେ ମହାପୁରୁଷରୂପେ ପୂଜା ପାଇଥିଲେ । ଲୋକେ ତାଙ୍କୁ ସନ୍ଥ ପୁରନ୍ଦର ଦାସ ବୋଲି କହୁଥିଲେ । ସେ ଏପରି ଏକ ଆଧ୍ୟାତ୍ମିକ ପରମ୍ପରା ସୃଷ୍ଟି କରିଥିଲେ ଯେ, ତାଙ୍କ ଦ୍ୱାରା ଓ ତାଙ୍କ ପରମ୍ପରାରେ ଦୀକ୍ଷିତ ସନ୍ଥମଣ୍ଡଳୀଦ୍ୱାରା ସମଗ୍ର କର୍ଣ୍ଣାଟକରେ ସଙ୍ଗୀତ ମାଧ୍ୟମରେ ଆଧ୍ୟାତ୍ମିକ ବାର୍ତ୍ତା ଓ ଉପଦେଶ ବିଶେଷ ସଫଳତାର ସହିତ ପ୍ରଚାରିତ ହୋଇଥିଲା । ସେହି ପରମ୍ପରା ଆଜିଯାଏ ଚାଲିଆସିଛି ।

ସେ ବିଷ୍ଣୁଭକ୍ତ ଥିଲେ । ସେ ଭଗବାନ ନାରାୟଣ ଓ ଜଗଜ୍ଜନନୀ ଲକ୍ଷ୍ମୀ ଦେବୀଙ୍କ ଆରାଧନା-ଭକ୍ତିର ପ୍ରଚାର କରିଥିଲେ । ମହାରାଷ୍ଟ୍ରର ପଣ୍ଢରପୁର ବିଷ୍ଣୁଙ୍କ ସ୍ୱରୂପ ବିଟ୍‌ଠଲ ଭଗବାନଙ୍କର ସ୍ଥାନ । ପୁରନ୍ଦର ବିଟ୍‌ଠଲଙ୍କ ନାମରେ ଅନେକ ଭଜନ କୀର୍ତ୍ତନ ରଚନା କରିଛନ୍ତି । ସେଥିରୁ ତାଙ୍କର ପ୍ରଗାଢ଼ ହରିଭକ୍ତିର ସୂଚନା ମିଳେ । ବିଷ୍ଣୁ ଭଗବାନଙ୍କ ଉଦ୍ଦେଶ୍ୟରେ ସେ ତାଙ୍କର ସମ୍ପତ୍ତି ଦାନ କରିଦେଇ ଅକ୍ଷୟ ଆଧ୍ୟାତ୍ମିକ ସମ୍ପତ୍ତି ପ୍ରାପ୍ତ ହୋଇଥିଲେ । ଯୁଗ ଯୁଗ ଧରି ପିଢ଼ି ପରେ ପିଢ଼ି ତାଙ୍କର ଆଧ୍ୟାତ୍ମିକ ସଂପତ୍ତି ଲୋକମାନେ ପ୍ରାପ୍ତ ହେଉଛନ୍ତି ଏବଂ ବେଳକୁ ବେଳ ତାହା ବୃଦ୍ଧି ହେବାରେ ଲାଗିଛି ।

ଖ୍ରୀ.ଅ. ୧୫୬୪ରେ ସନ୍ଥ ପୁରନ୍ଦର ଦାସ ବିଜୟନଗରରେ ଅଶୀ ବର୍ଷ ବୟସରେ ଦେହ ତ୍ୟାଗ କଲେ ଓ ଭଗବାନଙ୍କର ପରମଧାମ ପ୍ରାପ୍ତ ହେଲେ ।

ବୋଲ—ଭକ୍ତ ଓ ଭଗବାନଙ୍କର ଜୟ !

॥ ଶ୍ରୀହରିଃ ॥

ମହାଭାଗବତ ଶ୍ରୀଜ୍ୟୋତି ପନ୍ତ

(୧)

ଅଷ୍ଟାଦଶ ଶତାବ୍ଦୀର କଥା । ମହାରାଷ୍ଟ୍ର ପ୍ରାନ୍ତ ସତାରା ଜିଲ୍ଲାର ବିଟ୍ ନାମକ ଗ୍ରାମରେ ଗୋପାଳ ପନ୍ତ ନାମକ ଜଣେ ଗରିବ ବ୍ରାହ୍ମଣ ଗ୍ରାମର ବାଳକମାନଙ୍କୁ ପାଠ ପଢ଼ାଇ ନିଜର ଜୀବିକା ଅର୍ଜନ କରୁଥିଲେ । ଗୋପାଳ ପନ୍ତ ମହାଶୟ ପାଠ ପଢ଼ାଇବାରେ ବଡ଼ ଚତୁର ଥିଲେ । ସେହି ସମୟରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ତ ନ ଥିଲା । ତଥାପି ତ୍ୟାଗୀ ଓ ଗରିବ ଗୁରୁମାନଙ୍କ ଠାରୁ ଶିକ୍ଷା ପାଉଥିବା ବିଦ୍ୟାର୍ଥୀମାନେ ଯେଉଁ ଯଥାର୍ଥ ଯୋଗ୍ୟତା ହାସଲ କରୁଥିଲେ, ଆଜିର ଡିଗ୍ରୀଧାରୀ ଲୋକମାନେ ସେମାନଙ୍କ ନାମ ପଛରେ ଯେତେ ଅକ୍ଷର ଯୋଡ଼ିଲେ ମଧ୍ୟ ସେହି ଯୋଗ୍ୟତାରୁ ପ୍ରାୟ ବଞ୍ଚିତ ହିଁ ରହନ୍ତି । ସେମାନଙ୍କର ସଦାଚାର, ସୁଶୀଳତା, ତପ, ଧର୍ମପରାୟଣତା, ସରଳତା, ଶ୍ରଦ୍ଧା, ସଂଯମ ଆଦି ତୁଳନାରେ ତ ଆଜିର ବିଦ୍ୟାର୍ଥୀସମାଜ କିଛି ବି ନୁହନ୍ତି । ପନ୍ତ ମହାଶୟଙ୍କ ପାଠଶାଳାରୁ ମଧ୍ୟ ଏପରି ବଡ଼ ବଡ଼ ବିଦ୍ୱାନ ବାହାରୁଥିଲେ ।

ପନ୍ତଙ୍କର ଗୋଟିଏ ପୁଅ ଥିଲା । ତାହାର ନାମ ଜ୍ୟୋତି । ପଣ୍ଡିତ ମହାଶୟ ସବୁ ପିଲାଙ୍କୁ ବିଶେଷ ପରିଶ୍ରମ କରି ପଢ଼ାଉଥିଲେ । ନିଜ ପୁଅ କଥା ବା କହିବା କ'ଣ ? ସେ ମନପ୍ରାଣ ଦେଇ ପରିଶ୍ରମ କରି ପୁଅକୁ ନିଜଠାରୁ ଅଧିକ ବିଦ୍ୱାନ କରାଇବାକୁ ଚାହୁଁଥିଲେ । କିନ୍ତୁ ଦୈବ ଇଚ୍ଛା ଅନ୍ୟ କିଛି ଥିଲା । ଜ୍ୟୋତି ପନ୍ତଙ୍କୁ କୋଡ଼ିଏ ବର୍ଷ ପୂର୍ଣ୍ଣ ହୋଇଗଲା । ପରନ୍ତୁ ପଢ଼ିବା ନାଆଁରେ ସେ ରାମ ନାମ ନେବା ଛଡ଼ା ଅନ୍ୟ କିଛି ପଢ଼ିଲେ ନାହିଁ । ଜ୍ୟୋତି ପନ୍ତଙ୍କ ଯଜ୍ଞୋପବୀତ ସଂସ୍କାର ହେବା ପରେ ପିତା ଛଅମାସଯାଏ ପ୍ରତ୍ୟହ ତାହାଙ୍କୁ ତିନି ଥର ପଢ଼ାଇଲେ । କିନ୍ତୁ ଅଧିକ ପାଠ କଥା କ'ଣ କହିବା, ସେ ପୁଅଟି ଗାୟତ୍ରୀମନ୍ତ୍ର ମଧ୍ୟ ଘୋଷି ପାରିଲା ନାହିଁ । ପୁଅର ଏପରି ମନ୍ଦବୁଦ୍ଧି ଦେଖି ଗୋପାଳ ପନ୍ତଙ୍କୁ ଯେଉଁ ଦୁଃଖ ହେଉଥିଲା, ତା'ର ଅନୁମାନ ସେପରି କୌଣସି ବିଦ୍ୱାନ ପିତା ହିଁ କରିପାରିବେ । ଦିନେ ପନ୍ତ ମହାଶୟ ଉଦ୍‌ବିଗ୍ନ ହୋଇ ବିଚାର କଲେ, ଏପରି ପୁତ୍ରର ପିତା ହେବା ଅପେକ୍ଷା ପୁତ୍ରହୀନ ହେବା

ବରଂ ଭଲ। ଏହି ମୂର୍ଖ ତ ମୋର ବିଦ୍‌ବତ୍ତାରେ କଳଙ୍କ ଲଗାଇବ । ଏତିକିବେଳେ ଜ୍ୟୋତି ପନ୍ତ ତାଙ୍କ ଆଗରେ ପଡ଼ିଗଲେ। ତାଙ୍କୁ ଦେଖି ପଣ୍ଡିତ ମହାଶୟ ଦୁଃଖଜର୍ଜରିତ ହୋଇଗଲେ। ତାଙ୍କ ମନରେ ଭୀଷଣ କ୍ରୋଧ ହେଲା ଏବଂ ସେ 'ଏ ଘରେ ରହିବାର ଥିଲେ, ପାଠ ପଢ଼ି ଆସ' କହି ତାଙ୍କୁ ଘରୁ ବାହାର କରିଦେଲେ। ଏ ଖବର ପାଇ ଜ୍ୟୋତି ପନ୍ତଙ୍କ ମାଆ ବଡ଼ ବ୍ୟଥିତ ହୋଇଗଲେ। ସେ କାନ୍ଦି କାନ୍ଦି ସ୍ୱାମୀଙ୍କୁ କହିଲେ, "ଆପଣ ଏ କ'ଣ କଲେ ! ମୋ ଜ୍ୟୋତିଟି ମୂର୍ଖ ସତ, ତଥାପି ମୋ ହୃଦୟର ସେ ହିଁ ଏକମାତ୍ର ଅବଲମ୍ବନ। ପୁଅକୁ ଘରୁ ତଡ଼ିଦେବାକୁ ଆପଣଙ୍କ ମନରେ ଟିକିଏ ଦୟା ହେଲା ନାହିଁ ? ସେ କୁଆଡ଼େ ଗଲା ! କ'ଣ କରୁଥିବ ! ତାକୁ କିଏ ଖାଇବାକୁ ଦେବ !! ଆପଣ ତାକୁ ଖୋଜି ଆଣନ୍ତୁ। ତାକୁ ନ ଦେଖିବାଯାଏ ମୁଁ ଅନ୍ନ ଗ୍ରହଣ କରିବି ନାହିଁ।" ଏତିକି କହି ସେ କାନ୍ଦିବାକୁ ଲାଗିଲେ। ପତ୍ନୀଙ୍କ ଦଶା ଦେଖି ଓ ତାଙ୍କ କଥା ଶୁଣି ଗୋପାଳ ପନ୍ତଙ୍କ ହୃଦୟ ମଧ୍ୟ ତରଳିଗଲା। ତାଙ୍କ ଆଖିରୁ ଲୁହ ଗଡ଼ିପଡ଼ିଲା। ସେ ପୁଅକୁ ଖୋଜିବାପାଇଁ ବାହାରିଲେ, କିନ୍ତୁ କୌଣସି ସ୍ଥାନରେ ତା'ର ସନ୍ଧାନ ପାଇଲେ ନାହିଁ। ତାଙ୍କୁ କ'ଣ ଜଣାଥିଲା ଯେ, ତାଙ୍କର ସେହି ନିଷ୍ଠୁରତା ହିଁ ପୁତ୍ରର ପରମକଲ୍ୟାଣର କାରଣ ହୋଇଯିବ !

(୨)

ଜ୍ୟୋତି ପନ୍ତ ଘରୁ ତଡ଼ା ଖାଇବା ପରେ ତାଙ୍କର ସାଙ୍ଗମାନଙ୍କ ଘରକୁ ଚାଲିଗଲେ ଏବଂ ସାଙ୍ଗପିଲାଙ୍କୁ ସାଥିରେ ନେଇ ଜଙ୍ଗଲକୁ ଚାଲିଗଲେ। ଗାଆଁ ବାହାରେ ଜଙ୍ଗଲ ଭିତରେ ଗଣେଶଙ୍କର ଗୋଟିଏ ଜୀର୍ଣ୍ଣ ମନ୍ଦିର ଥିଲା। ଶ୍ରୀ ଗଣେଶଙ୍କ ଦର୍ଶନ କରି ଜ୍ୟୋତି ପନ୍ତ ସରଳ ବିଶ୍ୱାସ ଓ ଦୃଢ଼ ସଙ୍କଳ୍ପସହ କହିଲେ, 'ଓହୋ ! ଏବେ ତ ବିଦ୍ୟାଦାତା ଗଣେଶ ମିଳିଗଲେ। ଆଉ ଚିନ୍ତା କ'ଣ ! ଏହାଙ୍କୁ ଚତୁର୍ଦ୍ଦଶ ବିଦ୍ୟା ଓ ଚଉଷଠି କଳା ମାଗିବି। ଏ ତ ଦୟାମୟ; କ'ଣ ମୋ ଉପରେ ଏତିକି ଟିକିଏ ଦୟା କରିବେ ନାହିଁ ?' ପିଲାମାନେ ଜ୍ୟୋତି ପନ୍ତଙ୍କ କଥାକୁ ସମର୍ଥନ କଲେ। ତେଣୁ ଜ୍ୟୋତି ପନ୍ତ କହିଲେ, "ଏବେ ଶ୍ରୀ ଗଣେଶଙ୍କ କୃପା ନ ହେବାଯାଏ, ଆମ୍ଭମାନଙ୍କୁ ପରମ ଶ୍ରଦ୍ଧାର ସହିତ ଏଇଠି ବସିରହି ତାଙ୍କର ସ୍ତବଗାନ କରିବାକୁ ପଡ଼ିବ।" ସାଥୀମାନେ କହିଲେ, "ଆମ ଦେଇ ସେ କାମ ହେବ ନାହିଁ; ତୋ ଇଚ୍ଛା ହେଉଛି ତ,

ତୁ ତୋର ଏଇଠି ବସିରହ। ଆମେ ରହିବୁ ନାହିଁ। ଏବେ ତ ଡେରି ହୋଇଗଲାଣି। ଯଦି ଆହୁରି ଡେରି ହୋଇଯିବ, ତେବେ ଆମ ମା'ବାପା ରାଗିବେ।'' ଏପରି କହି ସମସ୍ତେ ସେଠାରୁ ଗ୍ଭଲିଯିବାକୁ ବାହାରିଲେ। ଜ୍ୟୋତି ପନ୍ତ ସେମାନଙ୍କୁ ବହୁତ ବୁଝାଇସୁଝାଇ କହିଲେ; କିନ୍ତୁ କେହି ତାଙ୍କ କଥା ମାନିଲେ ନାହିଁ। ଶେଷରେ ଜ୍ୟୋତି ପନ୍ତ କହିଲେ, ''ଭାଇମାନେ! ତୁମ୍ଭେମାନେ ଯିବାକୁ ଗ୍ଭହୁଁଛ ତ ଯାଅ; ମୁଁ ଏଠି ବସିବି। ଯେତେବେଳଯାଏ ଶ୍ରୀଗଣେଶ ଦର୍ଶନ ନ ଦେଇଛନ୍ତି, ମୁଁ ଏଇଠି ବସିରହିଲି; ତୁମେ ମନ୍ଦିରର କବାଟ ବନ୍ଦ କରିଦେଇ ତା' ଉପରେ ଚୂନମାଟି ଲେସିଦିଅ, ଯେପରି ବାହାରର କୌଣସି ଲୋକ ମୋତେ ଦେଖି ନ ପାରେ। ଗାଆଁକୁ ଯାଇ ମୋ ସମ୍ବନ୍ଧରେ କାହାକୁ କିଛି କହିବ ନାହିଁ।'' ପିଲାମାନେ ସେହିପରି ପ୍ରତିଜ୍ଞା କଲେ ଏବଂ ମନ୍ଦିରର ଦ୍ୱାର ବନ୍ଦ କରିଦେଇ ତା'ଉପରେ ମାଟି ଲେସି, ଭଲଭାବେ ଲିପାପୋଛା କରିଦେଇ ଯେ ଯାହା ଘରକୁ ଗ୍ଭଲିଗଲେ। କେହି ବି ଜ୍ୟୋତି ପନ୍ତଙ୍କ ବିଷୟରେ କାହାକୁ କହିଲେ ନାହିଁ।

ପୁଅର ସନ୍ଧାନ ନ ମିଳିବାରୁ ମାଆ-ବାପାଙ୍କ ଶୋକର ସୀମା ରହିଲା ନାହିଁ। ପୁତ୍ରବିୟୋଗରେ ଦିହେଁ ଦିନରାତି କାନ୍ଦିବାକୁ ଲାଗିଲେ। କ୍ରମାଗତ ଛଅଦିନ ବିତିଗଲା। ଘରେ ଚୁଲି ଜଳିଲା ନାହିଁ। ଷଷ୍ଠ ରାତିରେ ଗୋପାଳ ପନ୍ତଙ୍କୁ ସ୍ୱପ୍ନରେ ଶ୍ରୀ ଶିବ ଭଗବାନ ଦର୍ଶନ ଦେଇ କହିଲେ, ''ତୁମ୍ଭେମାନେ ଚିନ୍ତା କର ନାହିଁ। ମୋ କୃପାରୁ ତୁମ ପୁଅ ବଡ଼ ଭକ୍ତ ଓ ଯଶସ୍ୱୀ ହେବ।''

ଏଣେ ଛଅଦିନ ହେଲା ଜ୍ୟୋତି ପନ୍ତ ମନ୍ଦିରରେ ଗୋଟିଏ ଆସନରେ ବସିରହି ଶ୍ରୀ ଗଣେଶଙ୍କୁ ଧ୍ୟାନ-ସ୍ତବ କରିବାରେ ଲାଗିଛନ୍ତି । ଛଅଦିନ ପର୍ଯ୍ୟନ୍ତ ତାଙ୍କୁ ଟିକିଏ ବି ଭୋକଶୋଷ ବାଧିଲା ନାହିଁ। ମନ ସମ୍ପୂର୍ଣ୍ଣରୂପେ ଭଗବାନ ଗଣେଶଙ୍କ ଠାରେ ଲାଗିଗଲା। ଶେଷରେ ଶ୍ରୀଗଣେଶ ସାକ୍ଷାତ ପ୍ରକଟ ହୋଇ ଜ୍ୟୋତି ପନ୍ତଙ୍କ ମସ୍ତକ ଉପରେ ନିଜର ବରଦହସ୍ତ ରଖି ତାଙ୍କୁ ମନଇଚ୍ଛା ବର ମାଗିବାକୁ କହିଲେ। ଜ୍ୟୋତି ପନ୍ତ ପ୍ରକୃତିସ୍ଥ ହୋଇ ଭଗବାନ ଶ୍ରୀ ଗଣେଶଙ୍କ ଚରଣରେ ପଡ଼ିଗଲେ। କହିଲେ, ''ପ୍ରଭୁ! ଆଗରୁ ତ ମୋର ବିଦ୍ୟାଲାଭ ଇଚ୍ଛା ଥିଲା, ପରନ୍ତୁ ଏବେ ତ ମୁଁ କେବଳ ତତ୍ତ୍ୱଜ୍ଞାନ ଓ ନିଷ୍କାମ ପ୍ରେମଭକ୍ତି ଭିକ୍ଷା କରୁଛି। ଏହା ଛଡ଼ା ମୋର ଆଉ କିଛି ଲୋଡ଼ା ନାହିଁ। ହେ କୃପାସାଗର! ଆପଣ ମୋର ଏତିକିମାତ୍ର ଇଚ୍ଛା ପୂର୍ଣ୍ଣ କରନ୍ତୁ।'' ପ୍ରଭୁ

ଗଣେଶ ଜ୍ୟୋତି ପନ୍ତଙ୍କ ପ୍ରାର୍ଥନା ଶୁଣି ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ତାଙ୍କ ଜିଭ ଉପରେ 'ଓଁ' ଲେଖିଦେଇ ତାଙ୍କୁ କହିଲେ, "ତୋର ପୂର୍ବ ଇଚ୍ଛାନୁଯାୟୀ ତୋତେ ବିଦ୍ୟା ତ ଦିଆଗଲା । ତୋର ଦ୍ୱିତୀୟ ମନୋରଥ ମଧ୍ୟ ସଫଳ ହେବ । ପରନ୍ତୁ ସେଥିପାଇଁ ଆଉ କିଛି ସମୟ ଲାଗିବ । କିଛିଦିନ ପରେ ତୋତେ କାଶୀ ଯିବାକୁ ପଡ଼ିବ । ସେଇଠି ଛଅମାସ ଅନୁଷ୍ଠାନ କରିବା ପରେ ଶ୍ରୀ ବ୍ୟାସଦେବଙ୍କ ଦ୍ୱାରା ଗଙ୍ଗାରେ ତୋତେ ମନ୍ତ୍ର ପ୍ରାପ୍ତ ହେବ । ସେତେବେଳେ ତୋର କାମନା ପୂର୍ଣ୍ଣ ହେବ । ମୋ କଥାରେ ଦୃଢ଼ ବିଶ୍ୱାସ ରଖ ଓ କେତେବେଳେ କୌଣସି କାର୍ଯ୍ୟ ପଡ଼ିଲେ, ମୋତେ ସ୍ମରଣ କରିବୁ । ତୁ ସ୍ମରଣ କରିବା କ୍ଷଣି ମୁଁ ଦର୍ଶନ ଦେବି । ଏବେ ତୁ ଘରକୁ ଫେରି ଯାଆ ।"

ବିଦ୍ୟାପ୍ରାପ୍ତ କରି ଜ୍ୟୋତି ପନ୍ତ ଘରକୁ ଆସିଗଲେ । ଆଜି ମାଆବାପଙ୍କ ଆନନ୍ଦର ସୀମା ନାହିଁ । ଜ୍ୟୋତି ପନ୍ତ ମାଆବାପାଙ୍କୁ ସବୁ ଘଟଣା ଶୁଣାଇଲେ ଓ ତାଙ୍କର ବିଦ୍‌ବତ୍ତା ଦେଖି ସେମାନଙ୍କୁ ତାଙ୍କର କଥାରେ ବିଶ୍ୱାସ ମଧ୍ୟ ଆସିଲା । ଜ୍ୟୋତି ପନ୍ତ ବିଦ୍ୟାପ୍ରାପ୍ତି କରି ଘରକୁ ଆସିବା ଖବର ପାଇ ଗାଆଁର ପିଲାମାନେ ବି ତାଙ୍କ ଘରକୁ ଆସି ତାଙ୍କୁ ଦେଖା କରି ଖୁସୀ ହେଲେ । ମନରେ ବଡ଼ ଅନୁତାପ ହେଲା ଯେ, ସେମାନେ ଜ୍ୟୋତି ପନ୍ତଙ୍କ କଥା ନ ମାନି ଜଙ୍ଗଲରୁ ଫେରି ଆସିଥିଲେ ।

(୩)

ଜ୍ୟୋତି ପନ୍ତଙ୍କ ମାମୁଁ ମହୀପତି ପୁନାରେ ପେଶବାଙ୍କର ଜଣେ ପ୍ରଧାନ କର୍ମକର୍ତ୍ତା ଥିଲେ । ସେ ବଡ଼ ଧନୀଲୋକ ଥିଲେ । ଜ୍ୟୋତି ପନ୍ତଙ୍କ ମାଆ କାମ ଶିଖିବାପାଇଁ ପୁଅକୁ ତା'ର ମାମୁଘରକୁ ପଠାଇଦେଲେ । ବଡ଼ଲୋକଙ୍କ ଘରେ ଗରିବ ବନ୍ଧୁ ଶୋଭାପାଏ ନାହିଁ । ଏହି କାରଣରୁ ମହୀପତି ଟିକିଏ କୁଣ୍ଠିତ ହୋଇ ଭଣଜା ଜ୍ୟୋତି ପନ୍ତଙ୍କୁ ଘରେ ରଖିଲେ; କିନ୍ତୁ ତାଙ୍କୁ ମାସକୁ ଚାରିଟଙ୍କା ଦରମାରେ ଚାକିରିଟିଏ କରାଇଦେଲେ । ସେ ସମୟରେ ଚାରିଟଙ୍କା ବି କମ୍ ନ ଥିଲା । ଏଣୁ ଜ୍ୟୋତି ପନ୍ତ ସୁବିଧାରେ ଚଳିଯାଉଥିଲେ ।

ଦପ୍ତରରେ ହିସାବକିତାବ ଲେଖାଲେଖି କାମ ବିଶେଷ ବଢ଼ି ଯାଇଥିଲା । ଦିନେ ପେଶବା କଡ଼ା ହୁକୁମ ଦେଲେ ଯେ, ତିନିଦିନ ମଧ୍ୟରେ ସବୁ ହିସାବଖାତା ଠିକ୍ କରିବାକୁ ହେବ । କାମ ଏତେ ଅଧିକ ଥିଲା ଯେ, ସମସ୍ତ କର୍ମଚାରୀ ଏକାଠି ବସିଲେ ମଧ୍ୟ ସେହି କାର୍ଯ୍ୟ ଏକମାସରୁ କମ୍ ସମୟରେ

କରିପାରିବେ ନାହିଁ । କିନ୍ତୁ ପେଶବାଙ୍କ ଆଦେଶ ବିରୁଦ୍ଧରେ କିଛି କହିବାକୁ କାହାର ବି ସାହସ ନ ଥିଲା । ମହୀପତିଙ୍କ ଚିନ୍ତାର ଅନ୍ତ ରହିଲା ନାହିଁ । ମାମୁଙ୍କର ଏହି ଦଶା ଦେଖି ଜ୍ୟୋତି ପନ୍ତ ତାଙ୍କୁ କହିଲେ, 'ଆପଣ ଚିନ୍ତା କରନ୍ତୁ ନାହିଁ । ତିନିଦିନ ଭିତରେ ସବୁ ବହିଖାତା ଠିକ୍ ହୋଇଯିବ । ନିରୋଳା କୋଠରିରେ ଆପଣ ଦୁଆତ, କଲମ, କାଗଜ, ହିସାବଖାତା, ବସିବାପାଇଁ ଭଲ ଗଦି, ତକିଆ, ଆଲୁଅ, ପାଣି ଓ ଫଳାହାରପାଇଁ ସାମଗ୍ରୀ ରଖିଦେଇ କୋଠରି ବନ୍ଦ କରାଇଦିଅନ୍ତୁ । ତିନିଦିନରେ ସବୁ ହିସାବ ଲେଖା ହୋଇସାରିବା ପରେ ମୁଁ ଇସାରା ଦେବି । ସେତେବେଳେ ଆପଣ ଦ୍ୱାର ଖୋଲିବେ ।' ଏ କଥାକୁ ଲୋକମାନେ ଥଟ୍ଟାରେ ଉଡ଼ାଇଦେଲେ । କିନ୍ତୁ ଚିନ୍ତାତୁର ମହୀପତି ଭଗବାନଙ୍କ ଉପରେ ଭରସା ରଖି ଭଣଜାଙ୍କ କଥାନୁସାରେ ଗୋଟିଏ ଅଲଗା କୋଠରିରେ ସବୁ ବ୍ୟବସ୍ଥା କରିଦେଲେ ଓ ଭଣଜା କୋଠରି ଭିତରକୁ ଚାଲିଯିବା ପରେ ଦ୍ୱାର ବନ୍ଦ କରିଦେଲେ । ଜ୍ୟୋତି ପନ୍ତ ଭିତରକୁ ଯାଇ ବିଧିପୂର୍ବକ ଭଗବାନ ଶ୍ରୀଗଣେଶଙ୍କୁ ସ୍ମରଣ କଲେ । ଶ୍ରୀଗଣେଶ ପ୍ରକଟ ହୋଇ ସ୍ମରଣ କରିବାର କାରଣ ପଚାରିଲେ । ଜ୍ୟୋତି ପନ୍ତ ପୂଜାପ୍ରାର୍ଥନା କରିବା ପରେ ସମସ୍ତ ବିଷୟ କହି ଖାତାରେ ହିସାବ ଲେଖିଦେବାକୁ ପ୍ରାର୍ଥନା କଲେ । ଭକ୍ତଭୟହାରୀ ଭବାନୀନନ୍ଦନ ସଙ୍ଗେ ସଙ୍ଗେ ହିସାବଖାତା ଲେଖିବାକୁ ବସିଗଲେ ଏବଂ ତାଙ୍କ ଇଚ୍ଛାନୁସାରେ ତିନିଦିନ ଭିତରେ ସମସ୍ତ ହିସାବ ଲେଖିଦେଇ ଅନ୍ତର୍ଦ୍ଧାନ ହୋଇଗଲେ ।

ଏଣେ ବାହାର ଲୋକମାନେ ମହୀପତିଙ୍କୁ ବୁଝାଇ କହିଲେ, "ଜଣ ଏତେ ବଡ଼ କାମ ସେହି ଅନୁଭବ ନ ଥିବା ଟୋକାଟା ତିନି ଦିନରେ କରିପାରିବ ? ଆପଣ ପିଲାଟା କଥାରେ ବିଶ୍ୱାସ କରି ବଡ଼ ଭୁଲ କଲେ । ଯଦି ପିଲାଟା କୋଠରି ଭିତରେ ଶ୍ୱାସରୁଦ୍ଧ ହୋଇ ମରିଯାଏ, ତେବେ ଅଯଥା ବ୍ରହ୍ମହତ୍ୟା ଦୋଷ ଲାଗିବ ଓ ଆପଣଙ୍କ ଭଉଣୀ ସବୁଦିନପାଇଁ ଦୁଃଖୀ ହୋଇ ଆପଣଙ୍କୁ ଅଭିଶାପ ଦେବେ । ବରଂ ଏହା ଅପେକ୍ଷା ଆପଣ ଦ୍ୱାର ଖୋଲି ତାଙ୍କୁ ବାହାରକୁ ନେଇଆସି ତା'ପରେ ହିସାବ ଲେଖିବା ପାଇଁ ଅନ୍ୟ ବ୍ୟବସ୍ଥା କରାଇବା ଭଲ ହେବ ।"

ଏ ଭିତରେ ତିନିଦିନ ହୋଇସାରିଥିଲା । ଜ୍ୟୋତି ପନ୍ତ ଦ୍ୱାର ଖୋଲିବାକୁ କହିବାକୁ ଚାହୁଁଥିଲେ । ଏତିକିବେଳେ ସେ ଉପରୋକ୍ତ କଥା ମଧ୍ୟ ଶୁଣିଲେ

ଏବଂ ମାମୁଙ୍କୁ ଡାକି ତୁରନ୍ତ ଦ୍ୱାର ଖୋଲାଇଲେ । ସବୁ ହିସାବଖାତା ପୂରା ଲେଖା ହୋଇଥିବା ଦେଖି ଲୋକେ ଅବାକ୍ ହୋଇଗଲେ । ଅକ୍ଷରସବୁ ଏତେ ସୁନ୍ଦର ଓ ଆକର୍ଷକ ହୋଇଥିଲା ଯେ, ଲୋକମାନେ ଆଖିପିଛୁଳା ନ ପକାଇ ତାକୁ ଚାହିଁ ରହିଲେ । ମହୀପତି ହିସାବଖାତା ସବୁ ଦେଖି ମହା ଆନନ୍ଦରେ ଦରବାରରେ ପ୍ରବେଶ କଲେ । ପେଶବା ଆଶ୍ଚର୍ଯ୍ୟ ଚକିତ ହୋଇ କାମ କରିଥିବା ଲୋକର ନାମ କ'ଣ ବୋଲି ପଚାରିଲେ ଏବଂ ତାଙ୍କୁ ଦରବାରରେ ହାଜିର କରାଇବାକୁ ଆଦେଶ ଦେଲେ । ମହୀପତି ଘରକୁ ଲୋକ ପଠାଇ ଜ୍ୟୋତି ପନ୍ତଙ୍କୁ ରାଜକୀୟ ପୋଷାକରେ ଆଣିବାପାଇଁ କହିଲେ । କିନ୍ତୁ ଜ୍ୟୋତି ପନ୍ତ ରାଜକୀୟ ପୋଷାକ ନ ପିନ୍ଧି ନିଜର ନିତି ବ୍ୟବହାର କରୁଥିବା ମାମୁଲି ଲୁଗା ପିନ୍ଧି ଦରବାରକୁ ଆସିଲେ ଏବଂ ପେଶବାଙ୍କୁ ଯଥାଯୋଗ୍ୟ ଅଭିନନ୍ଦନ ଜଣାଇ ନମ୍ରତାର ସହିତ ଦରବାରର ଗୋଟିଏ କୋଣରେ ଠିଆ ହେଲେ । ତାଙ୍କର ନିର୍ମଳ ତେଜସ୍ୱୀ ରୂପ ଦେଖି ସମସ୍ତେ ଆଶ୍ଚର୍ଯ୍ୟରେ ବୁଡ଼ିଗଲେ । ପେଶବା ଅତି ସ୍ନେହରେ ତାଙ୍କୁ ନିକଟକୁ ଡକାଇ ପରିଚୟ ପଚାରିଲେ । ଜ୍ୟୋତି ପନ୍ତ ବିନମ୍ର ମଧୁର ସ୍ୱରରେ କହିଲେ, 'ରାଜନ୍ ! ମୁଁ ହେଉଛି ଶ୍ରୀମାନ୍ ମହୀପତିଙ୍କ ବଡ଼ ଭଉଣୀଙ୍କ ପୁଅ । ମୋର ନାମ ଜ୍ୟୋତି ପନ୍ତ । ମାଆଙ୍କ ଆଦେଶରେ କିଛି କାମ ଶିଖିବାପାଇଁ ମୁଁ ମାମୁଘରକୁ ଆସିଛି ଏବଂ ତାଙ୍କ ଆଜ୍ଞାନୁସାରେ କାମ କରୁଛି । ସେ କୃପାପୂର୍ବକ ମୋତେ ମାସକୁ ଚାରିଟଙ୍କା ଦରମା ଦେଉଛନ୍ତି । ସେଥିରେ ମୁଁ ଆନନ୍ଦରେ ଚଳିଯାଉଛି ।' ବାଳକର ସତ୍ୟ ସରଳ କଥା ଶୁଣି ପେଶବା ପ୍ରସନ୍ନ ହୋଇଗଲେ । ସେ ପଚାରିଲେ, 'ଜ୍ୟୋତି ପନ୍ତ ! ମାତ୍ର ତିନିଦିନ ମଧ୍ୟରେ ଏତେ ବଡ଼ କାମ କିପରି ସମ୍ପୂର୍ଣ୍ଣ ହୋଇପାରିଲା ? ଏଡ଼େ ସୁନ୍ଦର ହସ୍ତାକ୍ଷର କିପରି ହେଲା ? ମୁଁ ତ ଏପରି ସୁନ୍ଦର ଅକ୍ଷର ଆଜିଯାଏ କେବେ ଦେଖି ନ ଥିଲି । ସତ କହ, ଏଥିରେ କି ରହସ୍ୟ ଅଛି ?' ଜ୍ୟୋତି ପନ୍ତ କହିଲେ, 'ମହାରାଜ ! ମୋର ପ୍ରାର୍ଥନାରେ ଭଗବାନ ଶ୍ରୀଗଣେଶ ଆସି ସବୁ ହିସାବ ଠିକ୍ କରି ଲେଖିଦେଲେ । ଏହା ତାଙ୍କର ହସ୍ତାକ୍ଷର ।' ଏହା ପରେ ପେଶବାଙ୍କ ଆଗ୍ରହକ୍ରମେ ଜ୍ୟୋତି ପନ୍ତ କିପରି ଶ୍ରୀଗଣେଶଙ୍କ କୃପା ପ୍ରାପ୍ତ ହେଲେ, ସେହି ଘଟଣା ଶୁଣାଇଲେ । ତାହା ଶୁଣି ପେଶବା ଅତ୍ୟନ୍ତ ଆନନ୍ଦିତ ହେଲେ । ପେଶବା ଜ୍ୟୋତି ପନ୍ତଙ୍କୁ ସୁଯୋଗ୍ୟ ମନେ କରି ନିଜ ହାତରେ ତାଙ୍କୁ ଉଚ୍ଚ ଅଧିକାରୀଙ୍କ ପୋଷାକ

ପିନ୍ଧାଇଦେଲେ ଏବଂ ରାଜାଙ୍କ ମୋହର ଦେଇ ତାଙ୍କୁ ପୁରନ୍ଦରଗଡ଼ ରକ୍ଷା କରିବାର ଭାର ସମର୍ପଣ କଲେ । ଏଥର ଜ୍ୟୋତି ପନ୍ତଙ୍କ ସମ୍ମାନ ମହୀପତିଙ୍କ ସମ୍ମାନଠାରୁ ବଳିଗଲା । ଏବେ ମହୀପତି ମଧ୍ୟ ଭଣଜାଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେ କଲେ । ଭୋଜନ ସମୟରେ ମାମୁଁ ତାଙ୍କୁ ନିଜ ପାଖରେ ବସାଇ ସ୍ୱର୍ଣ୍ଣପାତ୍ରରେ ଭୋଜନ କରାଇଲେ । ଯେ ଭଗବାନଙ୍କ ପ୍ରେମର ପାତ୍ର ସେ ବା ସମସ୍ତଙ୍କର ଆଦରର ପାତ୍ର ନ ହେବେ କିପରି !

(୪)

ଜ୍ୟୋତି ପନ୍ତ ଅଧିକାର ପାଇ ପୁରନ୍ଦରଗଡ଼ରେ ପହଞ୍ଚିଲେ । ଅଳ୍ପଦିନ ପରେ ତାଙ୍କ ମାଆବାପାଙ୍କୁ ସେଠାକୁ ଡାକି ଆଣିଲେ ଏବଂ ଜଣେ ନମ୍ର ସେବକ ପରି ଭକ୍ତିଭାବରେ ସେମାନଙ୍କର ସେବା କରିବାକୁ ଲାଗିଲେ । ଏପରିଭାବରେ କିଛିଦିନ ବିତିଗଲା । ସେହି ସମୟରେ ଉତ୍ତର ଭାରତ ଉପରେ ସବୁବେଳେ ପଠାଣମାନଙ୍କର ଆକ୍ରମଣ ହେଉଥିଲା । ପେଶବା ମଧ୍ୟ ସେମାନଙ୍କର ମୁକାବିଲା କରିବାପାଇଁ ପ୍ରସ୍ତୁତ ଥିଲେ । ପେଶବାଙ୍କର ଗୋଟିଏ ସୈନ୍ୟ ଦଳ ସହ ଜ୍ୟୋତି ପନ୍ତଙ୍କୁ ମଧ୍ୟ ଯୁଦ୍ଧକୁ ଯିବାକୁ ପଡ଼ିଲା । କିଛି ଦିନ ପରେ ଥରେ ରାତିରେ ଜ୍ୟୋତି ପନ୍ତ ସ୍ୱପ୍ନରେ ଆଦେଶ ଶୁଣିଲେ, 'ଏବେ ତୁମକୁ ଭଗବାନଙ୍କର ବିଶେଷ ଦୟା ପ୍ରାପ୍ତ ହେବ, ଅତଏବ ତୁମେ ଏଠାରେ କ୍ଷଣେମାତ୍ର ନ ରହି କାଶୀ ଚାଲିଯାଅ ।' ତା'ପରଦିନ ଜ୍ୟୋତି ପନ୍ତ ପେଶବାଙ୍କ ଠାରୁ ସବୁଦିନପାଇଁ ମୁକ୍ତ ହୋଇଯିବାକୁ ପ୍ରାର୍ଥନା କଲେ ଏବଂ ତାଙ୍କ ଠାରୁ ଅନୁମତି ପାଇ ନିଜର ସମସ୍ତ ଧନ ଗରିବମାନଙ୍କ ମଧ୍ୟରେ ବାଣ୍ଟିଦେଇ ଜଣେ ବ୍ରାହ୍ମଣଙ୍କ ସାଥିରେ କାଶୀ ଚାଲିଗଲେ । ସେଠାରେ ତାଙ୍କର ଜୀବନ ତ୍ୟାଗମୟ ହୋଇଗଲା । ସେ ପ୍ରତିଦିନ ପ୍ରାତଃକାଳରୁ ଆରମ୍ଭ କରି ମଧ୍ୟାହ୍ନ ବାରଟା ବାଜିବାଯାଏ ମଣିକର୍ଣ୍ଣିକାରେ ଅଣ୍ଟାଯାଏ ଗଙ୍ଗାଜଳରେ ଠିଆ ହୋଇ ମନ୍ତ୍ର ଜପ କରୁଥିଲେ । ତା'ପରେ ମାଧୁକରୀ ମାଗିଆଣି ଭଗବାନଙ୍କୁ ଭୋଗ ଲଗାଇବା ପରେ ପ୍ରସାଦ ଗ୍ରହଣ କରୁଥିଲେ । ଏପରି ଛଅମାସ ନିର୍ବିଘ୍ନରେ ବିତିଗଲା । ଦିନେ ନିତ୍ୟକର୍ମାନୁସାରେ ଜ୍ୟୋତି ପନ୍ତ ଗଙ୍ଗାରେ ଠିଆ ହୋଇ ଜପ କରୁଛନ୍ତି, ଏତିକିବେଳେ ଜଣେ ମ୍ଳେଚ୍ଛ ଆସି ତାଙ୍କ ଦେହରେ ପାଣିଛିଟିକା ପକାଇଦେଲା । ସେ ପୁଣି ସ୍ନାନ କରି ଜପ କରିବାକୁ ଲାଗିଲେ । ସେହି ଲୋକ ପୁଣି ଥରେ ପାଣି ଛିଟିକା ମାରିଲା । ଜ୍ୟୋତି ପନ୍ତ ସାମାନ୍ୟ କଡ଼ା ଭାଷାରେ

ତାଙ୍କୁ କହିଲେ, 'ଦେଖ, କାହାର ଅନୁଷ୍ଠାନରେ ଏପରି ବିଘ୍ନ ଘଟାଇବା ଉଚିତ ନୁହେଁ।' ଜ୍ୟୋତି ପନ୍ତଙ୍କର ସେହି ସାତ୍ତ୍ୱିକ ପ୍ରକୋପ ଦେଖି ମ୍ଲେଚ୍ଛ ହସିବାକୁ ଲାଗିଲା ଏବଂ ସେହିକ୍ଷଣି ଭଗବାନ ବ୍ୟାସଦେବଙ୍କ ରୂପରେ ବଦଳିଗଲା । ଜ୍ୟୋତି ପନ୍ତ ମ୍ଲେଚ୍ଛରୂପରେ ଆସିଥିବା ଭଗବାନ ବ୍ୟାସଙ୍କୁ ଚିହ୍ନିପାରି ତାଙ୍କୁ ଭକ୍ତିପୂର୍ବକ ପ୍ରଣାମ କଲେ । ବ୍ୟାସଦେବ ଆଜ୍ଞା ଦେଲେ, "ବତ୍ସ ! ଏବେ ତୁମ ଅନୁଷ୍ଠାନ ପୂର୍ଣ୍ଣ ହୋଇଗଲା । ଆଜି ରାତିରେ ତୁମେ ବ୍ୟାସମଣ୍ଡପରେ ଶୋଇଥାଅ; ମୁଁ ତୁମପାଇଁ ସେଠାକୁ ଶ୍ରୀମଦ୍‌ଭାଗବତ ଗ୍ରନ୍ଥ ଆଣିଦେବି, ସେହି ଭାଗବତ ପାରାୟଣ କଲେ ତୁମେ ଯଥାର୍ଥ ତତ୍ତ୍ୱଜ୍ଞାନ ଓ ପ୍ରେମଭକ୍ତି ପ୍ରାପ୍ତ ହେବ ।" ଏତିକି କହି ଏବଂ **"ଓଁ ନମୋ ଭଗବତେ ବାସୁଦେବାୟ"**— ଏହି ଦ୍ୱାଦଶାକ୍ଷର ମନ୍ତ୍ର ଉପଦେଶ ଦେଇ ଭଗବାନ ବ୍ୟାସ ଅନ୍ତର୍ଦ୍ଧାନ ହୋଇଗଲେ ।

(୫)

ରାତିରେ ଜ୍ୟୋତି ପନ୍ତ ବ୍ୟାସମଣ୍ଡପକୁ ଯାଇ ଶୋଇପଡ଼ିଲେ । ଶ୍ରୀ ବ୍ୟାସଦେବ ବାରସ୍କନ୍ଧ ଭାଗବତ ଗ୍ରନ୍ଥ ଆଣି ତାଙ୍କ ମୁଣ୍ଡ ପାଖରେ ରଖିଦେଲେ । ପ୍ରାତଃକାଳରେ ଉଠିବାକ୍ଷଣି ସେ ଗ୍ରନ୍ଥ ଦର୍ଶନ କରି ସାଷ୍ଟାଙ୍ଗ ଦଣ୍ଡବତ୍ ପ୍ରଣାମ କଲେ ଓ ମଣିକର୍ଣ୍ଣିକାରେ ସ୍ନାନ କରିବା ପରେ ଜ୍ଞାନମଣ୍ଡପରେ ବସି ପ୍ରାତଃକାଳରୁ ସନ୍ଧ୍ୟାପର୍ଯ୍ୟନ୍ତ ଶ୍ରୀମଦ୍‌ଭାଗବତ ପାରାୟଣ ଆରମ୍ଭ କରିଦେଲେ । ଶ୍ରୀମଦ୍‌ଭାଗବତର ନିତ୍ୟପାରାୟଣ ଓ ଅଧ୍ୟୟନଦ୍ୱାରା ଜ୍ୟୋତି ପନ୍ତଙ୍କ ତପ ଓ ତେଜ ଅତ୍ୟନ୍ତ ବଢ଼ିଗଲା । ଦିନେ ଭଗବାନ ଶ୍ରୀବିଶ୍ୱନାଥ ବୃଦ୍ଧ ବ୍ରାହ୍ମଣରୂପରେ ଆସି ଜ୍ୟୋତି ପନ୍ତଙ୍କ ଆଗରେ ଠିଆ ହୋଇ ତାଙ୍କ ଭାଗବତ ପାରାୟଣ ଶୁଣିବାକୁ ଲାଗିଲେ । ଭଗବାନ ଶଙ୍କରଙ୍କ ପ୍ରଭାବରେ ଶ୍ରୀ ଜ୍ୟୋତି ପନ୍ତଙ୍କ ଜିହ୍ୱା ଥରିଲା ଓ ତା'ପରେ ଉଚ୍ଚାରଣ ଅସ୍ପଷ୍ଟ ହେଲା । ଭଗବାନ ଭୋଳାନାଥ ପରିହାସ କରି କହିଲେ, 'ପଣ୍ଡିତ ମହାରାଜ! କ'ଣ ନିତି ଏପରି ପାରାୟଣ କରୁଛନ୍ତି?' ଏ ପ୍ରଶ୍ନ ଶୁଣିବା କ୍ଷଣି ଶ୍ରୀ ଜ୍ୟୋତି ପନ୍ତ ବୁଢ଼ାବାବାଙ୍କୁ ଚିହ୍ନିଗଲେ ଏବଂ ଆସନରୁ ଉଠିଆସି ଅତ୍ୟନ୍ତ ସମ୍ମାନ ଓ ଭକ୍ତିର ସହିତ ଅଶ୍ରୁପୂର୍ଣ୍ଣ ନେତ୍ରରେ ଭଗବାନଙ୍କ ଚରଣରେ ପଡ଼ିଗଲେ । ଶ୍ରୀ ଶିବ ଭଗବାନ ପ୍ରସନ୍ନ ହୋଇ ଆଜ୍ଞା ଦେଲେ, 'ଏଥର ତୁମର ମନୋରଥ ପୂର୍ଣ୍ଣ ହୋଇଗଲା । ତୁମକୁ ଯଥାର୍ଥ ତତ୍ତ୍ୱଜ୍ଞାନ ଓ ପ୍ରେମଭକ୍ତି ପ୍ରାପ୍ତ ହୋଇଗଲା ।

ଏବେ ତୁମପାଇଁ ଆଉ କୌଣସି ସାଧନା ଆବଶ୍ୟକ ନାହିଁ। ତୁମେ ମୋ ଆଜ୍ଞାରେ ସମସ୍ତ ପୁରୁଷାର୍ଥର ମୂଳ କାରଣ ଭଗବାନଙ୍କର ଭଜନମାର୍ଗରେ ଲୋକମାନଙ୍କୁ ଲଗାଅ ଓ ସେମାନଙ୍କର କଲ୍ୟାଣ କର।' ଏତିକି କହି ବାବା ବିଶ୍ୱନାଥ ଉଭେଇ ଗଲେ।

ଶ୍ରୀ ଜ୍ୟୋତି ପନ୍ତଙ୍କର ଏହି ସ୍ଥିତିର କଥା କାଶୀରେ ବ୍ୟାପିଗଲା ଓ ସେଠାକାର ବିଦ୍ୱାନମାନେ ଭଗବାନ ବ୍ୟାସଙ୍କ ପ୍ରଦତ୍ତ ଶ୍ରୀମଦ୍‌ଭାଗବତ ଗ୍ରନ୍ଥକୁ ସିଂହାସନ ଉପରେ ରଖି ଶୋଭାଯାତ୍ରା ବାହାର କଲେ ଏବଂ ଶ୍ରୀ ଜ୍ୟୋତି ପନ୍ତଙ୍କୁ 'ମହାଭାଗବତ' ଉପାଧି ପ୍ରଦାନ କଲେ। ଏହା ପରେ ଶ୍ରୀ ଜ୍ୟୋତି ପନ୍ତ ମହାରାଷ୍ଟ୍ର ଫେରିଆସିଲେ। ସେଠାରେ ସେ ଜୀବନସାରା ଭିନ୍ନ ଭିନ୍ନ ସ୍ଥାନ ବୁଲି ଭଗବଦ୍ ଭକ୍ତି ପ୍ରଚାର କଲେ, ଅନେକ ମନ୍ଦିର ନିର୍ମାଣ କରାଇଲେ ଓ ଲୋକମାନଙ୍କୁ ଭକ୍ତିମାର୍ଗରେ ପରିଚାଳିତ କଲେ। ଶେଷରେ ବିକ୍ରମ ସମ୍ୱତ୍ ୧୮୪୫ କୀଳକ ନାମକ ସଂବତ୍ସର ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ତିଥିରେ ନଶ୍ୱର ସଂସାର ଛାଡ଼ି ଶ୍ରୀ ଜ୍ୟୋତି ପନ୍ତ ପରମଧାମକୁ ଚାଲିଗଲେ।

ମରାଠିରେ ଶ୍ରୀ ଜ୍ୟୋତିପନ୍ତଙ୍କର ଭକ୍ତି, ଜ୍ଞାନ ଓ ବୈରାଗ୍ୟଭାବପୂର୍ଣ୍ଣ ବହୁତ ରଚନା ମିଳେ। ଶ୍ରୀମଦ୍ ଭାଗବତର ବାରସ୍କନ୍ଧ ଉପରେ ସେ ଟୀକା ଲେଖିଥିଲେ; କିନ୍ତୁ ବର୍ତ୍ତମାନ ସେହି ପୂରା ଗ୍ରନ୍ଥ ଆଉ ମିଳୁ ନାହିଁ। କୁହାଯାଏ, ଭଗବାନ ବ୍ୟାସଦେବଙ୍କ ଦ୍ୱାରା ଦିଆଯାଇଥିବା ଶ୍ରୀମଦ୍‌ଭାଗବତ ଗ୍ରନ୍ଥଟି ଚିଞ୍ଚରେଣ ଗ୍ରାମରେ ଏବେ ମଧ୍ୟ ଜ୍ୟୋତି ପନ୍ତଙ୍କ ବଂଶଜଙ୍କ ପାଖରେ ଅଛି।

ବୋଲ—ଭକ୍ତ ଓ ତାଙ୍କ ଭଗବାନଙ୍କର ଜୟ !

॥ ଶ୍ରୀହରିଃ ॥

ଭକ୍ତ ନାରାୟଣ ଦାସ

ବଙ୍ଗଳାର ପ୍ରସିଦ୍ଧ ରାଜା କୀର୍ତ୍ତିଚନ୍ଦ୍ରଙ୍କ ରାଜ୍ୟରେ ପତିତପାବନୀ ଗଙ୍ଗାନଦୀତଟରେ ନାରାୟଣ ଦାସ ନିବାସ କରୁଥିଲେ। ତାଙ୍କ ଘର ଧନଧାନ୍ୟରେ ପୂର୍ଣ୍ଣ ଥିଲା । ସେ ନିଜେ ବଡ଼ ବିଦ୍ୱାନ ଓ ସଦ୍‌ଗୁଣସମ୍ପନ୍ନ ଥିଲେ। ଭଗବଦ୍ ଭକ୍ତ ହୋଇଥିବାରୁ ତାଙ୍କ ଠାରେ ଧନମଦ ନ ଥିଲା, କି ଗର୍ବ ନ ଥିଲା। ସେ ବଡ଼ ଶୁଦ୍ଧଚିତ୍ତ ଓ ସରଳସ୍ୱଭାବର ମନୁଷ୍ୟ ଥିଲେ। ଛୋଟ ବଡ଼ ସମସ୍ତଙ୍କ ସହିତ ହସି ହସି କଥା ହେବା, କାହା ପ୍ରତି କେବେ କ୍ରୋଧ ପ୍ରକାଶ ନ କରିବା, ସ୍ୱପ୍ନରେ ବି ପର ଧନପାଇଁ ଲୋଭ ନ କରିବା, ପରସ୍ତ୍ରୀଙ୍କୁ ମାଆସମାନ ଭାବିବା, ଥଟ୍ଟାପରିହାସରେ ମଧ୍ୟ ଅସତ୍ୟ ନ କହିବା, ସମସ୍ତଙ୍କର ସେବା କରିବାକୁ ସଦାପ୍ରସ୍ତୁତ ରହିବା ଓ ଗରିବଦୁଃଖୀମାନଙ୍କୁ ଉଦାରଭାବରେ ଧନ ଦାନ କରିବା—ଏସବୁ ଥିଲା ଶ୍ରୀ ନାରାୟଣ ଦାସଙ୍କର ସ୍ୱାଭାବିକ ଗୁଣ। ତାଙ୍କର ସରଳତା ଓ ସାଦାସିଧା ଜୀବନ ଦେଖି କେହି ବି ନୂଆ ଲୋକ ଜାଣିପାରିବ ନାହିଁ ଯେ, ସେ ଏତେ ବଡ଼ ଧନବାନ୍ ଓ ଗୁଣବାନ୍ ଅଟନ୍ତି। ଘର ବୈଭବରେ ପୂର୍ଣ୍ଣ ହୋଇଥିଲେ ମଧ୍ୟ କୌଣସି ବସ୍ତୁରେ ତାଙ୍କର ଆସକ୍ତି ନ ଥିଲା। ସେ ସକଳ ସମ୍ପତ୍ତି ଭଗବାନଙ୍କର ବୋଲି ଭାବୁଥିଲେ ଓ ନିଜ ମନକୁ ସର୍ବଦା ଭଗବାନଙ୍କର ଶ୍ରୀ ଚରଣକମଳରେ ଲଗାଇରଖୁଥିଲେ। ଶ୍ରୀ ନାରାୟଣ ଦାସଙ୍କ ଧର୍ମପତ୍ନୀ ମାଳତୀ ଦେବୀ ମଧ୍ୟ ପରମ ଭକ୍ତିମତୀ, ପତିବ୍ରତା ଓ ସଦ୍‌ଗୁଣଯୁକ୍ତା ଥିଲେ। ଏହି ସବୁ ତ ଭକ୍ତଙ୍କ ଲକ୍ଷଣ।

ସବୁକିଛି ଥିଲେ ମଧ୍ୟ ସନ୍ତାନହୀନା ହୋଇଥିବାରୁ ମାଳତୀ ଦେବୀଙ୍କ ମନରେ ବଡ଼ ଦୁଃଖ ଥିଲା। ଯେତେବେଳଯାଏ ଭଗବାନଙ୍କ ଚରଣରେ ପୂର୍ଣ୍ଣରୂପେ ମନ ଅର୍ପିତ ହୁଏ ନାହିଁ, ସେତେବେଳଯାଏ ଏହି ଜଗତରେ କୌଣସି ମନୁଷ୍ୟ କୌଣସି ଅବସ୍ଥାରେ ମଧ୍ୟ ପୂର୍ଣ୍ଣତଃ ସୁଖୀ ହୋଇପାରେ ନାହିଁ। ପୂର୍ଣ୍ଣ ସୁଖ ତ କେବଳ ରାମ (ଭଗବାନ)ଙ୍କର ହୋଇଯିବାରେ ହିଁ ନିହିତ।

ପରନ୍ତୁ ନାରାୟଣ ଦାସଙ୍କୁ ଏହି ଅଭାବର କୌଣସି ଚିନ୍ତା ନ ଥିଲା। ବୟସ ବି ଖସିଲାଣି। ଏଣୁ ଅନେକ ଦିନରୁ ସଂସାର ତ୍ୟାଗ କରି ତୀର୍ଥସ୍ଥାନରେ ନିବାସ କରିବାକୁ ଚିନ୍ତା କରୁଥିଲେ । ଶେଷରେ ସେ ଭଗବାନ ଶ୍ରୀରାମଙ୍କ ଜନ୍ମଭୂମି ମୋକ୍ଷପ୍ରଦାୟିନୀ ଅଯୋଧ୍ୟାପୁରୀରେ ଶେଷଜୀବନ ବିତାଇବାକୁ ନିର୍ଣ୍ଣୟ କଲେ। ଏକଲା ହିଁ ଯିବାକୁ ଚାହୁଁଥିଲେ; କିନ୍ତୁ ପତିପରାୟଣା ମାଳତୀ ଦେବୀଙ୍କ ବିଶେଷ ଆଗ୍ରହ ଦେଖି ତାଙ୍କୁ ମଧ୍ୟ ସାଥିରେ ନେଇଗଲେ। ଘରର ସବୁ ବ୍ୟବସ୍ଥା ଠିକ୍ କରି ଆବଶ୍ୟକ ଜିନିଷପତ୍ର ଚାରୋଟି ବଳଦ ପିଠିରେ ଲଦି ଘରୁ ବାହାରିପଡ଼ିଲେ। କେତେଜଣ ଚାକର ସାଥିରେ ଯିବାକୁ ଚାହିଁଲେ; କିନ୍ତୁ ସେ କାହାକୁ ସାଥିରେ ନେଲେ ନାହିଁ । ମାଳତୀ ଦେବୀ ପତିଙ୍କ ପଛେ ପଛେ ଛାଇ ପରି ଚାଲିଲେ।

ପତିପତ୍ନୀ ଅବିରାମ ଶ୍ରୀରାମ ନାମ କୀର୍ତ୍ତନ କରି କରି ଚାଲିଥାନ୍ତି । ସ୍ନାନ-ସନ୍ଧ୍ୟା ସମୟରେ ରାସ୍ତାରେ ପଡୁଥିବା ଧର୍ମଶାଳାରେ ରହନ୍ତି ଓ ସ୍ନାନ-ଆହାର ସାରି ପୁଣି ଆଗେଇଚାଲନ୍ତି। ଏପରି ଚାଲି ଚାଲି କିଛିଦିନରେ ସେମାନେ ଯାଇ ଚିତ୍ରକୂଟରେ ପହଞ୍ଚିଲେ। ଚିତ୍ରକୂଟ ଦେଖି ଦମ୍ପତିଙ୍କ ହୃଦୟ ପ୍ରେମରେ ଭରିଗଲା। ସେମାନେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଲୋକପାବନୀ ଲୀଳାସ୍ଥାନମାନଙ୍କୁ ଶ୍ରଦ୍ଧାରେ ଦେଖିବାକୁ ଲାଗିଲେ।

ଆଜି ସେମାନଙ୍କ ଆନନ୍ଦର ସୀମା ନାହିଁ। ଭଗବାନଙ୍କ ଅଦ୍ଭୁତ ଲୀଳାମାନ ସ୍ମରଣ କରି କରି ସେମାନେ ସେଥିରେ ତନ୍ମୟ ହୋଇଯାଇଛନ୍ତି। ଚିତ୍ରକୂଟକୁ ପ୍ରଣାମ କରି ନାରାୟଣ ଦାସ କହିଲେ, "ଆହା ! ଚିତ୍ରକୂଟ ଧନ୍ୟ ! ଏଇଠି ଭଗବାନ ଶ୍ରୀରାମ ସୀତାଙ୍କ ସହ ପର୍ଣ୍ଣକୁଟୀରରେ ନିବାସ କରିଥିଲେ। ସେ ସମୟରେ ଏ ସ୍ଥାନ ପବିତ୍ରାତ୍ମା ଋଷିମୁନିମାନଙ୍କ ଆଶ୍ରମରେ କିପରି ପୂର୍ଣ୍ଣ ଥିଲା ! ସତୀଶିରୋମଣି ସୀତା ଋଷିପତ୍ନୀମାନଙ୍କର ଅପୂର୍ବ ଆଦର ସତ୍କାରରେ କେତେ ଆନନ୍ଦିତ ହୋଇ ନ ଥିବେ ! ହଁ, ଭ୍ରାତୃଭକ୍ତ ଭରତ ଶ୍ରୀରାମଙ୍କୁ ମହାରାଜ ଦଶରଥଙ୍କ ସ୍ୱର୍ଗବାସ ସମାଚାର ଏହିଠାରେ ଶୁଣାଇଥିଲେ। ଆଃ ! ଏହି ପବିତ୍ର ସ୍ଥାନରେ ଅସୀମ ଭ୍ରାତୃପ୍ରେମ, ପିତୃଭକ୍ତି, ସେବାଧର୍ମ ଓ ସତ୍ୟନିଷ୍ଠାର ପବିତ୍ର ସ୍ରୋତ ବୋହିଥିଲା। ଏହି ସ୍ଥାନରେ ଭରତ ନିଜ ଜୀବନର ଆଧାରସ୍ୱରୂପ ଶ୍ରୀରାମଙ୍କ ପବିତ୍ର ଚରଣପାଦୁକା ପ୍ରାପ୍ତ କରିଥିଲେ। ପ୍ରିୟ ଚିତ୍ରକୂଟ ! ତୁମେ ଆମ ହୃଦୟନାଥ ଅଯୋଧ୍ୟାନାଥଙ୍କର

ଲୀଳାକୁ ନିଜ ହୃଦୟରେ ଲୁଚାଇ ବହୁ ପ୍ରାକୃତିକ କଷ୍ଟ ସହନ କରି ସେହି ଲୀଳାମାନଙ୍କର ସ୍ମାରକସ୍ୱରୂପରେ ଏଠାରେ ଠିଆ ହୋଇଛ । ହେ ବନ୍ଧୁ ! ତୁମେ ଏହିପରି ସେହି ଲୀଳାମୟଙ୍କ ଲୀଳାହାର ପିନ୍ଧି ଅନନ୍ତକାଳଯାଏ ଏଠାରେ ଠିଆ ହୋଇ ରହ ଓ ଆମପରି ପାପୀତାପୀ ମନୁଷ୍ୟମାନଙ୍କୁ ଭଗବାନଙ୍କ ଲୀଳା ସ୍ମରଣ କରାଇ ଧନ୍ୟ ଓ କୃତାର୍ଥ କରୁଥାଅ ।''

ନାରାୟଣ ଦାସ ପତ୍ନୀଙ୍କ ସହ କିଛି ଦିନଯାଏ ଚିତ୍ରକୂଟରେ ନିବାସ କରି ସାଧୁ-ମହାତ୍ମାମାନଙ୍କର ଦର୍ଶନ ଓ ଉପଦେଶାମୃତ ପାନ କଲେ । ସତ୍‌ସଙ୍ଗ, ସାଧୁସେବା, ଭଜନକୀର୍ତ୍ତନ ଓ ଅନେକ ଦାନପୁଣ୍ୟ କରି ସେଠାରେ କିଛିଦିନ ବିତାଇବା ପରେ ସେ ଅଯୋଧ୍ୟା ଯିବାକୁ ବିଚାର କଲେ ।

ଦମ୍ପତି ଅତ୍ୟନ୍ତ ଭାବଶୀଳ ଥିଲେ । ଯେତେବେଳେ ସେମାନେ ରାମବନବାସ କଥା ଶୁଣୁଥିଲେ, ସେତେବେଳେ ହୃଦୟ ଦାରୁଣ କଷ୍ଟରେ ଭରିଯାଉଥାଏ । ସେମାନେ ଅଯୋଧ୍ୟା ଯିବା ସମୟରେ ଭାବପ୍ରବଣ ହୋଇ ବିଚାର କଲେ, 'ଆମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଅନେକ ବନରେ ଭ୍ରମଣ କରିବାକୁ ପଡ଼ିଥିଲା ଓ କେତେପ୍ରକାର କଷ୍ଟ ସହିବାକୁ ପଡ଼ିଥିଲା । ଅତଏବ ଆମେ ମଧ୍ୟ ଅପନ୍ତରିଆ ରାସ୍ତା ଧରି ହିଁ ଅଯୋଧ୍ୟା ଯିବା ଉଚିତ, ଯାହା ଫଳରେ କି ବନବାସକଷ୍ଟର ଅନୁଭବ ହୋଇପାରିବ ।' ଏପରି ବିଚାର କରି ସେମାନେ ସିଧାସଳଖ ବାଟ ଛାଡ଼ିଦେଲେ ଓ ଯେଉଁଠି ସୂର୍ଯ୍ୟକିରଣ ମଧ୍ୟ ପ୍ରବେଶ କରୁନାହିଁ, ସେପରି ଘୋର ଅନ୍ଧକାରମୟ ଉଚ୍ଚନୀଚ ପାହାଡ଼ିଆ ରାସ୍ତାରେ ଚାଲିବାକୁ ଆରମ୍ଭ କଲେ । କେଉଁଠି ପଥର ଖଣ୍ଡ, କେଉଁଠି କଣ୍ଟା, କେଉଁଠି ଚଢ଼ାଣି, କେଉଁଠି ଖାଲ, କେଉଁଠି ବଣର ହିଂସ୍ରଜନ୍ତୁଙ୍କ ଭୟଙ୍କର ଗର୍ଜନ ଓ କେଉଁଠି ଚଲାରାସ୍ତାର ମଧ୍ୟ ଅଭାବ । ଏପରି ରାସ୍ତାରେ ଯିବାବେଳେ ବଡ଼ ବଡ଼ ସାହସୀ ପୁରୁଷଙ୍କ ହୃଦୟ ମଧ୍ୟ କମ୍ପିଉଠେ । କିନ୍ତୁ ନାରାୟଣ ଦାସ ଭଗବାନଙ୍କର ବିଭିନ୍ନ ଲୀଳା ସ୍ମରଣ କରି କରି ନିର୍ଭୟଚିତ୍ତରେ ଚାଲିଥାନ୍ତି । ଚାରୋଟି ବଳଦ ଓ ସତୀ ମାଳତୀ ଦେବୀଙ୍କ ଛଡ଼ା ତାଙ୍କ ସାଥିରେ ପ୍ରତ୍ୟକ୍ଷରେ ଆଉ କେହି ନ ଥିଲେ । ଅବଶ୍ୟ ତାଙ୍କ ହୃଦୟରେ ନାରାୟଣ ବିରାଜମାନ କରୁଥିଲେ ଓ ସେହି ନାରାୟଣଙ୍କ ଅମିତ ଶକ୍ତି ଉପରେ ବିଶ୍ୱାସ ରଖି ସେମାନେ ଉଚ୍ଚସ୍ୱରରେ ଭଗବନ୍ନାମ ଗାନ କରି କରି ଆଗେଇ ଚାଲିଥାନ୍ତି । ମାଳତୀ ଦେବୀ ମଧ୍ୟ କୋମଳ ଓ ମଧୁର କଣ୍ଠରେ ହରିନାମ ଗାନ କରି

କରି ପତିଙ୍କର ସହଯୋଗ କରୁଥାନ୍ତି । ଗାଡ ଗାଡ ଅନ୍ତର୍ଯାମୀଙ୍କ କରୁଣାମୟୀ ମଞ୍ଜୁଳ ମୂର୍ତ୍ତି ସତେ ଯେପରି ଆଗରେ ଉଭା ହୋଇଯାଉଥାନ୍ତି । ନାରାୟଣ ଦାସ ଓ ମାଳତୀ ଦେବୀ ମହାପ୍ରଭୁଙ୍କର ସେହି କମନୀୟ ମୂର୍ତ୍ତିକୁ ଧ୍ୟାନ କରି କରି ଶରୀର ଓ ମନକୁ ପୂରାପୂରି ଭୁଲିଯାଇ ଅବିଶ୍ରାନ୍ତ ଗତିରେ ଚାଲିଥା'ନ୍ତି । ଆଃ ! ଭଗବାନଙ୍କର କିପରି ବିଚିତ୍ର ପ୍ରଭାବ ଯେ, ତାଙ୍କୁ ହୃଦୟରେ ଧାରଣ କଲେ, ନିରନ୍ତର ତାଙ୍କର ଧ୍ୟାନ କଲେ ହୃଦୟରେ 'ଏ ବସ୍ତୁ ଭୀଷଣ, ଏହା ଭୟାନକ, ଏହା ମନ୍ଦ, ଏହା ଘୃଣ୍ୟ, ଏହା କୁରୂପ, ଏହା ଅସହ୍ୟ' ଆଦି ଭାବପାଇଁ ଆଦୌ ସ୍ଥାନ ରହେ ନାହିଁ । ସୌନ୍ଦର୍ଯ୍ୟର ଅନନ୍ତ ରାଶି ଭଗବାନଙ୍କର ସୌନ୍ଦର୍ଯ୍ୟ ଅନ୍ତର୍ବିଶ୍ୱରୁ ବାହାରି ବହିର୍ବିଶ୍ୱରେ ବ୍ୟାପିଯାଏ ଓ ସମସ୍ତ ଦୃଶ୍ୟବର୍ଗକୁ ମଧ୍ୟ ସୌନ୍ଦର୍ଯ୍ୟନିଧି କରିଦିଏ । ତା'ପରେ ଚତୁର୍ଦ୍ଦିଗ କେବଳ ସୁନ୍ଦର ବା ସୌନ୍ଦର୍ଯ୍ୟମୟ ଦେଖାଯାଏ । ଏହାର ପ୍ରଭାବରେ ଆଜି ନାରାୟଣ ଦାସ ଓ ମାଳତୀ ଦେବୀ ଦଶଦିଗରେ କେବଳ ନୟନାଭିରାମ ରମଣୀୟ ଦୃଶ୍ୟ ହିଁ ଦେଖୁଛନ୍ତି ।

ପତିପତ୍ନୀ ଚାଲିଥାନ୍ତି, କିନ୍ତୁ କେଉଁ ରାସ୍ତା ଅଯୋଧ୍ୟାକୁ ଯାଇଛି ଓ କେଉଁ ରାସ୍ତା ସଳଖ, ତାହା ଜଣା ନ ଥାଏ, କି ସେ ବିଷୟରେ ଚିନ୍ତା ନ ଥାଏ । କିଛି ଦୂର ଯିବା ପରେ ବଳଦଗୁଡ଼ିକର କ୍ଳାନ୍ତି ଦୂର କରିବାକୁ ଅଟକି ଯାଆନ୍ତି ଓ ସେମାନଙ୍କୁ ଘାସ ଚରାଇସାରି ପୁଣି ଆଗେଇ ଚାଲନ୍ତି । ଏପରି ଚାଲୁ ଚାଲୁ ଦିନେ ପ୍ରାତଃକାଳରେ ସେମାନେ ଡାକୁ ଭୀଲମାନଙ୍କ ଗାଆଁ ପାଖରେ ପହଞ୍ଚିଗଲେ । ଭୀଲଙ୍କୁ ରାସ୍ତା ପଚାରିବାପାଇଁ ବିଚାର କରିବା ସମୟରେ ଭୀଲଙ୍କର ଗୋଟିଏ ଦଳ ସେମାନଙ୍କ ପାଖରେ ପହଞ୍ଚିଗଲେ । ଦୁଷ୍ଟ ହିଂସାଜୀବୀ ଭୀଲମାନେ ଦୂରରୁ ହିଁ ତାଙ୍କୁ ଦେଖିସାରି ମାଲମତା ଲୁଟିନେବାକୁ ବିଚାର କରିନେଇଥିଲେ ଓ ଏହି ଉଦ୍ଦେଶ୍ୟରେ ସେମାନେ ନାରାୟଣ ଦାସଙ୍କ ଆଗରେ ଠିଆ ହୋଇଗଲେ । ଭୀଲମାନଙ୍କ ମଧ୍ୟରୁ ଜଣେ କପଟପୂର୍ଣ୍ଣ ସରଳତା ଓ ସହାନୁଭୂତିର ଭାବ ଦେଖାଇ ପଚାରିଲା, 'ଭାଇ ! ଏହି ଗହନ ବନରେ ତ ରାସ୍ତାଘାଟ ନାହିଁ, ତୁମେ କେଉଁଠୁ ଆସିଲ ? କିଛି କାମ ଥିଲେ ଆମକୁ କହ ।' ନାରାୟଣ ଦାସ ତ ସମସ୍ତଙ୍କ ମଧ୍ୟରେ ନାରାୟଣଙ୍କୁ ଦେଖୁଥିଲେ । ଭୀଲଙ୍କ ବିନୟବାକ୍ୟ ଶୁଣି ତାଙ୍କୁ ବଡ଼ ଆନନ୍ଦ ଲାଗିଲା । ସେ ନିଜର ଭାବ ଅନୁସାରେ ସେମାନଙ୍କ ମଧ୍ୟରେ ସରଳତା, ଦୟାଳୁତା,

ସହାନୁଭୂତି ଓ ସେବା ଭାବ ଦର୍ଶନ କରି କହିବାକୁ ଲାଗିଲେ, 'ଭାଇମାନେ ! ତୁମ୍ଭମାନଙ୍କର ଏପରି ସରଳ ଓ ନିଷ୍କପଟ କଥାବାର୍ତ୍ତା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି। ଆମ୍ଭେମାନେ ଶ୍ରୀ ରଘୁକୁଳ-କମଳ-ଦିବାକର, ଅଖିଳ ବିଶ୍ୱର କାରଣ, ସମସ୍ତ ଜୀବଙ୍କର ପରମ ଚିନ୍ତାମଣି, ମହାମହିମାନ୍ୱିତ ଭକ୍ତକଳ୍ପତରୁ ଭଗବାନ ଶ୍ରୀରାମଙ୍କ ଦର୍ଶନପାଇଁ ଅଯୋଧ୍ୟା ଯାଉଛୁ।'

ନାରାୟଣ ଦାସଙ୍କ କଥା ପୂରା ନ ହେଉଣୁ ଭୀଲ ତାର ପ୍ରକୃତ ଭାବ ଲୁଗ୍ୱଇ କହିଲା, 'ତେବେ ତୁମେ ଏ ଘୋରବନରେ କିପରି ଆସି ପହଞ୍ଚିଲ ! ଭଲ ହେଲା, ଆମେ ମିଳିଗଲୁ; ଆମ୍ଭେମାନେ ମଧ୍ୟ ଅଯୋଧ୍ୟାନାଥଙ୍କ ଦର୍ଶନ କରିବାକୁ ଯାଉଛୁ। ଏଥର ତୁମର କିଛି ଡରିବାର ନାହିଁ । ଆମ ସହିତ ଗ୍ୱଲିଆସ, ଆମେ ତୁମକୁ ରକ୍ଷା କରିବୁ।' ଏହା କହି ପରସ୍ପର ଆଖି ମରାମରି ହୋଇ ନିଜର ସଫଳତାରେ ପ୍ରସନ୍ନ ହେବାକୁ ଲାଗିଲେ। କିନ୍ତୁ ନାରାୟଣ ଦାସଙ୍କୁ ସେମାନଙ୍କର କଥା ଭଲ ଲାଗିଲା ନାହିଁ। ଯାହାଙ୍କ ଅଭୟ ଚରଣକମଳରେ ଆତ୍ମସମର୍ପଣ କରି ନାରାୟଣ ଦାସ ଘରୁ ବାହାରିଥିଲେ, ତାଙ୍କ ଜାଗାରେ ଅନ୍ୟ କାହାକୁ ରକ୍ଷକ କରାଇବା ତାଙ୍କୁ ଭଲ ଲାଗିଲା ନାହିଁ । ଏଣୁ ସେ ନିର୍ଭୟରେ କହିଲେ, "ଭାଇମାନେ ଅନାଥନାଥ ଅଯୋଧ୍ୟାବିହାରୀ ଶ୍ରୀରଘୁନାଥ ହିଁ ଆମର ଏକମାତ୍ର ରକ୍ଷକ। ସେ ଯେଉଁଠିକି ନେଇଯାନ୍ତି, ଆମେ ସେଇଠିକି ଯାଉ। ଏହାଛଡ଼ା ଆମ ହାତରେ କିଛି ବି ନାହିଁ।" ନାରାୟଣ ଦାସଙ୍କର ଏକଥା ଶୁଣିବା ପରେ ମଧ୍ୟ ଡକାୟତମାନେ ନିରାଶ ହେଲେ ନାହିଁ। ସେମାନେ କଥାରେ କଥା ମିଳାଇ କହିଲେ, "ଠିକ୍ କହିଛ, ଏ ସଂସାରରେ ଅନ୍ୟ ସାଥୀ କିଏ ବା ଅଛି ? ରଘୁବଂଶମଣି ଶ୍ରୀରାମ ହିଁ ସମସ୍ତଙ୍କର ସହାୟକ। ଏକମାତ୍ର ସେ ହିଁ ସାଥୀ। ଆଃ ଭକ୍ତ ! ବହୁତ ଭଲ ହେଲା। ଆମେ ସମସ୍ତେ ସେହି ଭଗବାନ ରାମଙ୍କର ହିଁ ଶରଣରେ ଥାଇଁ । ଗ୍ୱଲ, ଆନନ୍ଦରେ ସେହି ମଙ୍ଗଳମୟ ପତିତପାବନ ଧାମକୁ ଯିବା।" କପଟୀମାନଙ୍କର କପଟ କଥାକୁ ସରଳସ୍ୱଭାବ ଭକ୍ତଦମ୍ପତି ବୁଝିପାରିଲେ ନାହିଁ। ଏକମାତ୍ର ଧର୍ମର ସମ୍ବନ୍ଧକୁ ବିଶ୍ୱାସ କରି ହିଁ ସେ ସେମାନଙ୍କ ସହିତ ଆଗେଇ ଗ୍ୱଲିଲେ। ଗ୍ୱଲୁ ଗ୍ୱଲୁ ସମସ୍ତେ ଯାଇ ଏକ ଅଗମ୍ୟ ବନରେ ପହଞ୍ଚିଲେ। ଦୁଷ୍ଟମାନେ ସୁଯୋଗ ପାଇ ନିଜର ମନୋରଥ ସଫଳ କରିବାକୁ ଗ୍ୱହିଁଲେ। ଜଣେ କହିଲା, "ଆରେ ! ଆଉ ଦେଖୁଛ କ'ଣ ? ଏଥର କାମ

ହାସଲ କର।" ଦ୍ୱିତୀୟ ତାକୁ କହିଲା, "ହଁ, ହଁ ଡେରି କାହିଁକି ? ଶୀଘ୍ର କାମ କର; ଯାହା ଅଛି, ଲୁଟି ନେଇଚାଲ।" ଏପରିଭାବରେ କଥାବାର୍ତ୍ତା କରି ଦୁଷ୍ଟମାନେ ନିଜର ପ୍ରକୃତ ସ୍ୱରୂପ ପ୍ରକଟ କଲେ। ନାରାୟଣ ଦାସଙ୍କ ହାତଗୋଡ଼ ବାନ୍ଧି, ମାରି ମାରି, ଘୋର ବନକୁ ନେଇଯାଇ ତାଙ୍କୁ ଏକ ଗଭୀର ଖାତରେ ପକାଇଦେଲେ ଓ ଉପରୁ ବଡ଼ ବଡ଼ ପଥର ଗଡ଼ାଇ କହିଲେ, 'ହଉ, ଏଥର ଏଇଠି ପଡ଼ି ପଡ଼ି ରାମଚନ୍ଦ୍ରଙ୍କ ଦର୍ଶନ କର।'

ନାରାୟଣ ଦାସଙ୍କ ଶରୀର ରକ୍ତରେ ଜର୍ଜରିତ ହୋଇଯାଇଥିଲା। ହଲିବା ଶକ୍ତି ମଧ୍ୟ ନ ଥିଲା। କହିବା ଶକ୍ତି ମଧ୍ୟ ଲୋପ ହୋଇ ଆସୁଥିଲା। କିନ୍ତୁ ଏ ପରିସ୍ଥିତିରେ ମଧ୍ୟ ସେ ମନେ ମନେ ପରମାତ୍ମାଙ୍କୁ ପ୍ରାର୍ଥନା କରିବାରେ ଲାଗିଲେ, "ହେ ତ୍ରୈଲୋକ୍ୟଚିନ୍ତାମଣି ! ହେ ମୋର ରାମ ! ତୁମକୁ ନମସ୍କାର, ହେ ଜାନକୀପତି ! ତୁମକୁ ବାରମ୍ବାର ନମସ୍କାର। ହେ ତ୍ରୈଲୋକ୍ୟନାଥ ! ସଂସାରରେ ତୁମେ ସର୍ବତ୍ର ବ୍ୟାପ୍ତ। କୃମି, କୀଟ, ପତଙ୍ଗ, ଚର, ଅଚର ସମସ୍ତଙ୍କ ଅନ୍ତରରେ ତୁମେ ରମଣ କରୁଛ ! ସକଳଘଟବାସୀ ପ୍ରଭୋ ! ଏ ଅଖିଳ ବିଶ୍ୱରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠି ତୁମେ ନାହଁ। ସଂସାର ତୁମ ଗର୍ଭରେ ଅଛି। ଏହାର ଭିତରେ-ବାହାରେ ଯେଉଁଠି ଦେଖ, ସେଇଠି କେବଳ ତୁମେ ଅଛ। ହେ ନାଥ ! ତୁମେ ଯାହା କିଛି ଭଲ ବୋଲି ଭାବୁଛ, ତାହା କର। ତୁମର ପ୍ରତ୍ୟେକ ବିଧାନରେ ମୋର ଆନନ୍ଦ। ହେ ଅଚିନ୍ତ୍ୟଶକ୍ତି ଭଗବାନ ! ମୁଁ ତ କେବଳ ତୁମର ଶରଣରେ ଅଛି। ଏକମାତ୍ର ତୁମ ଛଡ଼ା ମୋର କୌଣସି ଆଶ୍ରୟ ନାହିଁ।"

ଏପରି ମାନସିକ ପ୍ରାର୍ଥନା କରୁ କରୁ ନାରାୟଣ ଦାସ ଭଗବଦ୍ ଧ୍ୟାନରେ ନିମଗ୍ନ ହୋଇ ନିଶ୍ଚେଷ୍ଟ ହୋଇଗଲେ। ସେ ମରିଗଲେ ଭାବି ଦୁଷ୍ଟମାନେ ସେଠାରୁ ଫେରି ମାଳତୀଙ୍କ ପାଖକୁ ଆସିଲେ। ଈଶ୍ୱରରୂପ ପତିଙ୍କର ଦୁର୍ଗତି ଦେଖି ମାଳତୀ ମୂର୍ଚ୍ଛିତା ହୋଇ ତଳେ ପଡ଼ିଥାନ୍ତି। ତାଙ୍କ ମୁଣ୍ଡର କେଶ ବିଛାଡ଼ି ହୋଇପଡ଼ିଥାଏ। ମନେ ହେଉଥାଏ, ଶରୀରରେ ପ୍ରାଣ ନାହିଁ। ନରରାକ୍ଷସମାନେ ଏହି ଅବସ୍ଥାରେ ମଧ୍ୟ ତାଙ୍କୁ ଘୋଷାରିବାକୁ ଲାଗିଲେ ଓ ମନ୍ଦ ଉଦ୍ଦେଶ୍ୟରେ ନାନାଦି ଅପଶବ୍ଦ ବୋଲିବାକୁ ଲାଗିଲେ। ଅଳ୍ପ ସମୟ ପରେ ମାଳତୀଙ୍କ ଚେତନା ଆସିଲା। ଦୁଷ୍ଟଙ୍କ ଆଚରଣରେ ତାଙ୍କୁ ଭୀଷଣ ଦୁଃଖ ହେଲା। ଭୟ ଓ କ୍ରୋଧରେ ତାଙ୍କ ଶରୀର କମ୍ପିଲା। ଶେଷରେ

କୌଣସି ଉପାୟ ନ ଦେଖି ସେହି ସତୀ ଆଖିବୁଜି କାତର ସ୍ୱରରେ ଭଗବାନଙ୍କୁ ଡାକିଲେ, "ହେ ପ୍ରଭୋ ! କ'ଣ ଆପଣ ଶରଣାଗତର ରକ୍ଷକ ନୁହନ୍ତି ? ହେ ନାଥ ! ମୁଁ ଶୁଣିଛି, ସେବକଙ୍କ ସୁରକ୍ଷାପାଇଁ ହିଁ ଆପଣ ହାତରେ ଧନୁର୍ବାଣ ଧରିଛନ୍ତି। କ'ଣ ଏହା ସତ ? କ'ଣ ଆପଣ ଏବେ ମଧ୍ୟ ସେପରି ଅଛନ୍ତି ? କ'ଣ ଆପଣ ଆପଣଙ୍କ ଶରଣରେ ଆସିଥିବା ଅନାଥଙ୍କୁ ଶରଣ ଦେଉଛନ୍ତି ?" ମାଳତୀ ଦେବୀ ଏପରିଭାବରେ କାତର କଣ୍ଠରେ ଶ୍ରୀହରିଙ୍କୁ ଡାକି ଡାକି ବିଳାପ କରୁ କରୁ ଅଳ୍ପଦୂରରେ ଜଣେ କେହି ଘୋଡ଼ା ଚଢ଼ି ଆସୁଥିବାର ଦେଖାଗଲା। ଘୋଡ଼ାର ଟାପୁ ଶବ୍ଦ ଶୁଣିବାମାତ୍ରେ ସତୀଙ୍କ ମନ ଆନନ୍ଦରେ ଭରିଗଲା। ସେ ଭୟହାରୀ ଭଗବାନ ଶ୍ରୀରାମଙ୍କୁ ସ୍ମରଣ କରୁ କରୁ ଦେଖିଲେ, ଜଣେ ନବଯୁବକ ଧଳାଘୋଡ଼ା ଚଢ଼ି ଖୁବ୍ ବେଗରେ ତାଙ୍କ ଆଡ଼କୁ ଛୁଟି ଆସୁଛନ୍ତି। ଦେଖୁ ଦେଖୁ ସେ ମାଳତୀ ଦେବୀଙ୍କ ପାଖରେ ପହଞ୍ଚିଗଲେ। ତାଙ୍କ ବେଶ ବୀର କ୍ଷତ୍ରିୟର ବେଶ ଥିଲା। ମସ୍ତକରେ ସୁନାର ମୁକୁଟ ସୂର୍ଯ୍ୟ ପରି ଝଟକୁଥିଲା। କାନରେ ମକରକୁଣ୍ଡଳ ଓ ଗଳାରେ କୌସ୍ତୁଭମଣି ଶୋଭା ପାଉଥିଲା। ହୃଦୟରେ ପଦଚିହ୍ନ। ସେ ଉଭୟ ହାତରେ ରତ୍ନ କଙ୍କଣ ଧାରଣ କରିଥିଲେ। ତାଙ୍କର ଚମ୍ପାକଢ଼ି ପରି ସୁନ୍ଦର ଅଙ୍ଗୁଳିମାନଙ୍କରେ ଭିନ୍ନ ଭିନ୍ନ ରତ୍ନର ମୁଦି ଶୋଭିତ ହେଉଥିଲା। ଅଣ୍ଟାରେ ସୁନ୍ଦର ପତଳା ପୀତାମ୍ବର ଓ ତା' ଉପରେ ରତ୍ନ ଖଚିତ ମେଖଳା। ନବନୀରଦ ଶ୍ୟାମମେଘସମାନ ତାଙ୍କର ସୁନ୍ଦର କଳେବର। କମଳ ପରି ସୁନ୍ଦର ବିଶାଳ ନେତ୍ର। ଲାଲ ଲାଲ ଓଠରେ ମନ୍ଦ ମନ୍ଦ ହସ ପ୍ରକାଶ ପାଉଥିଲା। ଜଣାପାଉଥିଲା, ସତେ ଯେପରି ସେଥିରୁ ଅମୃତ ବର୍ଷା ହେଉଛି । ଅଣ୍ଟାରେ ଯମଦଂଷ୍ଟ୍ରା ନାମକ ଖଡ୍‌ଗ ଝୁଲୁଥିଲା। ହାତରେ ବିଶାଳ ଧନୁ ଓ ପିଠିରେ ତୂଣୀର ବନ୍ଧା ହୋଇଥିଲା। ସେହି ସୁନ୍ଦର ମନୋହର ମହାବୀର କ୍ଷତ୍ରିୟଯୁବକଙ୍କ ସ୍ୱରୂପ ଅତ୍ୟନ୍ତ ବିଚିତ୍ର ଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା, ସେହି ରୂପ ସମସ୍ତଙ୍କୁ ଏକାପରି ଦେଖାଗଲା ନାହିଁ। ତାଙ୍କର ବଜ୍ରାଦପି କଠୋର ସ୍ୱରୂପକୁ ଦେଖି ଦୁଷ୍ଟମାନଙ୍କ ହୃଦୟ ଭୟରେ କମ୍ପିଲା। ଜୁଲୁମ୍ କରିବେ କ'ଣ, ସେମାନେ ପ୍ରାଣବିକଳରେ ଦୌଡ଼ିପଳାଇଗଲେ। କିଏ କୁଆଡ଼େ ଗଲା, ତାର ପତ୍ତା ରହିଲା ନାହିଁ । ଯେଉଁ ଆଡ଼େ ସୁବିଧା ପାଇଲେ, ସେହି ଆଡ଼େ ଦୌଡ଼ିଲେ। ଏହି ବ୍ୟତିବ୍ୟସ୍ତତାରେ କେତେକ ପଥର ଝୁଣ୍ଟି ତଳେ ପଡ଼ିଗଲେ।

କେତେକ ଗଛରେ ଧକ୍କା ଖାଇ ତଳେ ଗଡ଼ିପଡ଼ିଲେ । କେତେକଙ୍କର ମୁଣ୍ଡ ଫାଟିଗଲା । କାହାର ଦାନ୍ତ ଭାଙ୍ଗିଗଲା ତ, କାହାର ନାକ-କାନ କଟିଗଲା । ଫଳରେ ଏପରି ହେଲା ଯେ, କେହି ଆଘାତ ନ ପାଇ ଫେରିପାରିଲା ନାହିଁ । ପରନ୍ତୁ ସେହି ବୀରଙ୍କର ଯେଉଁ ସ୍ୱରୂପ ଦୁଷ୍ଟମାନଙ୍କୁ ଏପରି ଭୟାନକ ଦେଖାଯାଉଥିଲା, ତାହା ମାଳତୀଙ୍କ ପାଇଁ ଅତ୍ୟନ୍ତ ଆନନ୍ଦଦାୟକ ଥିଲା । ମାଳତୀ ଦେବୀ ନିର୍ନିମେଷ ନୟନରେ ସେହି ରୂପମାଧୁରୀକୁ ଅତୃପ୍ତଭାବରେ ପାନ କରିବାକୁ ଲାଗିଲେ । ସେହି ବୀର ଘୋଡ଼ାରୁ ଓହ୍ଲାଇ ହସି ହସି ସତୀ ମାଳତୀ ଦେବୀଙ୍କ ପାଖକୁ ଯାଇ ବାତ୍ସଲ୍ୟ ଅମୃତମୟ ମଧୁର କଣ୍ଠରେ କହିଲେ, "ମାଆ ! ତୁମେ କେଉଁଠି ରହୁଛ ? ତୁମେ ସ୍ତ୍ରୀଲୋକ; ତୁମ ସହିତ କୌଣସି ପୁରୁଷ ଦେଖୁ ନାହିଁ । ଏହି ଘୋର ବନପଥରେ ତୁମେ କେଉଁଠିକି ଯିବାକୁ ଚାହୁଁଛ ? ତୁମକୁ ଘେରି କେଉଁମାନେ ଠିଆ ହୋଇଥିଲେ ଏବଂ ମୋତେ ଦେଖିବାମାତ୍ରେ ସେମାନେ କାହିଁକି ଦୌଡ଼ିପଳାଇଲେ ?"

କ୍ଷତ୍ରିୟବୀରଙ୍କ ସ୍ନେହପୂର୍ଣ୍ଣ ବଚନ ଶୁଣି ମାଳତୀ ମନେ ମନେ ବିଚାର କରିବାକୁ ଲାଗିଲେ, "ଆଃ ! ଏହି ନରକର ବିଷମ ବିଷଜ୍ୱାଳାରେ ଏପରି ଆନନ୍ଦପୂର୍ଣ୍ଣ ମଧୁର ଅମୃତର ବର୍ଷା କିଏ କଲା ! ବେଶ୍ ! ବେଶ୍ ! ମୁଁ ଜାଣିଗଲି, ଏ ଅନ୍ୟ କେହି ନୁହନ୍ତି, ଏହି ବୀର ଅବଶ୍ୟ ମୋର ରଘୁବୀରଙ୍କ ଦ୍ୱାରା ପ୍ରେରିତ ହୋଇଛନ୍ତି । ହଁ, ଏହା ନିଶ୍ଚିତରୂପେ ତାଙ୍କ କରୁଣାମୟୀ ଲୀଳା ।" ପ୍ରେମର ପ୍ରବଳ ଆବେଗଯୋଗୁଁ କିଛି ସମୟଯାଏ ତ ମାଳତୀଙ୍କ ମୁଖରୁ କୌଣସି କଥା ବାହାରିଲା ନାହିଁ । ସେ ପଥର ମୂର୍ତ୍ତିଟିଏ ପରି ଆଗନ୍ତୁକ କ୍ଷତ୍ରିୟବୀରଙ୍କୁ ଚାହିଁରହିଲେ ଓ ତାଙ୍କ ହୃଦୟର କୃତଜ୍ଞତା ନେତ୍ରଦ୍ୱାରଦେଇ ଅଶ୍ରୁରୂପ ହୋଇ ବୋହିଚାଲିଲା । ଶେଷରେ ବଡ଼ କଷ୍ଟରେ ଏହି ଭାବକୁ ଚାପିରଖି ମାଳତୀ ସେହି କରୁଣାକର କ୍ଷତ୍ରିୟବୀରଙ୍କୁ ନିଜର ସମସ୍ତ କଥା ଆରମ୍ଭରୁ ଶେଷଯାଏ କହିଗଲେ । ଦୁଷ୍ଟମାନେ ନାରାୟଣ ଦାସଙ୍କ ଉପରେ ଯେପରି ଜୁଲୁମ କଲେ, ତାହା ବର୍ଣ୍ଣନା କରି କରି ହୃଦୟର ଦାରୁଣ ବ୍ୟଥାରେ ସତୀ ଉତ୍ତେଜିତ ହୋଇଉଠିଲେ ଓ ସେହି ବୀରଙ୍କ ଚରଣରେ ଲୋଟିପଡ଼ି ଉଚ୍ଚସ୍ୱରରେ କହିଲେ, "ଓଃ, ତୁମେ କିଏ, ମୁଁ ଜାଣେ ନା; କିନ୍ତୁ ମୋର ବିଶ୍ୱାସ, ମୋର ଦୁର୍ଦ୍ଦଶା ଦେଖି ଦୁଃଖହାରୀ ଭଗବାନ ଶ୍ରୀ ରଘୁବୀର ହିଁ ତୁମକୁ ଏଠାକୁ ପଠାଇଛନ୍ତି । ମୁଁ ଜାଣେ ନାହିଁ, ମୋର ପତିଦେବଙ୍କୁ ଏ ପାପୀମାନେ

ମାରି ମାରି କେଉଁଠିକି ନେଇଛନ୍ତି । ସ୍ୱାମୀଙ୍କୁ କେଉଁଠି ଛାଡ଼ିଦେଇ ଏ ଦୁଷ୍ଟମାନେ ମୋ ପ୍ରତି ଏପରି ଦୁର୍ବ୍ୟବହାର କରିବାରେ ଲାଗିଥିଲେ, ସତେ ଯେପରି ମୁଁ କୌଣସି ବେଶ୍ୟା । ଆଃ ! ଏତିକିବେଳେ ହିଁ ମୋ ରଘୁନାଥଙ୍କ କୃପାରୁ ତୁମେ ଆସି ଏଠାରେ ପହଞ୍ଚିଗଲ ଏବଂ ତୁମକୁ ଦେଖିବାମାତ୍ରେ ଏ ଦୁଷ୍ଟଦଳ ଦୌଡ଼ିପଳାଇଗଲେ । ଭାଇ ! ମୋ ସ୍ୱାମୀ ଏବେ ଆଉ ଜୀବିତ ନ ଥିବେ । ମୋ ଶରୀରରେ ସତେ ଯେପରି ପ୍ରଳୟାଗ୍ନି ବର୍ଷା ହେଉଛି । ବେଶ୍; ଏବେ କୃପା କରି ଗୋଟିଏ ଚିତା ଜଳାଇଦିଅ । ମୋପରି ନିରାଶ୍ରିତା କାଙ୍ଗାଳ ଅବଳା ପ୍ରତି ଦୟା କରି ତୁମେ ଯେପରି ଏଠାକୁ ଆସିଛ, ସେହିପରି ଆଉ ଟିକିଏ କୃପା କରି ଚିତା ମଧ୍ୟ ତୁମେ ହିଁ ଲଗାଇଦିଅ । ଧୂ ଧୂ ହୋଇ ଜଳୁଥିବା ଚିତାରେ ପ୍ରାଣକୁ ଆହୁତି ଦେଇ ମୁଁ ମୋ ଅନ୍ତରର ଜ୍ୱାଳା ଶାନ୍ତ କରିବି । ବିଷଦ୍ୱାରା ହିଁ ବିଷକୁ ନାଶ କରିବି । ହଁ, ଆଉ ଡେରି କର ନାହିଁ ।''

ସତୀଙ୍କ ପ୍ରେମ ଓ ତାଙ୍କ ପତିଭକ୍ତି ଦେଖି ସୀତାପତି ଅତ୍ୟନ୍ତ ପ୍ରସନ୍ନ ହେଲେ । ସେ ଏକ କରୁଣାର ନିର୍ଝର ପରି ସୁଖପ୍ରଦ କରୁଣାରସରେ ମାଳତୀଙ୍କ ମନପ୍ରାଣକୁ ଶାନ୍ତ ଓ ଶୀତଳ କରାଇ କହିଲେ, ''ସତୀ ! ଚିନ୍ତା କର ନାହିଁ । ତୁମ ସ୍ୱାମୀ ଏବେ ଜୀବିତ ଅଛନ୍ତି । ମୁଁ ଏଠାକୁ ଆସିବାବେଳେ ଶୁଣିଲି, 'ହେ ମାଳତୀ ! ଏବେ ଶ୍ରୀରାମଙ୍କ ଦର୍ଶନପାଇଁ ଆମେ ଶ୍ରୀ ଅଯୋଧ୍ୟା କିପରି ଯିବା ?' ବୋଲି କେହି ଜଣେ କହୁଛନ୍ତି । ମୁଁ ଜାଣିପାରୁଛି, ତାହା ତୁମ ସ୍ୱାମୀ ହିଁ କହୁଥିଲେ । ଅତଏବ ତୁମେ ମୋ ସହିତ ଚାଲ; ସେହି ସ୍ଥାନଟି ଏଠାରୁ ବେଶୀ ଦୂର ନୁହେଁ ।''

ପତିବିରହରେ ଓ ପତିଙ୍କ ଦୁଃଖ ଦେଖି ମାଳତୀଙ୍କ ଶରୀର ଏତେ ଅଶକ୍ତ ହୋଇଯାଇଥାଏ ଯେ, ପାଦେ ଚାଲିବାକୁ ମଧ୍ୟ ତାଙ୍କର ବଳ ନ ଥାଏ । ଏହି ସ୍ଥିତି ଦେଖି ଭଗବାନ କହିଲେ, 'ମାଆ ! ଆସ, ମୋ ହାତ ଧରି ମୋ ସହିତ ଚାଲିଆସ; ଆଦୌ ଡର ନାହିଁ; ତୁମ ପରି ପତିବ୍ରତା ସତୀଙ୍କୁ ପତିର ଚିରବିୟୋଗ କଦାପି ହୋଇ ନ ପାରେ । ଏତିକି କହି ଭବଭୟହାରୀ ଭଗବାନ ତାଙ୍କର ଅଭୟ ହସ୍ତ ବଢ଼ାଇଦେଲେ । କ୍ଷତ୍ରିୟବୀରଙ୍କ ମୁଖରୁ 'ମାଆ' ଶବ୍ଦଟି ଶୁଣି ମାଳତୀଙ୍କ ମନରୁ ସକଳ ଅବିଶ୍ୱାସ ଦୂର ହୋଇଗଲା । ସେ ଦୀନବନ୍ଧୁଙ୍କ ଦୟାଳୁ ହସ୍ତ ଧରି ତାଙ୍କରି ସାଥିରେ ଚାଲିବାକୁ ଲାଗିଲେ ଓ ଅଳ୍ପ ସମୟ ପରେ ହିଁ ନାରାୟଣ ଦାସଙ୍କ ପାଖରେ ପହଞ୍ଚିଗଲେ ।

ଦେଖିଲେ, ଶକ୍ତ ଦଉଡ଼ିରେ ପତିଙ୍କର ଦୁଇ ହାତ ବନ୍ଧା ହୋଇଛି, ଛାତି ଉପରେ ବଡ଼ ପଥରଟିଏ ଲଦା ହୋଇଛି। ମୁହଁରେ କଥା ନାହିଁ । ଶରୀର ନିଶ୍ଚେଷ୍ଟ ଓ ଅବଶ ହୋଇପଡ଼ିଛି। ପତିଙ୍କର ଏହି ଦୁର୍ଦ୍ଦଶା ଦେଖି ମାଳତୀ ହଠାତ୍ ଭୂଇଁରେ ଢଳିପଡ଼ିଲେ । ଭଗବାନ ତାଙ୍କର ଅଭୟବାଣୀରେ ଆଶ୍ୱାସନା ଦେଇ ନାରାୟଣ ଦାସଙ୍କ ଛାତି ଉପରୁ ପଥରଟି ବାହାର କରିଦେଲେ ଓ ତାଙ୍କୁ ବନ୍ଧନରୁ ମୁକ୍ତ କରିଦେଲେ। ଭକ୍ତ ନାରାୟଣ ଦାସଙ୍କର ସେଯାଏ ବାହ୍ୟଜ୍ଞାନ ଆସି ନ ଥାଏ। ତେଣୁ ଭଗବାନ ତାଙ୍କୁ ହଲାଇଲେ। ଭଗବାନଙ୍କ କରସ୍ପର୍ଶରେ ତାଙ୍କ ଶରୀରରେ ନବଜୀବନସ୍ରୋତ ପ୍ରବାହିତ ହେଲା। ତାଙ୍କ ମନ, ପ୍ରାଣ ଓ ଶରୀର—ସବୁ ସତେଜ ହୋଇଉଠିଲା। ସେ ନିଜେ ଉଠି ବସିଲେ ଓ ଆଶ୍ଚର୍ଯ୍ୟଚକିତ ନେତ୍ରରେ ଚାରିଦିଗକୁ ଚାହିଁବାକୁ ଲାଗିଲେ । ସେ ତାଙ୍କ ଆଗରେ ଜଣେ ଦିବ୍ୟ ଧନୁର୍ବାଣଧାରୀ କ୍ଷତ୍ରିୟବୀର ଓ ନିକଟରେ ତାଙ୍କ ପତ୍ନୀ ମାଳତୀ ଠିଆ ହୋଇଥିବାର ଦେଖିଲେ।

କିଛି ସମୟଯାଏ ତ ନାରାୟଣ ଦାସ ଏହା ସ୍ୱପ୍ନ, ନା ସତ୍ୟ, ନିର୍ଣ୍ଣୟ କରିପାରିଲେ ନାହିଁ। ତାଙ୍କ ନେତ୍ର ଶ୍ରୀମୂର୍ତ୍ତିଙ୍କ ରୂପମାଧୁରୀରେ ଆବଦ୍ଧ ହୋଇଗଲା। କିଛି ସମୟ ପରେ ବିଚାର କରି କରି ତାଙ୍କୁ ତାଙ୍କର ପୂର୍ବାବସ୍ଥା ସ୍ମରଣ ହେଲା। ସେ ଭାବିଲେ, "ଓଃ ! ଏହି ଭୀଷଣ ବିପତ୍ତିରୁ ବିପଦହାରୀ ଜାନକୀନାଥଙ୍କ ଛଡ଼ା ଆଉ କିଏ ରକ୍ଷା କରିପାରିବ ? ଓଃ! ଏ ନିଶ୍ଚୟ ସେଇ ପ୍ରଭୁ ଅଟନ୍ତି, ଏ ନିଶ୍ଚୟ ମୋ ନାଥ ରଘୁବଂଶନାଥ ଶ୍ରୀରାମଚନ୍ଦ୍ର।" ଏପରି ବିଚାର କରିବାମାତ୍ରେ ହିଁ ନାରାୟଣ ଦାସ ତୁରନ୍ତ ପ୍ରଭୁଙ୍କ ଚରଣକମଳରେ ଲୋଟି ପଡ଼ିଲେ ଓ ପ୍ରେମାଶ୍ରୁରେ ତାଙ୍କର ଚରଣଯୁଗଳ ଧୋଇଦେଇ ଦୁଇ ହାତ ଯୋଡ଼ି ବିନୟପୂର୍ବକ କହିଲେ, "ହେ ବୀର ! ଆପଣ ମୋର ପ୍ରାଣେଶ୍ୱର, ପ୍ରାଣାଧାର ଅଟନ୍ତି ! ଆପଣ ମୋର ପ୍ରଭୁ ! ଆପଣ ମୋର ମନୋରଥ ପୂର୍ଣ୍ଣ କରିଥିବା ପରମାତ୍ମା । ଆପଣ ସକଳ ଜୀବଙ୍କର ପରମ ଗୁରୁ। ଆପଣ ମୋର ମୁକୁନ୍ଦମୁରାରୀ ଓ ସମସ୍ତଙ୍କର ଆଦି, ବିଶ୍ୱର ମୂଳ ହରି। ପ୍ରଭୋ ! ଆପଣ କୃପାପୂର୍ବକ ପ୍ରକଟ ହୋଇ ଏ ଦାସର ସମସ୍ତ ବନ୍ଧନ ଯେବେ କାଟିଦେଲେ, ତେବେ ଏହି ପରଦା ହଟାଇ ନିଜର ଯଥାର୍ଥ ରୂପ ମଧ୍ୟ ଦର୍ଶନ କରାଇଦିଅନ୍ତୁ, ହେ ମୋର ନାଥ !"

ଭକ୍ତଙ୍କର ପ୍ରୀତିପୂର୍ଣ୍ଣ ସରଳ ବଚନ ଶୁଣି ଭକ୍ତବତ୍ସଳଙ୍କ ରଙ୍ଗ ଅଧରରେ

ମନ୍ଦମଧୁର ହସ ଫୁଟିଉଠିଲା । ଏହି ସ୍ମିତହାସର କାରଣ କେବଳ ଏତିକି ଥିଲା ଯେ, ଭଗବାନ ତାଙ୍କର ଭକ୍ତ ଆଗରେ ଲୁଚି ରହିପାରିଲେ ନାହିଁ । ଏବେ ତାଙ୍କ ସ୍ଥିତି ହୀରାବେପାରୀଙ୍କ ପାଖରେ ଅନେକ ପଥର ସହିତ ରଖା ହୋଇଥିବା ହୀରା ପରି ହୋଇଗଲା । ଚତୁର ହୀରାବେପାରୀ ଯେପରି ତାଙ୍କ ଆଗରେ ରଖାଯାଇଥିବା ଭିନ୍ନ ଭିନ୍ନ ରଙ୍ଗବେରଙ୍ଗ ଓ ଚକ୍ ଚକ୍ କରୁଥିବା ପଥରମାନଙ୍କ ମଧ୍ୟରୁ ହୀରାକୁ ଚିହ୍ନି ବାହାର କରିଦେଇପାରନ୍ତି, ଭକ୍ତ ମଧ୍ୟ ସେହିପରି ନିଜର ଭଗବାନଙ୍କୁ, ସେ ଯେପରି ବେଶରେ ଥାଆନ୍ତୁ ନା କାହିଁକି, ତୁରନ୍ତ ଚିହ୍ନିଦେଇପାରେ । ମାଳତୀ ଓ ନାରାୟଣ ଦାସ ତ ଭଗବାନଙ୍କ ବିଶୁଦ୍ଧ ଓ ଅନନ୍ୟ ଭକ୍ତ; ସେମାନେ ଭଗବାନଙ୍କ ଦର୍ଶନପାଇଁ ହିଁ ସର୍ବସ୍ୱ ତ୍ୟାଗ କରି ପ୍ରଭୁଙ୍କ ଭରସାରେ ଘରୁ ବାହାରିଆସିଛନ୍ତି । ଏପରି ସ୍ଥିତିରେ ଭଗବାନ ତାଙ୍କୁ ଦର୍ଶନ ନ ଦେଇ ରହିପାରିବେ କିପରି ? ଭକ୍ତବତ୍ସଳ ତୁରନ୍ତ ସେମାନଙ୍କ ଆଗରେ ନିଜର ଦିବ୍ୟମଧୁର ରଘୁନାଥ ମୂର୍ତ୍ତି ଧାରଣ କଲେ । ଭଗବାନଙ୍କର ଦିବ୍ୟରୂପ ଦର୍ଶନ କରିବାକ୍ଷଣି ଦମ୍ପତି ମୁଗ୍ଧ ହୋଇଗଲେ । ସେମାନଙ୍କର ନେତ୍ର ତୃପ୍ତ ହୋଇଗଲା । ସେମାନେ ମହାପ୍ରଭୁଙ୍କୁ ବାରମ୍ବାର ପ୍ରଣାମ କରି ଗଦ୍‌ଗଦ କଣ୍ଠରେ ତାଙ୍କର ସ୍ତୁତି କଲେ, ‘‘ହେ ପ୍ରଭୋ ! ହେ ଦୀନଦୟାଳୁ ! ଧନ୍ୟ ! ଧନ୍ୟ !! ଧନ୍ୟ ଆପଣଙ୍କର ଭକ୍ତବତ୍ସଳତା ! ଆମ ପରି ସାଧାରଣ ପ୍ରାଣୀଙ୍କ ପାଇଁ ଆପଣ ଏ ଘୋର ଅରଣ୍ୟକୁ ଧାଇଁ ଆସିଲେ ! ଆହା ! ଆପଣଙ୍କ ପରି ଦୟାଳୁ ପ୍ରଭୁଙ୍କୁ ଛାଡ଼ି ପାମର ମନୁଷ୍ୟ କି ଲାଭପାଇଁ ବା ଅନ୍ୟର ଉପାସନା କରନ୍ତି !’’

ଭକ୍ତଙ୍କର ବିଶୁଦ୍ଧ ଭାବ ଦେଖି ଭଗବାନ ମଧ୍ୟ ମୁଗ୍ଧ ହୋଇଗଲେ । ସେ ଦିବ୍ୟମଧୁର କଣ୍ଠରେ କହିଲେ, ‘‘ହେ ମୋର ପ୍ରିୟ ଭକ୍ତ ! ତୁମର ବିମଳ ପ୍ରେମଯୋଗୁ ମୁଁ ତୁମମାନଙ୍କର ଅଧୀନ ହୋଇଯାଇଛି । ଆଜି ମୁଁ ତୁମମାନଙ୍କ ଉପରେ ବିଶେଷ ପ୍ରସନ୍ନ । ତୁମର ଯାହା ଇଚ୍ଛା ହେଉଛି, ବର ମାଗ । ତୁମର ପ୍ରତ୍ୟେକ ଇଚ୍ଛା ପୂର୍ଣ୍ଣ କରିବାପାଇଁ ମୁଁ ପ୍ରସ୍ତୁତ ।’’

ପତିପତ୍ନୀ ଅତ୍ୟନ୍ତ ବିନୀତଭାବରେ କହିଲେ, ‘‘ପ୍ରଭୁ ! ଆପଣଙ୍କର ଦର୍ଶନରେ ଆମର ସକଳ ଇଚ୍ଛା ପୂର୍ଣ୍ଣ ହୋଇଯାଇଛି । ଆମର ଯାହା କିଛି ଲୋଡ଼ା ଥିଲା, ସେସବୁ ମିଳିଗଲାଣି । ଏବେ ଆମର କୌଣସି ବରଦାନ ଆବଶ୍ୟକ ନାହିଁ; ତଥାପି ହେ ପ୍ରଭୋ ! ଏତିକି ଆଶୀର୍ବାଦ ଅବଶ୍ୟ ଦିଅନ୍ତୁ,

ଯେପରି ଆପଣ ନିରନ୍ତର ଆମର ଅନ୍ତରରେ ବିଚରଣ କରିବେ ଓ ଆମେ ସଦାସର୍ବଦା ଆପଣଙ୍କ ଧ୍ୟାନରେ ନିମଗ୍ନ ରହିବୁ ଓ ସଦାସର୍ବଦା ଆପଣଙ୍କର ଦିବ୍ୟସ୍ୱରୂପକୁ ଦର୍ଶନ କରୁଥିବୁ ।'' ଭଗବାନ 'ତଥାସ୍ତୁ' କହି ଆହୁରି କହିଲେ, ''ଯାଅ, ଅଯୋଧ୍ୟାରେ ରହି ଶେଷ ଜୀବନ ମୋର ସେବାରେ ବିତାଅ ଓ ଦେହ ଛାଡ଼ିବା ପରେ ମୋର ପରମଧାମକୁ ଯିବ ।'' ଏତିକି କହି ଅନ୍ତର୍ଯାମୀ ଅନ୍ତର୍ଦ୍ଧାନ ହୋଇଗଲେ । ନାରାୟଣ ଦାସ ଓ ମାଳତୀ ପ୍ରଭୁଙ୍କୁ ଅସଂଖ୍ୟ ପ୍ରଣାମ କରି ଓ ତାହାଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଗଦ୍‌ଗଦ କଣ୍ଠରେ ପ୍ରଭୁଙ୍କ ମହିମା ଗାଇ ଗାଇ ପ୍ରଭୁଙ୍କ କୃପାରେ ଅଳ୍ପଦିନ ଭିତରେ ନିର୍ବିଘ୍ନରେ ଅଯୋଧ୍ୟାରେ ପହଞ୍ଚିଗଲେ । ସେଠାରେ ଗୋଟିଏ ଛୋଟ ପର୍ଣ୍ଣକୁଟୀର ତୋଳି ଭଗବତ୍ ଭଜନ ଓ ସାଧୁସେବାରେ ନିଜର ଶାନ୍ତିପୂର୍ଣ୍ଣ ଜୀବନ ବିତାଇଲେ । ଶେଷରେ ଦେହ ତ୍ୟାଗ କରି, ଉଭୟେ ଭଗବାନ ଶ୍ରୀରାମଙ୍କ ଅଭୟ ଚରଣକମଳରେ ଅଚଳ ସ୍ଥାନ ପ୍ରାପ୍ତ କରି ଚିରଦିନପାଇଁ କୃତାର୍ଥ ହୋଇଗଲେ ।

ବୋଲ—ଭକ୍ତ ଓ ଭଗବାନଙ୍କର ଜୟ !

॥ ଶ୍ରୀହରିଃ ॥

ଭକ୍ତ ବନ୍ଧୁ ମହାନ୍ତି

(୧)

ଓଡ଼ିଶାର ଯାଜପୁରରେ ବନ୍ଧୁ ମହାନ୍ତି ବୋଲି ଜଣେ ଭକ୍ତ ରହୁଥିଲେ। ତାଙ୍କ ଘରେ ପତିପରାୟଣା ଧର୍ମପତ୍ନୀ, ଗୋଟିଏ ପୁଅ ଓ ଦୁଇଟି ଝିଅ ଥିଲେ। ବନ୍ଧୁ ମହାନ୍ତି ବଡ଼ ଗରିବ ଥିଲେ। ଭିକ ମାଗିବା ହିଁ ତାଙ୍କର ଜୀବିକା ଥିଲା; କିନ୍ତୁ ଭିକ ମାଗି ଧନ ସଂଗ୍ରହ କରିବା ଓ ଜମିରେ ଗାତ କରି ଟଙ୍କା ସଞ୍ଚୟ କରିବା ତାଙ୍କର କାମ ନ ଥିଲା। ସେ ଗାଆଁକୁ ଯାଇ ଦିନକପାଇଁ ଖାଇବାକୁ ମିଳିଗଲେ ଲେଉଟି ଆସୁଥିଲେ ଓ ତାହା ଆଣି ପତ୍ନୀଙ୍କୁ ଦେଇଦେଉଥିଲେ। ସେହି ଅନ୍ନରେ ଅତିଥିସେବା କରୁଥିଲେ, ପିଲାମାନଙ୍କୁ ଖାଇବାକୁ ଦେଉଥିଲେ ଓ ଯଦି ଶେଷରେ କିଛି ବଳିଯାଏ, ଉଭୟେ ଖାଉଥିଲେ; ନଚେତ୍ ହରିନାମ ଧରି ଉପବାସ ରହୁଥିଲେ। ବାହାରୁ ଦେଖିଲେ ବନ୍ଧୁ ମହାନ୍ତିଙ୍କ ପାରିବାରିକ ସ୍ଥିତି ବଡ଼ ଦାରୁଣ ଥିଲା। ତଥାପି ତାଙ୍କ ହୃଦୟରେ ଲେଶମାତ୍ର କ୍ଲେଶ ନ ଥିଲା। ଭଗବାନଙ୍କ ପ୍ରତି ଅଟଳ ବିଶ୍ୱାସ ଓ ପ୍ରଗାଢ଼ ପ୍ରେମ ତାଙ୍କର ଅନ୍ତରକୁ ଅତ୍ୟନ୍ତ ମଧୁମୟ କରିଥିଲା। ସ୍ତ୍ରୀ-ପୁରୁଷ ଦୁହେଁ ଦିନରାତି ଭଗବାନଙ୍କ ସ୍ମରଣରେ ଲାଗିରହିଥିଲେ। ଭଗବାନଙ୍କ ନାମ ହିଁ ଥିଲା ତାଙ୍କ ପାଇଁ ମହାମନ୍ତ୍ର। ଭଗବାନଙ୍କ ଭକ୍ତ ହିଁ ଥିଲେ ତାଙ୍କର ପ୍ରତ୍ୟକ୍ଷ ଦେବତା। ଭଗବାନଙ୍କର ତଥା ଭକ୍ତମାନଙ୍କର ପ୍ରସାଦ ହିଁ ଥିଲା ସେମାନଙ୍କ ପାଇଁ ଉତ୍ତମ ଆହାର ଓ ତାଙ୍କର ଚରଣୋଦକ ହିଁ ଥିଲା ତାଙ୍କର ସର୍ବବ୍ୟାଧିନାଶକ ମହୌଷଧି। ସେମାନଙ୍କର କୌଣସି ବସ୍ତୁପ୍ରତି ଲୋଭ ନ ଥିଲା, ସେମାନେ ବିଷୟୀ ମନୁଷ୍ୟମାନଙ୍କ ଦୃଷ୍ଟିରେ ସଞ୍ଚୟହୀନ ଦରିଦ୍ର ଭିକାରି ଥିଲେ ମଧ୍ୟ ମନରେ ମହାଧନୀ ଥିଲେ; ବାଦଶାହଙ୍କ ବାଦଶାହ ଥିଲେ। ସତରେ—

ଗୃହ ଗୟୀ, ଚିନ୍ତା ଗୟୀ ମନୁଆଁ ବେପରବାହ ।
ଜିନ୍‌କୋ କଛୁ ନା ଗ୍ରହିୟେ ସୋ ଜଗ ଶାହନଶାହ ॥

ଅର୍ଥାତ୍ ଯାହା ମନରୁ ଆଶା ଗ୍ୱଲିଗଲା, ଚିନ୍ତା ଗ୍ୱଲିଗଲା ଓ ମନ ନିର୍ଭୟ ହୋଇଗଲା ଏବଂ ଯାହାର କାମନା ବୋଲି କିଛି ରହିଲା ନାହିଁ, ସେ ଏ ଜଗତର ବାଦଶାହମାନଙ୍କର ବାଦଶାହ ହୋଇଯାନ୍ତି ।

କେତେ ବଡ଼ ସମ୍ରାଟ ହେଲେ କ'ଣ ହେବ ! ଯଦି ହୃଦୟ ଚିନ୍ତାଜ୍ୱାଳାରେ ଦଗ୍ଧ ହେଉଛି, ତେବେ ସେ ଭିକାରିଠାରୁ ମଧ୍ୟ ଅଧିକ ଦୁଃଖୀ । ଏଣେ ଯେଉଁ ପୁରୁଷ ଆଶାମୁକ୍ତ ଓ ନିଃସ୍ପୃହ, ସେ କାଙ୍ଗାଳ ହେଲେ ମଧ୍ୟ ପରମ ଧନବାନ୍ ଅଟନ୍ତି । ବାଦଶାହ ତାଙ୍କ ଚରଣରେ ମୁଣ୍ଡ ଲଗାଇ ପାରନ୍ତି, କିନ୍ତୁ ସେ କୌଣସି ବାଦଶାହଙ୍କ ଦୁଆରକୁ ଯାଆନ୍ତି ନାହିଁ । ପୁଣି ଯାହାଙ୍କର ଭଜନ-ଧନ ଅଛି, ସକଳ ଐଶ୍ୱର୍ଯ୍ୟର ଆଧାର ଈଶ୍ୱର ଯାହାଙ୍କର ଆଶ୍ରୟ, ତାଙ୍କ କଥା ତ ଆହୁରି ଅଦ୍ଭୁତ । ଏହି କାରଣରୁ ବନ୍ଧୁ ମହାନ୍ତି ଦରିଦ୍ର ହେଲେ ମଧ୍ୟ ପରମ ସୁଖୀ ଥିଲେ । ତାଙ୍କର ଭଙ୍ଗାକୁଡ଼ିଆ, ଫଟାହାଣ୍ଡି, ଚିରାକନ୍ଥା, ଶହଶହ ଗଣ୍ଠି ପଡ଼ିଥିବା ଧୋତି ଓ ଜୀର୍ଣ୍ଣ ଶରୀରର ଆବରଣକୁ ଭେଦ କରି ଭିତରକୁ ଗ୍ୱହିଁଲେ ଜଣାଯାଉଥିଲା, ସତେ ଯେପରି ବିଶ୍ୱର ସମସ୍ତ ଆନନ୍ଦ ତାଙ୍କ ଅଧିକାରରେ ରହିଛି, ସମସ୍ତ ଆନନ୍ଦ କେବଳ ତାଙ୍କରି ସମ୍ପଦ ହୋଇଯାଇଛି ।

ଥରେ ଦେଶରେ ଭୟାନକ ମରୁଡ଼ି ଓ ଦୁର୍ଭିକ୍ଷ ପଡ଼ିଲା । ଜମିରେ ଫସଲ ରହିଲା ନାହିଁ, ଜଙ୍ଗଲରେ ଘାସ ରହିଲା ନାହିଁ ଓ କୂଅପୋଖରୀରେ ପାଣି ରହିଲା ନାହିଁ । ଗ୍ୱରିଆଡ଼େ ହାହାକାର ପଡ଼ିଗଲା । କେଉଁଠି ଭିକ ମିଳିଲା ନାହିଁ; ତିନିଦିନ ହେଲାଣି, ବନ୍ଧୁ ମହାନ୍ତିଙ୍କ ପରିବାର ଉପବାସ ଅଛନ୍ତି । ବନ୍ଧୁ ମହାନ୍ତି ଓ ତାଙ୍କ ପତ୍ନୀଙ୍କୁ ନିଜପାଇଁ ତ କୌଣସି କ୍ଷୋଭ ନାହିଁ; କିନ୍ତୁ ପିଲାମାନଙ୍କ କଷ୍ଟ ଦେଖି ମାଆଙ୍କ ହୃଦୟ କମ୍ପି ଉଠୁଥିଲା । ସତୀ ପତିଙ୍କୁ କହିଲେ, "ସ୍ୱାମୀ, ମୋର ତ ବାପଘରେ କେହି ବି ନାହିଁ, ଯାହାଙ୍କ ଠାରୁ କିଛି ସାହାଯ୍ୟ ମିଳିପାରିଥାନ୍ତା । କିନ୍ତୁ ଆପଣଙ୍କର କୌଣସି ବନ୍ଧୁବାନ୍ଧବ ଅଛନ୍ତି କି ? ଯଦି କେଉଁଠି ଅଛନ୍ତି, ଗ୍ୱଲନ୍ତୁ ସେଠିକି ଯିବା । ପିଲାଙ୍କୁ ଦୁଇମୁଠା ଅନ୍ନ ମିଳିଗଲେ ଦୁର୍ଭିକ୍ଷର ଦାରୁଣ ଦିନଗୁଡ଼ିକ କୌଣସିପ୍ରକାରେ କଟିଯିବ ।"

ବନ୍ଧୁ ମହାନ୍ତି କହିଲେ, "ସତି ! ମୋର ଏହି ଜଗତରେ କେହି

ଆତ୍ମୀୟସ୍ୱଜନ ନାହିଁ । ହଁ, ଜଣେ ହୃଦୟର ମିତ୍ର ଅଛନ୍ତି, କିନ୍ତୁ ସେ ବହୁତ ଦୂରରେ ପୁରୀରେ ରହୁଛନ୍ତି—ଏଠାରୁ ପୁରୀ ପାଞ୍ଚଦିନର ରାସ୍ତା, ଆମେ ଯଦି ତାଙ୍କ ପାଖରେ ପହଞ୍ଚିଯିବା, ତେବେ ଆମର ସବୁଭୋକ ସବୁଦିନପାଇଁ ମେଣ୍ଟିଯିବ । ଓଃ ! ତାଙ୍କ ନାମ କେଡ଼େ ମଧୁର ! ପ୍ରିୟେ ! ମୋର ସେହି ବନ୍ଧୁଙ୍କ ନାମ ଦୀନବନ୍ଧୁ । ସେ ଆମପରି ଦୀନ ଲୋକଙ୍କ ପ୍ରତି ବଡ଼ ଦୟାଳୁ ।'' ସତୀଙ୍କୁ ପତିଙ୍କ କଥାରେ ଅତ୍ୟନ୍ତ ସନ୍ତୋଷ ମିଳିଲା । ସେ ଖୁସୀ ହୋଇ କହିଲେ, ''ପ୍ରାଣନାଥ ! ପାଞ୍ଚଦିନର ବାଟ ହେଲେ କ'ଣ ହେଲା ! ଗ୍ଲଲନ୍ତୁ, ସେଠାରେ ଦୀନବନ୍ଧୁଙ୍କ ଦରବାରକୁ ଯାଇ ନିଜର ସକଳ ଦାରିଦ୍ର୍ୟଦୁଃଖ ସବୁଦିନପାଇଁ ଦୂର କରିଦେବା । ପୁଅକୁ ଆପଣ କାନ୍ଧ ଉପରେ ବସାନ୍ତୁ; ସାନଝିଅକୁ ମୁଁ ଧରିବି; ବଡ଼ଝିଅ ଗ୍ଲଲିପାରିବ । ଜିନିଷପତ୍ର ତ କିଛି ନାହିଁ ଯେ ଉଠାଇବାକୁ ପଡ଼ିବ । ପାଞ୍ଚଟା ଦିନ ଶାଗପତ୍ର ଖାଇ ରହିଯିବା ।''

ବନ୍ଧୁ ମହାନ୍ତି ଆନନ୍ଦରେ ସମ୍ମତି ଦେଇଦେଲେ । ପତ୍ନୀ ଘର ଭିତରକୁ ଗଲେ । ଏଣେ ବନ୍ଧୁ ମହାନ୍ତି ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରିବାରେ ଲାଗିଲେ, ''ପ୍ରଭୋ ! ହେ ମୋର ନାଥ ! ତୁମେ ଅନ୍ତର୍ଯାମୀ, ତୁମେ ସବୁ ଜାଣିପାର । ମୁଁ କାହିଁକି ଦେଶ ଛାଡ଼ି ଯାଉଛି, ତୁମକୁ କିଛି ଲୁଗ୍ଲଛପା ନାହିଁ । ପ୍ରଭୋ ! ତୁମର ପ୍ରେମ ହିଁ ମୋତେ ଟାଣିନେଉଛି । ବହୁତ ଦିନରୁ ତୁମର ଚରଣଦର୍ଶନର ଅଭିଳାଷ ଥିଲା । ଆଜି ଏହି ଦୁର୍ଭିକ୍ଷରୂପୀ ବନ୍ଧୁଙ୍କ ସାହାଯ୍ୟରେ ଜଗତବନ୍ଧୁଙ୍କ ଦର୍ଶନମନୋରଥ ସଫଳ ହେବ । ମୃତ୍ୟୁଭୟରେ ଦେଶ ଛାଡ଼ିବା ତ ପାଗଳଙ୍କ କାମ । ମୃତ୍ୟୁ କେଉଁଠି ନାହିଁ ? ସଂସାରରେ ଏପରି କେଉଁ ସ୍ଥାନ ଅଛି, ଯେଉଁଠି ତୁମେ ମୃତ୍ୟୁରୂପରେ କ୍ରୀଡ଼ା କରୁ ନାହଁ ! କ'ଣ ଅନ୍ନ ନ ମିଳିବାରୁ କେହି ଭଗବଦ୍‌ବିଶ୍ୱାସୀ କେଉଁଠିକି ଯାଏ ? ନାଥ ! ତୁମେ ବିଶ୍ୱମ୍ଭର, ଜଳସ୍ଥଳରେ ଥିବା ସମସ୍ତଙ୍କ ପେଟ ପୂରେ । ତୁମେ ସମୁଦ୍ରଭିତର ପାହାଡ଼ରେ ଥିବା କ୍ଷୁଦ୍ର କୀଟକୁ ମଧ୍ୟ ଖାଦ୍ୟ ଯୋଗାଉଛ । ଏପରି ବିଶ୍ୱମ୍ଭରଙ୍କୁ ପାଇ, ତୁମର ସତ୍ତା ଓ ମହାନତା ଜାଣିପାରି ଏପରି କିଏ ଅଛି ଯେ, ପେଟପାଇଁ ଦ୍ୱାର ଦ୍ୱାର ଦୌଡ଼ିବ ? ନାନାପ୍ରକାର ପାପ କରିବ ? ତୁମର ବିଶ୍ୱମ୍ଭରପଣକୁ ନ ମାନି ପେଟପାଇଁ ପାପ କରିବା ହେଉଛି

ଅବିଶ୍ୱାସୀର କାମ। ମୋ ନାଥ ! ମୁଁ ତ ଆଜି ଏମାନଙ୍କୁ ନେଇ ତୁମର ମନମୋହନ ଛବି ଦେଖିବାପାଇଁ ଯାଉଛି। ହେ ପ୍ରଭୁ ! ସେହି ଦିନ କେବେ ଆସିବ, ଯେବେ ମୋତେ ତୁମର ଚରଣକମଳ ଦର୍ଶନର ସୌଭାଗ୍ୟ ମିଳିବ ? ସେତକ ହେଲେ ମୁଁ ଜାଣିବି ଯେ, ଏ ଦୁର୍ଭିକ୍ଷ ମୋର ବଡ଼ ହିତକାରୀ ବନ୍ଧୁ; ତେଣୁ ମୋତେ ତୁମର ସର୍ବକଲ୍ୟାଣମୟୀ ଶ୍ରୀମୂର୍ତ୍ତି ଦର୍ଶନ କରାଇଲା। ପ୍ରଭୁ ! ଆଶୀର୍ବାଦ ଦିଅନ୍ତୁ, ଯାହା ଫଳରେ ନୀଳାଚଳରେ ପହଞ୍ଚି ତୁମର ସୁରମୁନିବନ୍ଦିତ ଚରଣ ଦର୍ଶନ କରିପାରିବି।"

ଏହାପରେ ସେ ସ୍ତ୍ରୀ ଓ ପିଲାମାନଙ୍କୁ ନେଇ ବାହାରକୁ ଆସିଗଲେ। ବନ୍ଧୁ ମହାନ୍ତି ଫଟାକନ୍ଥାର ଗଣ୍ଠିରି ମୁଣ୍ଡରେ ମୁଣ୍ଡାଇଲେ। ହାତରେ ଲୋଟା ଧରିଲେ। ପୁଅକୁ କାନ୍ଧ ଉପରେ ବସାଇଲେ ଓ 'ଶ୍ରୀହରି ଶ୍ରୀହରି' କହି ବାହାରିପଡ଼ିଲେ। ପତ୍ନୀ ଛୋଟ ଝିଅକୁ କାଖେଇ ବଡ଼ ଝିଅର ହାତ ଧରି ପଛେ ପଛେ ଗ୍ଲିଲେ।

ରାସ୍ତାରେ କେଉଁଠି ଅନ୍ନ ମିଳିଲା ନାହିଁ। ଶାଗପତ୍ର ଖାଇ ଭୋକ ମେଣ୍ଟାଇଲେ। ବନ୍ଧୁଙ୍କୁ ତ ଭୋକଶୋଷର ଚିନ୍ତା ନାହିଁ; ସେ ତ ପ୍ରିୟତମଙ୍କ ମିଳନପାଇଁ ଶୀଘ୍ର ଶୀଘ୍ର ଦୌଡ଼ିଯିବାକୁ ଗ୍ହାଁନ୍ତି। କିନ୍ତୁ ଭୋକିଲା ସ୍ତ୍ରୀପିଲାଙ୍କୁ ସାଥିରେ ରଖିଥିବାରୁ ସେପରି କରିପାରୁ ନ ଥାନ୍ତି। ପଞ୍ଚମ ଦିନ ସନ୍ଧ୍ୟାରେ ବନ୍ଧୁ ମହାନ୍ତି ସପରିବାର ପୁରୀ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। ଦୂରରୁ ଶ୍ରୀମନ୍ଦିର ଦର୍ଶନ କରି ସେ ଆନନ୍ଦ ଗଦ୍‌ଗଦ ହୋଇଗଲେ। କହିଲେ, "ସତି ! ଦେଖ, ମୋର ପ୍ରିୟବନ୍ଧୁ ଦୀନବନ୍ଧୁଙ୍କ ମନ୍ଦିର ଦେଖାଯାଉଛି।" ପତିଙ୍କ ବଚନ ଶୁଣି ପତ୍ନୀଙ୍କ ଶରୀରରେ ମଧ୍ୟ ବଳ ଆସିଗଲା। ସେ ଭାବିଲେ, ଏବେ ପିଲାଙ୍କ ପ୍ରାଣ ଅବଶ୍ୟ ରହିଯିବ। ନବୀନ ଆଶାରେ ତାଙ୍କର ହୃଦୟ ପୂରି ଉଠିଲା। ମଳିନ ମୁଖ ହଠାତ୍ ସତେଜ ହୋଇଗଲା। ଦେଖୁ ଦେଖୁ ସମସ୍ତେ ସିଂହଦ୍ୱାର ଆଗରେ ପହଞ୍ଚିଗଲେ। ଆନନ୍ଦ ଆବେଶରେ ସମସ୍ତ କ୍ଳେଶ ଦୂର ହୋଇଗଲା।

(୨)

ସିଂହଦ୍ୱାରରେ ପ୍ରବଳ ଭିଡ଼। ସେ ସମୟରେ ସ୍ତ୍ରୀପିଲାଙ୍କୁ ସାଥିରେ ନେଇ ଭିତରକୁ ଯିବା ଅସମ୍ଭବ ଭାବି ବନ୍ଧୁ ମହାନ୍ତି ଦୂରରୁ ହିଁ ଭଗବାନ

ଜଗତ୍‌ବନ୍ଧୁଙ୍କ ଦର୍ଶନ କଲେ ଏବଂ ମନ୍ଦିରର ଦକ୍ଷିଣପାର୍ଶ୍ୱରେ ଥିବା ପେଜନଳା ନିକଟରେ ସମସ୍ତଙ୍କୁ ବସାଇଦେଲେ। କିଛି ସମୟ ପରେ ସ୍ତ୍ରୀ କହିଲେ, "ସ୍ୱାମୀ ! ବନ୍ଧୁଙ୍କ ଘରକୁ ଆସି ମଧ୍ୟ ଏହି ପେଜନଳା ପାଖରେ କାହିଁକି ବସିରହିଛ ? ଦେଖ, ସନ୍ଧ୍ୟା ହେଲାଣି, ଅନ୍ଧାର ମାଡ଼ି ଆସିବ। ଅନ୍ଧାରରେ ପିଲାମାନଙ୍କୁ ନେଇ କେଉଁଠିକି ଯିବା ? ଥରେ ତୁମ ବନ୍ଧୁଙ୍କୁ ସାକ୍ଷାତ କରି ଆସ; ଯଦି କିଛି ମିଳିବ, ଆଣି ପିଲାମାନଙ୍କ ଜୀବନ ବଞ୍ଚାଅ।"

ଥରେ ଦ୍ୱାପରଯୁଗରେ ସୁଦାମାଙ୍କ ସରଳହୃଦୟା ପତ୍ନୀ ମଧ୍ୟ ଦାରିଦ୍ର୍ୟଯୋଗୁ ଦୁଃଖୀ ହୋଇ ପତିଦେବଙ୍କୁ ତାଙ୍କର ବନ୍ଧୁବର ଶ୍ରୀ ଦ୍ୱାରକାଧୀଶଙ୍କ ନିକଟକୁ ପଠାଇଥିଲେ। ତା'ର ପୁନରାବୃତ୍ତି ଏଠାରେ ବି ହେଉଛି। ଦୃଢ଼ନିଶ୍ଚୟୀ ବନ୍ଧୁ ମହାନ୍ତି ମନେ ମନେ ଚିନ୍ତା କଲେ, "ତୁଚ୍ଛ ଆହାର କାମନାରେ ଦୀନବନ୍ଧୁଙ୍କ ପାଖକୁ ଯିବା ଉଚିତ ନୁହେଁ। ସକାଳ ହେଲେ ମନ୍ଦିର ଖୋଲିବା ପରେ ଦର୍ଶନପାଇଁ ଯିବି।" ଅତଏବ ସେ କହିଲେ, "ସତି ! ଆମେମାନେ ବଡ଼ ଅସୁବିଧା ସମୟରେ ଆସିଛେ। ଏହି ସମୟରେ ବନ୍ଧୁଙ୍କ ସହିତ ଭେଟ ହେବା ବଡ଼ କଠିନ। ଆଜି ଅନେକ ଜାଗାରୁ, ବହୁ ଦୂରରୁ, ତାଙ୍କର ଆହୁରି ଅନେକ ମିତ୍ର ଆସିଛନ୍ତି । ସେମାନଙ୍କର ଭିଡ଼ଯୋଗୁ ମନ୍ଦିର ଭିତରେ ପଶିବା କଠିନ ହେଉଛି। ଆଜି ପେଜନଳାର ପେଜ ପିଇ ରାତିଟି କଟାଅ; ସକାଳେ ଏକାନ୍ତରେ ବନ୍ଧୁଙ୍କୁ ଭେଟି ସବୁ କଥା କହିବି।"

ଆଦର୍ଶ ପତିବ୍ରତା ପତିଙ୍କ କଥାକୁ ପସନ୍ଦ କଲେ। ସେ କହିଲେ, "ଭଲ କଥା, ଏବେ ପେଜ ପିଇ ରହିଯିବା।" ବନ୍ଧୁ ମହାନ୍ତି କେଉଁଠୁ ଗୋଟିଏ ଫଟା କୁଡୁଆ ଉଠାଇ ଆଣିଲେ ଏବଂ ପେଜକୁଣ୍ଡରୁ ପେଜ କାଢ଼ି ପତ୍ନୀଙ୍କୁ ଦେଲେ। ସ୍ତ୍ରୀ ତିନିପିଲାଙ୍କୁ ପେଜ ପିଆଇଦେଲେ ଓ ନିଜେ ବି ପେଟ ଭରି ପିଇଲେ। ଆହା ! ଅନ୍ନର ମୂଲ୍ୟ ଭୋକିଲା ଲୋକେ ହିଁ ଜାଣନ୍ତି। ଯେଉଁମାନଙ୍କୁ ଅଧିକ ଖାଇବାଯୋଗୁ ମନ୍ଦାଗ୍ନି ହୋଇଛି, ସେମାନଙ୍କୁ ଭୋକର ବ୍ୟାକୁଳତା ଜଣାପଡ଼େ ନାହିଁ। ଆଜି ଏହି ଭୋକିଲା ପ୍ରାଣୀମାନଙ୍କୁ ଏହି ପେଜ କେଡ଼େ ମିଠା ଲାଗୁଛି, କିପରି ଅମୃତର ସ୍ୱାଦ ଦେଉଛି, ତାହା ଅନ୍ୟମାନଙ୍କୁ ଅନୁଭବ ହୋଇପାରିବ ନାହିଁ। ପୁଣି ଏହା ତ ଭଗବାନଙ୍କ ପ୍ରସାଦର ପେଜ। ଏଥିରେ ତ ଅତ୍ୟନ୍ତ ମାଧୁରୀ ରହିଛି।

ସ୍ତ୍ରୀ-ପିଲାଙ୍କ ପେଟ ପୂରିଗଲା। ସେମାନେ ଶୋଇପଡ଼ିଲେ। ଏପଟେ ବନ୍ଧୁ ମହାନ୍ତି ପ୍ରେମପୂର୍ଣ୍ଣ ହୃଦୟରେ ନିଜର ବନ୍ଧୁଙ୍କ ଚିନ୍ତନ କରିବାକୁ ଲାଗିଲେ। ସେ ମନେ ମନେ କହିଲେ—

"ହେ ମୋର ନାଥ ! ତୁମ ଚରଣରେ ନମସ୍କାର। ତୁମେ ସାରା ଚରାଚରଜଗତରେ ବ୍ୟାପ୍ତ। ତୁମେ ସବୁ ଜୀବଙ୍କ ମନୋରଥ ପୂର୍ଣ୍ଣ କରିଥାଅ। ଏହି ଜଗତରେ ତୁମ ଛଡ଼ା ଆଉ କେହି ବି ସ୍ୱତନ୍ତ୍ର କର୍ତ୍ତା ନାହିଁ। ତୁମେ ବଡ଼ କୃପାଳୁ। ଜୀବମାନଙ୍କ ଉପରେ କୃପା କରିବା ହିଁ ତୁମର ସ୍ୱଭାବ। ଯଦି ମୋ ମନରେ କୌଣସି କାମନା ଥାଏ, ତାହା ଦୂର କରିଦିଅ ଓ ଏପରି କୃପା କର, ଯେପରି ମୁଁ ପ୍ରତିକ୍ଷଣ ତୁମର କୃପାର ଦର୍ଶନ କରିପାରିବି। ସ୍ତ୍ରୀଙ୍କୁ କହିଦେଇଛି, ସକାଳେ ତୁମ ସହିତ ଭେଟି ସକଳ ଦୁଃଖର କାହାଣୀ ଶୁଣାଇବି। ପରନ୍ତୁ ହେ ନାଥ ! ମୁଁ କ'ଣ ଶୁଣାଇବି ? ତୁମେ ତ ସବୁ ଜାଣ।" ଏପରି ପ୍ରାର୍ଥନା କରୁ କରୁ ବନ୍ଧୁ ମହାନ୍ତି ଧ୍ୟାନସ୍ଥ ହୋଇଗଲେ।

ଏଣେ ଶ୍ରୀଜଗନ୍ନାଥଙ୍କ ସେବା ସମାପ୍ତ ହେଲା। ପୁଷ୍ପାଞ୍ଜଳି ଦିଆଗଲା। ଶେଯ ପଡ଼ିଲା। ପ୍ରଭୁ ଶୋଇଲେ। ଭଣ୍ଡାରରକ୍ଷକ ଭଣ୍ଡାରରେ ତାଲା ଲଗାଇଲେ। ପଣ୍ଡାମାନେ ମନ୍ଦିରଦ୍ୱାରରେ ଦଉଡ଼ି ବାନ୍ଧି ସେଥିରେ ମୋହର ଲଗାଇଦେଲେ। ଦିହୁଡ଼ି ଜଳିବା ବନ୍ଦ ହେଲା; ମନ୍ଦିରରୁ ସମସ୍ତେ ବାହାରିଗଲେ। ଗ୍ରିପଟର ଦ୍ୱାର ବନ୍ଦ କରିଦିଆଗଲା ଓ ତାଲା ପଡ଼ିଲା । ସେବକମାନେ ନିଜ ନିଜର ଘରକୁ ଯାଇ ଶୋଇଲେ।

ସମସ୍ତେ ଶୋଇଲେ; କିନ୍ତୁ ଭକ୍ତବତ୍ସଳ ଭଗବାନଙ୍କୁ ନିଦ ଆସିଲା ନାହିଁ । ଭକ୍ତଙ୍କ କରୁଣ ସ୍ଥିତି ସ୍ମରଣ ହେବାମାତ୍ରେ ସୁକୋମଳ ଶଯ୍ୟାରେ ଶୟନ ଓ ଶ୍ରୀଲକ୍ଷ୍ମୀଙ୍କ ପାଦସେବା ତାଙ୍କୁ ବୋଝ ପରି ମନେହେଲା। ସେ ଉଠିପଡ଼ି ତୁରନ୍ତ ଭଣ୍ଡାରଘରକୁ ଆସିଲେ। **'ଅଣୋରଣୀୟାନ୍ ମହତୋ ମହୀୟାନ୍'**ଙ୍କ ପାଇଁ କେଉଁ କଥା ବା ବଡ଼ ! ଭଣ୍ଡାରରୁ ରତ୍ନଥାଳି ବାହାର କଲେ; ସେଥିରେ ଆଗରୁ ସଞ୍ଚିତ ଛପନପ୍ରକାର ଭୋଗ ପ୍ରସାଦ ସଜାଇ, ସ୍ୱୟଂ ଏକ ବ୍ରାହ୍ମଣବେଶରେ ତାହା ଧରି, ବାହାରକୁ ଆସି ଡାକ ପକାଇଲେ, "ବନ୍ଧୁ ! ହୋ ବନ୍ଧୁ !..."

ଡାକ ଶୁଣି ବନ୍ଧୁ ମହାନ୍ତିଙ୍କ ଆଖି ଖୋଲିଲା । ସେ ଭାବିଲେ, ଏତେ ରାତିରେ କିଏ ମୋତେ ଡାକିବାକୁ ଆସିବ ? ଅନ୍ୟ କୌଣସି ଲୋକର ନାମ 'ବନ୍ଧୁ' ହୋଇଥିବ । ପୁଣି ଭାବିଲେ, ପ୍ରଭୁ ଆସି ନାହାନ୍ତି ତ ! କିନ୍ତୁ ନିଶ୍ଚିତ ନ ହେବାଯାଏ କିଛି କହିବା ଉଚିତ ହେବ ନାହିଁ ବୋଲି ଭାବିଲେ ।

ପୁଣିଥରେ 'ବନ୍ଧୁ ବନ୍ଧୁ' ଡାକ ଶୁଭିଲା । ସ୍ତ୍ରୀ ଚେତା ହୋଇ ପତିଙ୍କୁ ଉଠାଇଲେ । କହିଲେ, "ଶୁଣନ୍ତୁ ତ ! କିଏ ଡାକୁଛନ୍ତି କି ?" ବନ୍ଧୁ ମହାନ୍ତି କହିଲେ, "ମୋତେ କିଏ ଡାକିବ ! କ'ଣ ପୁରୀରେ ଅନ୍ୟ କାହାର ନାମ ବନ୍ଧୁ ହୋଇ ନ ଥିବ ? ଶୋଇ ଯା; ବ୍ୟସ୍ତ ହୁଅ ନାହିଁ ।"

ପତିଙ୍କ ଆଦେଶରେ ସ୍ତ୍ରୀ ଶୋଇପଡ଼ିଲେ । ଅନ୍ତର୍ଯାମୀ ଭଗବାନ ଭକ୍ତ ମନକଥା ଜାଣି ପୁଣିଥରେ ଉଚ୍ଚସ୍ୱରରେ ଡାକିଲେ, କିନ୍ତୁ ଏଥର କେବଳ 'ବନ୍ଧୁ' ନ ଡାକି ଡାକିଲେ, 'ହୋ ଯାଜପୁରିଆ ବନ୍ଧୁ ! ହୋ ପେଜନଳା ପାଖରେ ସପରିବାର ଭୋକରେ ଥିବା ବନ୍ଧୁ ! ଉଠ ଭାଇ ! ଏଠିକି ଆସ । ମୁଁ ତୁମପାଇଁ ପ୍ରସାଦ ଧରି ଠିଆହୋଇଛି ।"

ବନ୍ଧୁ ମହାନ୍ତି ସବୁ ଶୁଣିଲେ, ତାଙ୍କ ଶରୀର ପୁଲକିତ ହୋଇଗଲା । ସେ ଭାବିଲେ, 'କଣ ସତରେ ଦୀନବନ୍ଧୁ ମୋତେ ଡାକୁଛନ୍ତି ? ମୁଁ ସ୍ୱପ୍ନ ଦେଖୁ ନାହିଁ ତ ? ସେ ପୁଣି ଡାକୁଛନ୍ତି ! ତାଙ୍କ ଛଡ଼ା ମୋତେ କିଏ ଚିହ୍ନିଛି ? କିଏ ସମସ୍ତଙ୍କ ଅବସ୍ଥା ଜାଣନ୍ତି ? ସେ ହିଁ ଡାକୁଛନ୍ତି ।' ଏହା ବିଚାର କରି ବନ୍ଧୁ ମହାନ୍ତି ଧଡ଼ପଡ଼ ହୋଇ ଉଠିଲେ । ଦେଖିଲେ, ଜଣେ ବ୍ରାହ୍ମଣ ରତ୍ନଥାଳି ଧରି ଠିଆ ହୋଇଛନ୍ତି । ବନ୍ଧୁ ଆଗକୁ ଆସିବାରୁ ବ୍ରାହ୍ମଣ କହିଲେ, 'ଆସିବାକୁ କଣ ଏତେ ଡେରି କରାଯାଏ ? ଡାକି ଡାକି ମୋ ତୋଟି ଶୁଖିଗଲାଣି । ଦେଖୁନା, ଥାଳି ବୋଝରେ ହାତ ଥର ଥର ହୋଇ କମ୍ପୁଛି । ଏ ଥାଳି ନିଅ; ଯାଅ, ଆଜି ଏତିକିରେ କାମ ଚଳାଅ; କାଲିଠାରୁ ତୁମର ରହିବା-ଖାଇବା ସମସ୍ତ ବ୍ୟବସ୍ଥା ହୋଇଯିବ । କୌଣସି ଚିନ୍ତା କର ନାହିଁ । ସୁଖରେ ଖାଇପିଇ ଶୁଅ ।'

ବନ୍ଧୁ ମହାନ୍ତି ମନ୍ତ୍ରମୁଗ୍ଧ ପରି ହୋଇଗଲେ । ସେ ଚକିତ ନୟନରେ ଚାହିଁ ରହିଲେ । ଆଜ୍ଞାନୁସାରେ ସେ ଥାଳି ନେଲେ; କିନ୍ତୁ କିଛି କହିପାରିଲେ ନାହିଁ । ସାହସ କରି କିଛି କହିବାକୁ ଯିବାବେଳକୁ ବ୍ରାହ୍ମଣବେଶଧାରୀ

ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେଣି । ବନ୍ଧୁ ମହାନ୍ତି ଜଡ଼ପଥର ପରି ସେଇଠି ଠିଆ ହୋଇ ରହିଲେ । ତାଙ୍କର ଏ ଦଶା କେତେ ସମୟପର୍ଯ୍ୟନ୍ତ ରହିଲା, ଜଣା ନାହିଁ । ତା'ପରେ ସେ ପାଗଳ ପରି ଝୁଲି ଝୁଲି ପେଜନଳା ପାଖକୁ ଆସିଲେ; ସ୍ତ୍ରୀ ଓ ପିଲାମାନଙ୍କୁ ଉଠାଇଲେ । ସମସ୍ତେ ମିଶି ପରମ ଆନନ୍ଦରେ ମହାପ୍ରସାଦ ସେବନ କଲେ । ପ୍ରସାଦ ଖାଇବାମାତ୍ରେ ଭୋକଶୋଷ ସବୁଦିନପାଇଁ ଦୂର ହୋଇଗଲା । ସ୍ତ୍ରୀ ଥାଳି ଧୋଇଦେଲେ । ବନ୍ଧୁ ମହାନ୍ତି ଥାଳି ଫେରାଇବାକୁ ସିଂହଦ୍ୱାରଯାଏ ଗଲେ; କିନ୍ତୁ ସେଠି କାହାକୁ ନ ଦେଖି ଫେରି ଆସିଲେ । ଥାଳିଟିକୁ ଗୋଟିଏ ଫଟା ପୁରୁଣା ଧୋତିରେ ଗୁଡ଼ାଇ ନିଜର ମୁଣ୍ଡ ପାଖରେ ରଖି ଶୋଇପଡ଼ିଲେ । ଅନ୍ୟ ସମସ୍ତଙ୍କୁ ତ ନିଦ ଆସିଗଲା; କିନ୍ତୁ ବନ୍ଧୁ ମହାନ୍ତିଙ୍କ ଅବସ୍ଥା ବିଚିତ୍ର ଥିଲା । ସେହି ଅବସ୍ଥା ନିଦ୍ରା ନୁହେଁ, କି ଜାଗ୍ରତ ନୁହେଁ । ତାହା ଥିଲା ମୋହ-ଆଳସ୍ୟର ଅତୀତ, ତାମସସୁଖର ଉର୍ଦ୍ଧ୍ୱରେ ଆତ୍ମାନନ୍ଦରେ ଉଦ୍ଭାସିତ ଏକ ମହାନ୍ ଆନନ୍ଦର ମାଦକତା । ଯାହାକୁ ଏହି ଅବସ୍ଥା ପ୍ରାପ୍ତ ହୁଏ, ସେ ହିଁ ଏହା କି ଆନନ୍ଦ, ଜାଣେ । ଭଗବାନଙ୍କ ରତ୍ନଥାଳି ଆଜି ବନ୍ଧୁମହାନ୍ତିଙ୍କୁ ଭଗବଦ୍‌ରୂପ ବୋଧ ହେଲା ଓ ସେ ତାହାକୁ କେତେବେଳେ ହୃଦୟରେ ଲଗାଇଲେ ତ, କେତେବେଳେ ମସ୍ତକରେ ଧରିଲେ; ପୁଣି କେତେବେଳେ ଆଖିରେ ସ୍ପର୍ଶ କରାଇଲେ । ଧୀରେ ଧୀରେ ଆନନ୍ଦ ମଦିରାର ନିଶା ବଢ଼ିବାକୁ ଲାଗିଲା । ତାଙ୍କ ଶରୀର ଅବଶ ହୋଇଗଲା ଓ ଥାଳି ଉପରେ ମୁଣ୍ଡ ରଖି ସେ ଅଚେତ ହୋଇ ଶୋଇ ପଡ଼ିଲେ ।

(୩)

ପ୍ରାତଃକାଳରେ ଭଗବାନଙ୍କ ମନ୍ଦିର ଖୋଲିଲା; ସେବକମାନେ ନିଜ ନିଜ କାମରେ ଲାଗିଲେ । କିନ୍ତୁ ଭଣ୍ଡାରରକ୍ଷକ ଭଣ୍ଡାର ଖୋଲି ଯାହା ଦେଖିଲେ, ସେଥିରେ ତାଙ୍କର ହୋସ୍ ଉଡ଼ିଗଲା । ସମସ୍ତ ଜିନିଷ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ପ୍ରଭୁଙ୍କର ବହୁମୂଲ୍ୟ ରତ୍ନଥାଳି ନାହିଁ । ସେ ପାଟି କରିବାରୁ ସବୁଲୋକ ଏକାଠି ହୋଇଗଲେ । ଥାଳି କାହିଁ ଗଲା ବୋଲି ସମସ୍ତେ ଖୋଜିବାରେ ଲାଗିଲେ । କେତେ ଲୋକଙ୍କୁ ଯେ ସନ୍ଦେହ କରାଗଲା, ତା'ର ହିସାବ ନାହିଁ । ଫଳରେ ପୂର୍ବକର୍ମର ଫଳଭୋଗରୂପେ କାହା କାହା ଉପରେ

ମାଡ଼ ମଧ୍ୟ ବସିଲା । ଘ୍ୱରିଆଡ଼େ ପାଟି ଶୁଭିଲା । ଖୋଜି ଖୋଜି କେତେକ ଲୋକ ପେଜନଳା ନିକଟକୁ ଆସିଲେ । ଦେଖିଲେ ଥାଳି ଉପରେ ମୁଣ୍ଡ ରଖି ଲୋକଟିଏ ଶୋଇଛି । ତା' ନିକଟରେ ଜଣେ ସ୍ତ୍ରୀ ଓ ତିନୋଟି ପିଲା ମଧ୍ୟ ଶୋଇଛନ୍ତି । 'ଧର, ଧର' ଡାକ ଶୁଭିଲା । ବନ୍ଧୁ ମହାନ୍ତି ପରିବାରସହ ଉଠିଲେ ଓ ଆଗରେ ଲାଲ ଲାଲ ଆଖି କରିଥିବା ବିକରାଳ ଲୋକମାନଙ୍କୁ ଦେଖି ଅବାକ୍ ହୋଇଗଲେ । ପଘ୍ୱରିବାକୁ ମଧ୍ୟ ସୁଯୋଗ ମିଳିଲା ନାହିଁ । ଗାଳି ଓ ମାଡ଼ ବର୍ଷା ହେବାକୁ ଲାଗିଲା । ସ୍ତ୍ରୀ ଓ ପିଲାମାନେ ଚିତ୍କାର କଲେ । ପରନ୍ତୁ ପରମ ବିଶ୍ୱାସୀ ବନ୍ଧୁ ମହାନ୍ତି ଅଚଳ ଅଟଳ ଭାବେ 'ଗୋବିନ୍ଦ' 'ଗୋବିନ୍ଦ' ଡାକୁଥାନ୍ତି, ସତେ ଯେପରି ଏ ଶରୀର ସହିତ ତାଙ୍କର କୌଣସି ସମ୍ବନ୍ଧ ନାହିଁ । ତାଙ୍କ ଉପରେ ଗାଳିମାଡ଼ର କୌଣସି ପ୍ରଭାବ ପଡ଼ିଲା ନାହିଁ । କିପରି ବା ପଡ଼ନ୍ତା ? ସେ ତ ପରମାତ୍ମାଙ୍କ ପ୍ରେମାନନ୍ଦ ସାଗରରେ ବୁଡ଼ି ରହିଥିଲେ । ମହାନ୍ ଆନନ୍ଦରେ ମଜ୍ଜି ରହିଥିଲେ । ସେ ପରମାନନ୍ଦରୂପ ହୋଇଯାଇଥିଲେ । ତେଣୁ ତାଙ୍କୁ ଏ ବାହ୍ୟଦୁଃଖ ସ୍ପର୍ଶ କଲା ନାହିଁ ।

ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥

ବନ୍ଧୁ ମହାନ୍ତିଙ୍କୁ ବନ୍ଦୀ କରାଗଲା । କଚିରୀରେ ପଚରା ଯିବାରୁ ସେ ସବୁକଥା ସତ ସତ କହିଦେଲେ । ରାତିରେ କିପରି ଜଣେ ବ୍ରାହ୍ମଣ ରତ୍ନଥାଳିରେ ତାଙ୍କୁ ମହାପ୍ରସାଦ ଆଣିଦେଇଥିଲେ, ତାହା କହିଲେ । କିନ୍ତୁ ବାହ୍ୟ ସେବା କରୁଥିବା ପୂଜାରୀ ଏହି ଅନ୍ତରଙ୍ଗ ପ୍ରେମର କଥାକୁ କିପରି ବିଶ୍ୱାସ କରନ୍ତେ ? ପିଲାମାନଙ୍କୁ ଓ ସ୍ତ୍ରୀ-ପୁରୁଷ ଉଭୟଙ୍କୁ ବନ୍ଦୀଶାଳାକୁ ପଠାଇଦେଲେ । ହାତପାଦରେ ହାତକଡ଼ୀ ଓ ବେଡ଼ୀ ଲଗାଇଦିଆଗଲା । ବନ୍ଧୁ ମନେ ମନେ ଚିନ୍ତା କଲେ, 'ଏହା ମଧ୍ୟ ମୋ ପ୍ରଭୁଙ୍କର ଏକ ଲୀଳା । ସେ ମୋତେ ପରୀକ୍ଷା କରୁଛନ୍ତି; ମୁଁ ଦୁଃଖରେ ପଡ଼ି ତାଙ୍କୁ ଭୁଲୁଛି, କି ନାହିଁ, ଜାଣିବାକୁ ଘ୍ୱହୁଁଛନ୍ତି ।' ତେଣୁ ସେ କହିଲେ, "ହେ ନାଥ ! ତୁମ ପରୀକ୍ଷାରେ କିଏ ବା ଉତ୍ତୀର୍ଣ୍ଣ ହୋଇପାରିବ ? ହଁ, ତୁମେ ଯଦି ବଳ ଦେବ, ତେବେ କିଛି ବଡ଼ କଥା ନୁହେଁ । ମୋ ମନରେ, କେବଳ ତୁମର ସ୍ମରଣ ହେଉଥାଉ ଓ ତୁମର ମଧୁର ମୂର୍ତ୍ତି ସଦା ମୋ ଅନ୍ତରରେ ନାଚୁଥାଉ । ତା'ପରେ ଯାହା ହେବାର ହେଉ, ମୋର ଚିନ୍ତା ନାହିଁ ।"

ଲୋକମାନେ ବନ୍ଦୀଶାଳାକୁ ଆସନ୍ତି, ଦୁଇଚାରି ପଦ ଗାଳି ଶୁଣାଇ ଚାଲିଯାଆନ୍ତି । ବନ୍ଧୁ ମହାନ୍ତିଙ୍କ ସ୍ତ୍ରୀପୁତ୍ର କାତର ସ୍ୱରରେ କାନ୍ଦୁଥାନ୍ତି । ବନ୍ଧୁ ମହାନ୍ତି ସେମାନଙ୍କୁ ବୁଝାଉଥାନ୍ତି । ତାଙ୍କ ମୁଖମଣ୍ଡଳରେ ଆନନ୍ଦର ରେଖା ପ୍ରକାଶ ପାଉଥାଏ । ମୁଖରୁ ଅନବରତ 'ଗୋବିନ୍ଦ' 'ଗୋବିନ୍ଦ' ଧ୍ୱନି ବାହାରୁଥାଏ ।

ବନ୍ଧୁ ମହାନ୍ତି ମନେ ମନେ କହିଲେ, "ଦେବ ! ମୁଁ ବଡ଼ ପାପୀ, ମୁଁ ଘୋର ଅପରାଧୀ । ମୋତେ ଯେଉଁ ଦଣ୍ଡ ମିଳୁଛି, ତାହା ନିଶ୍ଚିତରୂପେ ମୋର ପାପର ଫଳ । ନାଥ ! ଆପଣଙ୍କର ଅପାର କୃପା । ହେ ମୋର ନାଥ ! ଯେପରି ରଖିବା ଇଚ୍ଛା, ସେପରି ରଖନ୍ତୁ, କିନ୍ତୁ ରଖନ୍ତୁ ନିତ୍ୟ ଆପଣଙ୍କ ଚରଣରେ । ମନେ ରଖନ୍ତୁ ଯେ, ଆପଣଙ୍କ ଛଡ଼ା ମୋର ଆଉ କେହି ଶରଣ ନାହିଁ । ଯାହା କିଛି ହେବ, ତାହା କେବଳ ଏକମାତ୍ର ଆପଣ କରିବେ । ମୁଁ ଏକମାତ୍ର ଆପଣଙ୍କୁ ହିଁ ଜାଣେ ।"

(୪)

ସେ ଦିନଟା ବିତିଗଲା । ମନ୍ଦିର ବନ୍ଦ ହୋଇଗଲା । କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ଆଜି ହିଁ ସମସ୍ତ ବ୍ୟବସ୍ଥା କରିବାକୁ ହେବ । ରାଜା ପ୍ରତାପରୁଦ୍ର ଖୋର୍ଦ୍ଧା ନାମକ ସ୍ଥାନରେ ନିଜର ମହଲରେ ଶୋଇଛନ୍ତି । ରାଜା ଭଗବାନଙ୍କର ବଡ଼ ଭକ୍ତ । ଭଗବାନ ଆଜି ଏଥିନିମନ୍ତେ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଲେ ଓ କର୍କଶ ସ୍ୱରରେ କହିଲେ, "ରାଜନ୍ ! ମୋ ଆଜ୍ଞା ଶୁଣ । ମୋ ଭକ୍ତ ଭୋକରେ କଷ୍ଟ ପାଇ ଯାଜପୁରରୁ ଚାଲି ଚାଲି ଆସି ପାଞ୍ଚଦିନରେ ପହଞ୍ଚିଲା । ସ୍ତ୍ରୀ ଓ ପିଲାମାନଙ୍କ ସହିତ ମୋ ନଗରରେ ପହଞ୍ଚିଲା । ତୁମ କର୍ମଚାରୀମାନଙ୍କ ଦ୍ୱାରା ଅତିଥିସତ୍କାର ହେବା ଉଚିତ ଥିଲା । ପରନ୍ତୁ କେହି ତାଙ୍କୁ କିଛି ବି ପଚାରିଲେ ନାହିଁ । ସେ ବଡ଼ ଭୋକରେ ଥିଲା । ତେଣୁ ମୁଁ ନିଜେ ନିଜର ରତ୍ନଥାଳିରେ ପ୍ରସାଦ ରଖି ତାକୁ ଦେଇଆସିଲି । ରତ୍ନଥାଳି ତ ମୋର; ତାହା ତୁମର ବା ତୁମ ବାପାଙ୍କର ନୁହେଁ । ମୁଁ ତାକୁ ଦେଇଆସିଲି; କାରଣ ସେ ମୋ ଭକ୍ତ । ଏଇଥିପାଇଁ ତୁମ ସେବକମାନେ ତାକୁ ମାରିପିଟି ବନ୍ଦୀ କଲେ । ସେ ସବୁକଥା ସତ ସତ କହିଲା; କିନ୍ତୁ ତୁମ ସେବକମାନେ ତା'ର ଗୋଟିଏ ବି କଥା ଶୁଣିଲେ ନାହିଁ । ତାକୁ ଚୋର କହି ମାରପିଟ କରି

ବନ୍ଦୀଶାଳାକୁ ନେଇଗଲେ । ସେଇଠି ବେଡ଼ୀ ହାତକଡ଼ୀ ଦେଇ ତାକୁ ବନ୍ଦୀ କଲେ । ଏବେ ତୁମେ ଯଦି ନିଜର ଭଲ ଚାହୁଁଥାଅ, ତେବେ ଏହିକ୍ଷଣି ଯାଇ ତାକୁ ମୁକ୍ତ କର ଓ ପୂର୍ଣ୍ଣସମ୍ମାନର ସହିତ ତା'ର ରହିବା-ଖାଇବାର ସମସ୍ତପ୍ରକାର ବ୍ୟବସ୍ଥା କର । ଆଜିଠାରୁ ତାକୁ ମନ୍ଦିରର ହିସାବରକ୍ଷକ ପଦରେ ନିଯୁକ୍ତ କର । ଡେରି କର ନାହିଁ । ମୁଁ ନିଜେ ନୀଳାଚଳନାଥ ନାରାୟଣ ଏ ଆଦେଶ ଦେଉଛି ।''

ଭଗବାନ ଏତିକି କହି ଅନ୍ତର୍ଦ୍ଧାନ ହୋଇଗଲେ । ରାଜା ଅସ୍ତବ୍ୟସ୍ତ ହୋଇ ଉଠିଲେ; ସେହିକ୍ଷଣି ଘୋଡ଼ା ମଗାଇ ସିଧା ଯାଇ ପୁରୀର କାରାଗାରରେ ପହଞ୍ଚିଲେ । ସେଠାକୁ ଯାଇ ଦେଖିଲେ, ସ୍ୱପ୍ନ କଥା ଅକ୍ଷରେ ଅକ୍ଷରେ ସତ୍ୟ । ସେ ନିଜ ହାତରେ ବନ୍ଧୁ ମହାନ୍ତିଙ୍କ ବେଡ଼ୀ-ହାତକଡ଼ୀ ଖୋଲିଦେଲେ । ବଡ଼ ସମ୍ମାନର ସହିତ ତାଙ୍କୁ ହୃଦୟରେ ଲଗାଇଲେ ଓ କରୁଣାପୂର୍ଣ୍ଣ ଶବ୍ଦରେ କ୍ଷମାପ୍ରାର୍ଥନା କଲେ । ରାଜା କହିଲେ, ''ଏଠାରେ ଲୋକମାନେ ଆପଣଙ୍କୁ ଯେପରି କଷ୍ଟ ଦେଲେ, ତାହା ସେମାନଙ୍କର ଅପରାଧ ନୁହେଁ, ତାହା ମୋର ଅପରାଧ । ମୋତେ ଆପଣ କ୍ଷମା କରନ୍ତୁ ।'' ଏତିକି କହି ରାଜା କାନ୍ଦିଲେ ।

ଭକ୍ତ ପ୍ରକୃତ ବିନୟୀ ହୋଇଥାଏ । ସେ ଅନ୍ୟର ଦୁଃଖ ଦେଖିବା ଜାଣେ ନାହିଁ । ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି, ସନ୍ଥ ହୃଦୟ ଲହୁଣୀଠାରୁ ମଧ୍ୟ ଅଧିକ କୋମଳ । ଲହୁଣୀ ନିଜେ ତାପ ପାଇଲେ ତରଳେ, କିନ୍ତୁ ସନ୍ଥହୃଦୟ ତ ଅନ୍ୟର ତାପ ଦେଖି ତରଳିଯାଏ । ରାଜାଙ୍କ ଦୁଃଖରେ ବନ୍ଧୁ ମହାନ୍ତିଙ୍କୁ ବଡ଼ ଦୁଃଖ ଲାଗିଲା । ସେ କହିଲେ, ''ମହାରାଜ ! ଆପଣ ଏ କ'ଣ କରୁଛନ୍ତି ! ମୁଁ ତୁଚ୍ଛ, ଘୃଣିତ, ପାମର, ମହାପାପୀ । ଆପଣ ମୋତେ ସ୍ପର୍ଶ କରନ୍ତୁ ନାହିଁ ।'' ରାଜା କିନ୍ତୁ ତାଙ୍କୁ ଛାଡ଼ିଲେ ନାହିଁ । ଶେଷରେ ଅତ୍ୟନ୍ତ ସମ୍ମାନର ସହିତ ତାଙ୍କୁ ଭିତରକୁ ନେଇ ତୀର୍ଥଜଳରେ ସ୍ନାନ କରାଇ ସୁନ୍ଦର ବସ୍ତ୍ର ଓ ଆଭୂଷଣ ପିନ୍ଧାଇଲେ । ତାଙ୍କର ସ୍ତ୍ରୀ, ପୁତ୍ର ଆଦିଙ୍କୁ ମଧ୍ୟ ବଡ଼ ସତ୍କାର କଲେ । ମନ୍ଦିରର ଦକ୍ଷିଣ ପଟେ ରହିବାପାଇଁ ତାଙ୍କୁ ସ୍ଥାନ ଦିଆଗଲା । ମନ୍ଦିରର ହିସାବରକ୍ଷକ ପଦରେ ତାଙ୍କୁ ନିଯୁକ୍ତ କରିଦିଆଗଲା ଓ ସବୁଦିନପାଇଁ ପ୍ରସାଦ ପାଇବାକୁ ଲିଖିତ ସନନ୍ଦ ଓ ଦାନପତ୍ର ଦିଆଗଲା ।

ରାଜା ମନେ ମନେ ଭଗବାନଙ୍କୁ ବିନତି କଲେ, "ନାଥ, ଆପଣଙ୍କ ଆଗରେ ହିଁ ଆପଣଙ୍କ ଆଦେଶ ପାଳନ କରିସାରିଛି । ଅପରାଧ କ୍ଷମା କରନ୍ତୁ ।" ଭଗବାନ ସଙ୍କେତରେ ସମ୍ମତି ଓ ପ୍ରସନ୍ନତା ପ୍ରକଟ କଲେ ।

ଭକ୍ତଙ୍କ ଗୌରବ ଗାଥା ସବୁଆଡ଼େ ଖେଳିଗଲା । ଯେଉଁ ଲୋକମାନେ ତାଙ୍କୁ ଗାଳି ଦେଇଥିଲେ, ସେମାନେ ଏବେ ଆସି କ୍ଷମା ମାଗିବାକୁ ଲାଗିଲେ ଓ ତାଙ୍କ ଚରଣରେ ପଡ଼ିଲେ । ବନ୍ଧୁ ମହାନ୍ତିଙ୍କୁ ଏସବୁ କଥା ବଡ଼ ସଙ୍କୋଚ ଲାଗିଲା ଓ ସେ ମନେ ମନେ ନିଜକୁ ହିଁ ଅପରାଧୀ ବୋଲି ଭାବିଲେ ।

ବନ୍ଧୁ ମହାନ୍ତି ସେଠାରେ ରହିଲେ । ବାହାରେ ଓ ଅନ୍ତର ମଧ୍ୟରେ ଭଗବାନଙ୍କର ନିତ୍ୟଦର୍ଶନ ପାଇ ସେ କୃତାର୍ଥ ହୋଇଗଲେ ।

ଧନ୍ୟ ତୁମେ ବନ୍ଧୁ ! ଓ ଧନ୍ୟ ତୁମର ଦୀନବନ୍ଧୁ ! ଆଜି ଦୀନବନ୍ଧୁଙ୍କ କୃପାରେ ବନ୍ଧୁ ମହାନ୍ତି ମହାପୁରୁଷ ହୋଇଗଲେ । ଜଗଦ୍‌ବନ୍ଧୁ ଯାହାଙ୍କର ବନ୍ଧୁ, ତାଙ୍କ ପାଇଁ ସବୁକିଛି ସମ୍ଭବ । ଶ୍ରୀଜଗନ୍ନାଥଙ୍କ ଆୟବ୍ୟୟ ହିସାବ ଏବେଯାଏ ଶ୍ରୀ ବନ୍ଧୁ ମହାନ୍ତିଙ୍କ ବଂଶଜମାନେ ରଖି ଆସୁଛନ୍ତି ।

ବୋଲ—ଭକ୍ତ ଓ ଭଗବାନଙ୍କର ଜୟ !